NOVEMBER 14, 2026
SATURDAY, BHUBANESWAR

ନଭେମ୍ବର ୧୪, ୨୦୨୬
ଶନିବାର, ଭୁବନେଶ୍ୱର

ଅଖରା
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 67 ବର୍ଷ- ୨ ● ସଂଖ୍ୟା- ୬୭ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ହାଇକୋର୍ଟର ମୁଖ୍ୟ ବିଚାରପତି ହେବେ ଜଷ୍ଟିସ୍ ବିଭୂପ୍ରସାଦ ରାଉତରାୟ

କଟକ, ୧୩/୧୧: ଓଡ଼ିଶା ହାଇକୋର୍ଟର ନେତୃତ୍ୱ ନେବେ ବରିଷ୍ଠ ବିଚାରପତି ଜଷ୍ଟିସ୍ ବିଭୂପ୍ରସାଦ ରାଉତରାୟ। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ତାଙ୍କୁ ନିଯୁକ୍ତି ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ ପରେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।ବର୍ତ୍ତମାନର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ନଭେମ୍ବର ୧୫ ତାରିଖରେ ଅବସର ଗ୍ରହଣ କରିବେ। ଏହାପରେ ନଭେମ୍ବର ୧୬ ତାରିଖରୁ ଜଷ୍ଟିସ୍ ରାଉତରାୟ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ। ଭାରତୀୟ ସମ୍ବିଧାନର ଧାରା ୨୨୩ ଅନୁଯାୟୀ ରାଷ୍ଟ୍ରପତି ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ପରବର୍ତ୍ତୀ ସ୍ଥାୟୀ ମୁଖ୍ୟ ବିଚାରପତି ନିଯୁକ୍ତ ହେବା ପର୍ଯ୍ୟନ୍ତ ସେ କାର୍ଯ୍ୟକାରୀ ☞ପୃଷ୍ଠା-୨

ନଭେମ୍ବର ୧୬ରୁ ନୂଆ ଦାୟିତ୍ୱ



ବାନ୍ଦନାରେ ଝଲସିଲା କୁଡୁମୀ ସମାଜର ପରମ୍ପରା

ବାନ୍ଦନା କେବଳ ପର୍ବ ନୁହେଁ, ପ୍ରକୃତି, ମାଟି ଓ ଗୋଧନର ଜୀବନ୍ତ କାବ୍ୟ: ମୁଖ୍ୟମନ୍ତ୍ରୀ

- କୁଡୁମୀ ସମାଜର ଐତିହ୍ୟ ଓ ଏକତାକୁ ସଲାମ
- ବାନ୍ଦନା ପରବରେ ମୁଖ୍ୟମନ୍ତ୍ରୀଙ୍କ ବିକାଶର ପ୍ରତିଶ୍ରୁତି
- ପରମ୍ପରାରେ ମାଟିର ମମତା, ବାନ୍ଦନାରେ ପ୍ରକୃତିର ବନ୍ଦନା



ବାରିପଦା, (୧୩/୧୧):କୁଡୁମୀ ସମାଜର ପ୍ରାଚୀନ ପରମ୍ପରା, କୃଷିଭିତ୍ତିକ ଜୀବନଶୈଳୀ ଓ ପ୍ରକୃତି ପ୍ରତି ଅଟୁଟ ଭଲପାଇବାର ଗାଥାକୁ ନେଇ ମୟୂରଭଞ୍ଜ ଜିଲ୍ଲାର ଆଗୁଆଡ଼ଠାରେ ଆୟୋଜିତ ହୋଇଛି ଜାତୀୟ ବାନ୍ଦନା ପରବ-୨୦୨୬। ଏହି ଭବ୍ୟ ସାଂସ୍କୃତିକ ମହାମିଳନରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଡୁମୀ ସମାଜର ଐତିହ୍ୟ, ଶ୍ରମନିଷ୍ଠା ଓ ପ୍ରକୃତି ସହ ସହାବସ୍ଥାନର ଅନନ୍ୟ ପରମ୍ପରାକୁ ଉଚ୍ଚ ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ ।ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବାନ୍ଦନା କେବଳ ଏକ ପର୍ବ ନୁହେଁ, ଏହା ପ୍ରକୃତି, ମାଟି, ଗୋଧନ ଓ ମାନବୀୟ ସମ୍ପର୍କର ଏକ ଜୀବନ୍ତ କାବ୍ୟ। ପ୍ରକୃତିର ପୂଜା, କୃଷି ସଂସ୍କୃତିର ଆରାଧନା ଏବଂ ମାଟି ପ୍ରତି କୃତଜ୍ଞତାର ଏହି ପରମ୍ପରା ଆମ ସଂସ୍କୃତିର ପ୍ରକୃତ ଆତ୍ମା। କୁଡୁମୀ ସମାଜ ମାଟିକୁ ନିଜ ଝାଳରେ ସିଞ୍ଚି ଶସ୍ୟଶ୍ୟାମଳା କରିବା ସହ ପ୍ରକୃତିକୁ ମା' ଭାବେ ପୂଜା କରିବାର ମହାନ ପରମ୍ପରାକୁ ଆଜି ବି ଜୀବନ୍ତ ରଖିଛି ।ମୟୂରଭଞ୍ଜକୁ ନିଜର ଦ୍ୱିତୀୟ ଘର ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ କୁଡୁମୀ ସମାଜ ସହ ନିଜର ବାଲ୍ୟସ୍ମୃତି ଓ ଆତ୍ମୀୟତାକୁ ମନେ ପକାଇଥିଲେ। ସାନ୍ତାଳ ଓ କୁଡୁମୀ ସମ୍ପ୍ରଦାୟ ମଧ୍ୟରେ ରହିଥିବା ଭାଇଚାରା ଓ ସାମାଜିକ ସମନ୍ୱୟକୁ ଆଦିବାସୀ ସଂସ୍କୃତିର ଶକ୍ତି ବୋଲି ସେ ଉଲ୍ଲେଖ କରିଥିଲେ।

କୁଡୁମୀ ସମାଜର ଐତିହାସିକ ପରିଚୟ ଓ ସାମାଜିକ ଅବଦାନ ଉପରେ ଆଲୋକପାତ କରି ସେ କହିଥିଲେ ଯେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ଏହି ପରିଶ୍ରମୀ କୃଷକ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। କୃଷିଠାରୁ ଆରମ୍ଭ କରି ବାଣିଜ୍ୟ, ଶିକ୍ଷା ଓ ଚାକିରି କ୍ଷେତ୍ର ପର୍ଯ୍ୟନ୍ତ କୁଡୁମୀ ସମାଜ ନିଜର ଦକ୍ଷତା ପ୍ରତିପାଦନ କରିଆସିଛି। କୁଡୁମୀ ସମାଜକୁ ଆଦିବାସୀ ତାଲିକାରେ ସାମିଲ ଏବଂ କୁଡୁମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ଥାନ ଦେବା ପାଇଁ ଦୀର୍ଘଦିନର ଦାବିକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ। ବାନ୍ଦନା, ☞ପୃଷ୍ଠା-୨

ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

- ନଭେମ୍ବର ୧୬ରେ ଆସିବେ ଉପରାଷ୍ଟ୍ରପତି
- ୨୪ ଓ ୨୫ ତାରିଖରେ ରାଷ୍ଟ୍ରପତି
- ସୁରକ୍ଷା, ସାସ୍ଥ୍ୟସେବା ଓ ଯାତାୟାତ ବ୍ୟବସ୍ଥା ଉପରେ ଗୁରୁତ୍ୱ
- ତ୍ରୁଟିଶୂନ୍ୟ ଆୟୋଜନ ପାଇଁ ମୁଖ୍ୟ ଶାସନ ସଚିବଙ୍କ କଡ଼ା ନିର୍ଦ୍ଦେଶ

ଭୁବନେଶ୍ୱର, ୧୩/୧୧ : ଓଡ଼ିଶାକୁ ଆସୁଛନ୍ତି ଦେଶର ଦୁଇ ସର୍ବୋଚ୍ଚ ସାମ୍ବିଧାନିକ ପଦାଧିକାରୀ। ନଭେମ୍ବର ୧୬ ତାରିଖରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ନଭେମ୍ବର ୨୪ ଓ ୨୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତରେ ଆସିବେ। ଏହି ଦୁଇ ମହାମହିମଙ୍କ ଗସ୍ତକୁ ସୁବ୍ୟବସ୍ଥିତ, ସୁରକ୍ଷିତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି ।ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉଭୟ ମହାମହିମଙ୍କ ଗସ୍ତ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ବିଭିନ୍ନ ବିଭାଗ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା, ନିର୍ଦ୍ଧାରିତ ସମୟରେ ସମସ୍ତ ପ୍ରସ୍ତୁତି ଶେଷ ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ମୁଖ୍ୟ ଶାସନ ସଚିବ ☞ପୃଷ୍ଠା-୨

୬୨୫ କୋଟିର ଜଳ ସଂରକ୍ଷଣ ମହାଯୋଜନା

ଭୁବନେଶ୍ୱର, ୧୩/୧୧ : ଜଳ ସଂରକ୍ଷଣ ଓ ଜଳ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ବଡ଼ ପଦକ୍ଷେପ। ରାଜ୍ୟର ୫ଟି ଜିଲ୍ଲାରେ ୫ଟି ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର (ISS) ପ୍ରକଳ୍ପ ନିର୍ମାଣ ପାଇଁ ୬୨୫.୪୭ କୋଟି ଟଙ୍କାର ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପ ଦ୍ୱାରା ରାୟଗଡ଼ା, କଳାହାଣ୍ଡି, ଗଞ୍ଜାମ, ବଲାଙ୍ଗୀର ଓ ସୋନପୁର ଜିଲ୍ଲାର ୭୪ଟି ଗାଁର ପ୍ରାୟ ୭୨ ହଜାର ଲୋକ ଉପକୃତ ହେବେ। ଏହା କେବଳ ଜଳ ସଂରକ୍ଷଣ ନୁହେଁ, ବରଂ କୃଷି, ମତ୍ସ୍ୟଚାଷ ଓ ଗ୍ରାମୀଣ ଅର୍ଥନୀତିକୁ ମଜଭୁତ କରିବାରେ ନୂଆ ସମ୍ଭାବନା ସୃଷ୍ଟି କରିବ ।ମଞ୍ଜୁରୀ ପାଇଥିବା ପାଞ୍ଚଟି ପ୍ରକଳ୍ପ ମଧ୍ୟରେ ରାୟଗଡ଼ା ଜିଲ୍ଲାର ବଂଶଧାରା ନଦୀରେ ଧୁଆଁପଦର ଏବଂ ନାଗାବଳୀ ନଦୀରେ ରେବତୀଗୁଡ଼ା ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ପ୍ରକଳ୍ପ ☞ପୃଷ୍ଠା-୨

୫ ଜିଲ୍ଲାର ୭୨ ହଜାର ଲୋକଙ୍କୁ ମିଳିବ ଲାଭ

ପେନ୍‌ସନ୍ ବ୍ୟବସ୍ଥାରେ ନୂଆ ଅଧ୍ୟାୟ
ଆଉ ଦୌଡ଼ିବାକୁ ପଡ଼ିବନି ଅଫିସ୍

- ୟୁନିଫାଏଡ୍ ପେନ୍‌ସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ୍‌ର ଶୁଭାରମ୍ଭ
- ୮୦ ବର୍ଷ ହେଲେ ମିଳିବ ମାସିକ ୩,୫୦୦ ଟଙ୍କା ପେନ୍‌ସନ୍
- ଗଁଦିଆ ବ୍ଲକର ୨୦୦ ନୂତନ ହିତାଧିକାରୀଙ୍କୁ ମଞ୍ଜୁରୀ ପତ୍ର ପ୍ରଦାନ



ଗଁଦିଆ, ୧୩/୧୧ (ବେତୁଜୀ ପ୍ରସାଦ): ବୟସର ଅପରାହ୍ନରେ ଆର୍ଥିକ ଅସହାୟତା ଯେପରି କାହା ପାଇଁ ଚିନ୍ତାର କାରଣ ନ ହୁଏ, ସେଥିପାଇଁ ସାମାଜିକ ସୁରକ୍ଷା ପେନ୍‌ସନ୍ ବ୍ୟବସ୍ଥାରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛନ୍ତି ରାଜ୍ୟ ସରକାର। ୮୦ ବର୍ଷ ବୟସ ପୂରଣ କରୁଥିବା ପେନ୍‌ସନ୍ ହିତାଧିକାରୀଙ୍କୁ ଏଣିକି ମାସିକ ୩,୫୦୦ ଟଙ୍କା ପେନ୍‌ସନ୍ ପ୍ରଦାନ କରାଯିବ। ଏଥିପାଇଁ ଆଉ ନୂତନ ଆବେଦନ କରିବାକୁ ପଡ଼ିବ ନାହିଁ। ସତଃପ୍ରବୃତ୍ତ ଭାବେ ଏହି ବର୍ଦ୍ଧିତ ପେନ୍‌ସନ୍ ମିଳିବାର ବ୍ୟବସ୍ଥା କରାଯାଇଛି।

ସାମାଜିକ ସୁରକ୍ଷା ପେନ୍‌ସନ୍ ବ୍ୟବସ୍ଥାକୁ ଅଧିକ ସଚ୍ଛ, ସରଳ ଓ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ୟୁନିଫାଏଡ୍ ପେନ୍‌ସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ୍ (UPMP) ର ଶୁଭାରମ୍ଭ ସହ ନୂତନ ହିତାଧିକାରୀଙ୍କୁ ପେନ୍‌ସନ୍ ମଞ୍ଜୁରୀ ପ୍ରଦାନ ନିମନ୍ତେ ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ବ୍ଲକସ୍ତରୀୟ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ ସମାଜର ଶେଷ ଧାଡ଼ିରେ ଥିବା ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚାଇବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ପେନ୍‌ସନ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ସହ ପ୍ରକୃତ ହିତାଧିକାରୀଙ୍କୁ ବିନା ବିଳମ୍ବରେ ସହାୟତା ପ୍ରଦାନ ଦିଗରେ ଏହି ଡିଜିଟାଲ୍ ବ୍ୟବସ୍ଥା ଏକ ଐତିହାସିକ ପଦକ୍ଷେପ। ବିକଶିତ ଓଡ଼ିଶା-୨୦୩୬ ଗଠନ ଲକ୍ଷ୍ୟ ☞ପୃଷ୍ଠା-୨

ସଦର ବ୍ଲକରେ ମିଳିଲା ଭତ୍ତା, ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ହିତାଧିକାରୀ

ଢେଙ୍କାନାଳ,୧୩/୧୧ (ବିଜ୍ଞାନ ମହାନ୍ତି) ବହୁଦିନର ଅପେକ୍ଷାର ଅନ୍ତ ଘଟିଛି। ବର୍ଷ ବର୍ଷ ଧରି ଆବେଦନ କରି ଅପେକ୍ଷା କରିଥିବା ହିତାଧିକାରୀଙ୍କୁ ମିଳିଛି ଭତ୍ତା। ଢେଙ୍କାନାଳ ସଦର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଢେଙ୍କାନାଳ ବିଧାୟକ ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ୩୦୦ ଜଣ ଯୋଗ୍ୟ ☞ପୃଷ୍ଠା-୨

୩୦୦ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ବହୁଦିନର ଅପେକ୍ଷାର ଅନ୍ତ



ସରକାରଙ୍କ ସହାୟତା ଆମ ପାଇଁ ବଡ଼ ଆଶା ଓ ଭରସା



ମୁଁ ଜଣେ ପେନ୍‌ସନ୍ ହିତାଧିକାରୀ ଭାବେ ଓଡ଼ିଶା ସରକାରଙ୍କ ଏହି ନୂତନ ପଦକ୍ଷେପକୁ ସ୍ୱାଗତ କରୁଛି। ବୟସ ବଢ଼ିବା ସହିତ ଆର୍ଥିକ ଆବଶ୍ୟକତା ମଧ୍ୟ ବଢ଼ିଥାଏ। ଏଭଳି ସମୟରେ ମାସିକ ପେନ୍‌ସନ୍ ଆମ ଭଳି ବୟୋଜ୍ୟେଷ୍ଠଙ୍କ ପାଇଁ ବହୁତ ବଡ଼ ସାହାରା ହେବ। ଏଥିପାଇଁ ମୁଁ ଓଡ଼ିଶା ସରକାର ଓ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି। ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା, ସରକାର ଆମ ଭଳି ଅସହାୟ ଲୋକଙ୍କ ପାଇଁ ଏଭଳି ସହାୟତା ଜାରି ରଖନ୍ତୁ।

ଗୟାଧର ସାହୁ (ଆଙ୍କୁଦା)
ପେନ୍‌ସନ୍ ହିତାଧିକାରୀ

ବୟୋଜ୍ୟେଷ୍ଠଙ୍କ ପାଇଁ ପେନ୍‌ସନ୍‌ର ନୂଆ ବ୍ୟବସ୍ଥା, ଜୀବନରେ ଆଣିବ ନୂଆ ଆଶା



ମୋ ମତରେ, ବୟସର ଅପରାହ୍ନରେ ଜଣେ ବୃଦ୍ଧବୃଦ୍ଧାଙ୍କୁ ଆର୍ଥିକ ସହାୟତା ଓ ସମ୍ମାନର ସହ ବଞ୍ଚିବାର ସୁଯୋଗ ଦେବା ଏକ ମହତ୍ କାର୍ଯ୍ୟ। ୮୦ ବର୍ଷ ବୟସ ପୂରଣ କଲେ ୩,୫୦୦ ଟଙ୍କା ପେନ୍‌ସନ୍‌ର ବ୍ୟବସ୍ଥା ନିଶ୍ଚିତ ଭାବେ ଅନେକ ବୟୋଜ୍ୟେଷ୍ଠଙ୍କ ପାଇଁ ଆଶାର ଆଲୋକ ହେବ। ଏଭଳି ଜନକଲ୍ୟାଣକାରୀ ପଦକ୍ଷେପ ପାଇଁ ମୁଁ ଓଡ଼ିଶା ସରକାର ଏବଂ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ମୋର ଅନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଉଛି। ଏହି ଯୋଜନାର ସୁଫଳ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚୁ, ଏହା ହିଁ ମୋର ଆଶା ଓ ପ୍ରାର୍ଥନା। ମାନବ ସେବା ହିଁ ମାଧବ ସେବା।

ରଞ୍ଜିତା ରାଣୀ ଲେଙ୍କା
ଗଁଦିଆ (ସମାଜସେବୀ)

ମୋର ବ୍ୟକ୍ତିଗତ ମତରେ, ସମାଜର ବୟୋଜ୍ୟେଷ୍ଠ, ଅସହାୟ ଓ ନିରାଶ୍ରୟ ଲୋକଙ୍କ ପାଇଁ ଆର୍ଥିକ ସୁରକ୍ଷା ଯୋଗାଇଦେବା ହେଉଛି ଏକ ମହାନ ମାନବିକ ପଦକ୍ଷେପ। ପେନ୍‌ସନ୍ ମିଳିବାର ବ୍ୟବସ୍ଥା ନିଶ୍ଚିତ ଭାବେ ବୟୋଜ୍ୟେଷ୍ଠଙ୍କ ଜୀବନରେ ନୂଆ ଆଶା ଓ ଭରସା ସୃଷ୍ଟି କରିବ। ଏହି ଜନକଲ୍ୟାଣକାରୀ ଯୋଜନା ଆରମ୍ଭ କରିଥିବାରୁ ମୁଁ ଓଡ଼ିଶା ସରକାରଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି। ବିଶେଷକରି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଥିବାରୁ ମୋର ଅନ୍ତରିକ କୃତଜ୍ଞତା ଓ ସାଧୁବାଦ। ମୋର ଆଶା, ଏଭଳି ଜନହିତକର ଯୋଜନା ସମାଜର ଶେଷ ଧାଡ଼ିରେ ଥିବା ଯୋଗ୍ୟ ବ୍ୟକ୍ତିଙ୍କ ନିକଟରେ ପହଞ୍ଚୁ। କାରଣ ଅସହାୟଙ୍କ ମୁହଁରେ ହସ ଫୁଟାଇବା ହିଁ ପ୍ରକୃତ ମାନବିକତା।



ହରିହର ସାହୁ
ଇଲେଇଜଙ୍ଗ (କାର୍ଯ୍ୟକାରୀ ସଭାପତି)
ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ
ସଭାପତି ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶା



ବୁଢ଼ାବୁଢ଼ୀ ଓ ଗରିବ ଲୋକଙ୍କ ପାଇଁ ସରକାର ଯେଉଁ ସହାୟତାର ବ୍ୟବସ୍ଥା କରୁଛନ୍ତି, ସେଥିପାଇଁ ମୁଁ ବହୁତ ଖୁସି। ବୟସ ହେଲା ପରେ ହାତଗୋଡ଼ ଆଉ ଆଗଭଳି ଚଳୁନି, କାମଧନ୍ଦା କରିବାକୁ ବି ବଳ ପାଉନି। ଏମିତି ବେଳେ ମାସକୁ ମାସ ପେନ୍‌ସନ୍ ଟଙ୍କା ମିଳିଲେ ଚଳିବା ପାଇଁ ବହୁତ ସାହାଯ୍ୟ ହେବ। ଔଷଧପତ୍ର କିଣିବାଠାରୁ ଆରମ୍ଭ କରି ଛୋଟମୋଟ ଖର୍ଚ୍ଚ ପର୍ଯ୍ୟନ୍ତ ଏହି ଟଙ୍କା ବୁଢ଼ାବୁଢ଼ୀଙ୍କ ପାଇଁ ବଡ଼ ଭରସା। ଏଥିପାଇଁ ଓଡ଼ିଶା ସରକାର ଓ ଆମ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ମୋ ତରଫରୁ ଅନେକ ଅନେକ ଧନ୍ୟବାଦ। ଗରିବ ଓ ଅସହାୟ ଲୋକଙ୍କ କଥା ଭାବି ଏମିତି ଯୋଜନା କରୁଥିବାରୁ। ଭଗବାନ ଆପଣମାନଙ୍କର ମଙ୍ଗଳ କରନ୍ତୁ।

ଖଗେଶ୍ୱର ନାୟକ
ବାଲିଯୋରନ୍ଦା (ସାଧାରଣ ଜନତା)

ଆଲୋକରେ ଝଲସିଲା ଢେଙ୍କାନାଳ ଷ୍ଟାଡିୟମ



ରାତିରେ ବି ଚାଲିବ କ୍ରୀଡ଼ାର ମହାକୁମ୍ଭ, ଢେଙ୍କାନାଳ ହେବ କ୍ରୀଡ଼ା ହବ୍



କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ: ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଢେଙ୍କାନାଳ,୧୩/୧୧ (ସୁଶାନ୍ତ କୁମାର ପାଣୀ):ଢେଙ୍କାନାଳର କ୍ରୀଡ଼ା ଭିତ୍ତିଭୂମି ବିକାଶରେ ଯୋଡ଼ିହେଲା ନୂଆ ଅଧ୍ୟାୟ। ଦୀର୍ଘଦିନର ପ୍ରତୀକ୍ଷାର ଅନ୍ତ ଘଟାଇ ଢେଙ୍କାନାଳ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି ଅତ୍ୟାଧୁନିକ ଫ୍ଲଡ୍ ଲାଇଟ୍ ବ୍ୟବସ୍ଥା। ଏଣିକି ଦିନ ସହିତ ରାତିରେ ମଧ୍ୟ ଷ୍ଟାଡିୟମରେ ଖେଳାଯାଇପାରିବ ବିଭିନ୍ନ କ୍ରୀଡ଼ା। ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଫ୍ଲଡ୍ ଲାଇଟ୍ ବ୍ୟବସ୍ଥାର ଶୁଭ ଉଦ୍‌ଘାଟନ କରିଥିଲେ। ଜିଏମ୍‌ଆର୍ କମଳାଙ୍ଗ ଏନର୍ଜି ଲିମିଟେଡ୍ ଓ ☞ପୃଷ୍ଠା-୨

ରାୟଗଡ଼ ତରଫରୁ ଜିଲ୍ଲାସ୍ତରୀୟ ଷ୍ଟାର୍ଟଅପ୍ ସଚେତନତା ଓ ନବସୃଜନ ଆହ୍ୱାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ରାୟଗଡ଼, .୧୩/୧୧/: (କୈଳାସ ସାଇଁ) ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ଠାରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ରାୟଗଡ଼ ଦ୍ୱାରା ଏକ ଷ୍ଟାର୍ଟଅପ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । 'ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନ' ଅଭିଯାନର ଅଂଶବିଶେଷ ସରୂପ ଗତ ମାସ ତା.୦୯.୧୦.୨୦୨୬ ଠାରୁ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଯଥା - ଗୁଣୁପୁରସ୍ଥିତ ଜି.ଆଇ.ଇ.ଟି. ବିଶ୍ୱବିଦ୍ୟାଳୟ, ରାୟଗଡ଼ସ୍ଥିତ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟରେ ମୋଟ ୨୦ଟି (କୋଡ଼ିଏଟି) ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ଗତକାଲି ଗୁଣୁପୁରଠାରେ ପ୍ରଥମ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ତଥା ଚୂଡ଼ାନ୍ତ କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ଠାରେ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ୨୦୦ରୁ ଅଧିକ



ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଶିଳ୍ପୋଦ୍ୟୋଗୀ, ଶିଳ୍ପ ସଂଘର ନେତୃବୃନ୍ଦ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଅଂଶଗ୍ରହଣରେ ଅନୁଷ୍ଠିତ ହୋଇଥିଲା । ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାକୁ ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ଉଦ୍‌ଘାଟନ କରିଥିଲେ । କୋରାପୁଟ ସାଂସଦ ଓ ବିକ୍ଷମକଟକ ବିଧାୟକଙ୍କ ସ୍ଥାନୀୟ ପ୍ରତିନିଧି ଦୁର୍ଗାପ୍ରସାଦ ପଣ୍ଡା, ରାୟଗଡ଼ ବିଧାୟକଙ୍କ ପ୍ରତିନିଧି ସଙ୍କର୍ଷଣ ମଙ୍ଗରାଜ, ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓର ଉପନିର୍ଦ୍ଦେଶକ ଏମ୍. କୋଟିରତ୍ନମ୍, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରଶେଖର ପାତ୍ର, ଅବସରପ୍ରାପ୍ତ ସହକାରୀ ଶିଳ୍ପ ଅଧିକାରୀ ଶ୍ରୀ ସବ୍ୟସାଚୀ ସାହୁ ପ୍ରମୁଖ ଯୋଗଦେଇ ଉପସ୍ଥିତ ଯୁବଗୋଷ୍ଠୀ ଓ ଛାତ୍ରଛାତ୍ରୀଙ୍କୁ ଚାକିରି ପଛରେ ନ ଧାଇଁ ଡିଆଇସି ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନାର ସୁଯୋଗ ନେଇ ସ୍ୱାବଲମ୍ବୀ ହେବା ସହିତ ନବସୃଜନାତ୍ମକ ପ୍ରକଳ୍ପ ସ୍ଥାପନ ପାଇଁ ଆହ୍ୱାନ ଦେଇଥିଲେ । ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମଲ୍ଲିକ ଷ୍ଟାର୍ଟଅପ୍ ବିଷୟରେ ବିଶଦ ଧାରଣା ପ୍ରଦାନ କରିଥିଲେ । ପରିଶେଷରେ ଜି.ଆଇ.ଇ.ଟି. ବିଶ୍ୱବିଦ୍ୟାଳୟର ଷ୍ଟାର୍ଟଅପ୍ ବିଶେଷଜ୍ଞ ଡ. ସୁଦୀପ୍ତ ମାଇତୀ ନବସୃଜନ ଧାରଣା ଅନଲାଇନରେ ଦାଖଲ କରିବାର ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ସହକାରୀ ଶିଳ୍ପ ଅଧିକାରୀଗଣ ଶ୍ରୀମତୀ ହର୍ଷା ସାରଥି, ବେଦାର୍ଚନ ରାୟ, ଚିତ୍ତରଞ୍ଜନ ମେହେର, ସୁରଜ କଣ୍ଡୁଳନା, ସ୍ମୃତିରଞ୍ଜନ ପ୍ରଧାନ, ଦୀପକ ହାଁସଦା, ସୁବ୍ରତ ପଟ୍ଟନାୟକ, ବରିଷ୍ଠ ସହାୟକ ସୌମିତ୍ର ପଟ୍ଟନାୟକ, ଦୀପା ଅଧିକାରୀ ଲକ୍ଷ୍ମୀକାନ୍ତ ଜେନା ଏବଂ ଡି.ଆର୍.ପି. ସୁମିତ ପ୍ରଧାନ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ହାଇକୋଟର ମୂଖ୍ୟ ବିଚାରପତି...

ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ତୁଲାଇବେ ।ଜଣେ ଦକ୍ଷ ଆଇନଜୀବୀ ଓ ଅଭିଜ୍ଞ ବିଚାରପତି ଭାବେ ଜଷ୍ଟିସ୍ ରାଉତରାୟଙ୍କର ସତନ୍ତ୍ର ପରିଚୟ ରହିଛି । ଓଡ଼ିଶା ହାଇକୋର୍ଟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ସେ ନିଜର ବିଚାରବୋଧ ଓ ଦକ୍ଷତାର ପରିଚୟ ଦେଇଛନ୍ତି । ତାଙ୍କର ଏହି ନୂତନ ନିଯୁକ୍ତିକୁ ଆଇନଜୀବୀ ମହଲ ଓ ହାଇକୋର୍ଟ ବାର୍ ଆସୋସିଏସନ୍ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି । ଜଷ୍ଟିସ୍ ରାଉତରାୟଙ୍କ ନେତୃତ୍ୱରେ ଓଡ଼ିଶା ହାଇକୋର୍ଟର ନ୍ୟାୟିକ କାର୍ଯ୍ୟଧାରା ଆହୁରି ସୁଦୃଢ଼ ହେବା ସହ ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ ନୂଆ ଗତି ଆସିବ ବୋଲି ଆଶା ପ୍ରକାଶ ପାଇଛି ।

ବାନ୍ଦନାରେ ଝଲସିଲା କୁଡୁମୀ...

କରମ ଓ ଟୁସୁ ପରମ୍ପରାର ମହତ୍ତ୍ୱ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ ଗୋଧନ ସୁରକ୍ଷା, ପରିବେଶ ସଂରକ୍ଷଣ ଓ ନାରୀଶକ୍ତିର ପ୍ରେରଣାଦାୟୀ ଭୂମିକାକୁ ଉଜାଗର କରିଥିଲେ । ଶିକ୍ଷା କ୍ଷେତ୍ରରେ କୁଡୁମୀ ଛାତ୍ରଛାତ୍ରୀଙ୍କ ସଫଳତାକୁ ପ୍ରଶଂସା କରି ସମାଜର ଯୁବପିଢ଼ି ଆଗାମୀ ଦିନରେ ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିବେ ବୋଲି ଆଶା ପ୍ରକାଶ କରିଥିଲେ ।

ରାଜ୍ୟ ସରକାରଙ୍କ ସମାବେଶୀ ବିକାଶ ନୀତିରେ କୁଡୁମୀ ସମାଜର ସାମାଜିକ, ଆର୍ଥିକ, ଶିକ୍ଷାଗତ ଓ ସାଂସ୍କୃତିକ ଉନ୍ନତିକୁ ସତନ୍ତ୍ର ଗୁରୁତ୍ୱ ଦିଆଯାଉଥିବା କହି ମୁଖ୍ୟମନ୍ତ୍ରୀ କଳା ଓ ସଂସ୍କୃତିର ସଂରକ୍ଷଣ, କୃଷକଙ୍କ ଜୀବନଜୀବିକାର ଉନ୍ନତି ଏବଂ ଗୋ-ସମ୍ପଦର ବିକାଶ ପାଇଁ ସରକାରଙ୍କ ସହଯୋଗ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ,ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ଏସ. ଡ଼ି. ସି ଚେୟାରମ୍ୟାନ ଡଃ ବୁଢାନ ମୁର୍ମୁ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଳୀ ମୁର୍ମୁ, ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ଜାତୀୟ ବାନ୍ଦନା ପରବ କମିଟିର ସଭାପତି ଡ଼ଃ କାଳିପଦ ମହାନ୍ତ, ଜାତୀୟ ବାନ୍ଦନା ପରବ କମିଟିର ଉପଦେଷ୍ଟା ଛୋଟଲାଲ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ ।

ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ...

ଗୁରୁତ୍ୱ ଦେଇଛନ୍ତି ।ବୈଠକରେ ରାଜ୍ୟ ଗୃହ ବିଭାଗ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଉଭୟ ଅତିଥିଙ୍କ ଗସ୍ତସୂଚୀ ଉପସ୍ଥାପନ କରିଥିଲେ । ନଭେମ୍ବର ୧୬ ତାରିଖ ସକାଳେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ସତନ୍ତ୍ର ବାୟୁସେନା ବିମାନ ଯୋଗେ ନୂଆଦିଲ୍ଲୀରୁ ଆସି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରେ ପହଞ୍ଚିବେ । ଏହାପରେ ସେ ମେଫେୟାର ସାନକ୍‌ଚୁଆରୀ କନଭେନସନ୍ ହଲ୍‌ରେ ସପ୍ତଦଶ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ । ପରେ କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଆଇକନିକ୍ ଟାୱାର ବା ଏକାଡେମିକ୍ ବିଲ୍ଡିଂ ଉଦ୍‌ଘାଟନ କରି ସେହିଦିନ ଅପରାହ୍ନରେ ନୂଆଦିଲ୍ଲୀ ଫେରିଯିବେ ।

ସେହିପରି ନଭେମ୍ବର ୨୪ ତାରିଖ ମଧ୍ୟାହ୍ନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱରରେ ପହଞ୍ଚି ଲୋକଭବନ ଯିବେ । ସେହିଦିନ ସନ୍ଧ୍ୟାରେ କଟକଠାରେ ଆୟୋଜିତ 'ବାଲିଯାତ୍ରା କଟକ ଉତ୍ସବ-୨୦୨୬'ରେ ମୁଖ୍ୟଅତିଥି ଭାବେ ଯୋଗଦେବେ । କାର୍ଯ୍ୟକ୍ରମ ପରେ ଭୁବନେଶ୍ୱର ଫେରି ରାତ୍ରିଯାପନ କରିବେ । ପରଦିନ ନଭେମ୍ବର ୨୫ ତାରିଖ ସକାଳେ ଭୁବନେଶ୍ୱରସ୍ଥିତ ଡାକ୍ତର ଅଭିନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଜାତୀୟ ହୋମିଓପାଥିକ୍ ବୈଜ୍ଞାନିକ ସମ୍ମିଳନୀରେ ଯୋଗଦେବେ । ଏଥିପାଇଁ ବିଭିନ୍ନ ବିଭାଗ ଓ ସଂସ୍ଥାକୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଦିଆଯାଇଛି ।ଖୋର୍ଦ୍ଧା ଓ କଟକ ଜିଲ୍ଲାପାଳଙ୍କୁ ସାମଗ୍ରିକ କାର୍ଯ୍ୟକ୍ରମର ତଦାରଖ ଦାୟିତ୍ୱ ଦିଆଯାଇଥିବା ବେଳେ ଭୁବନେଶ୍ୱର-କଟକ ପୋଲିସ କମିଶନରେଟ୍ ଏବଂ କଟକ ଡିସିପିଙ୍କୁ ସ୍ଥାନୀୟ ସୁରକ୍ଷା ବ୍ୟବସ୍ଥା ତଦାରଖ କରିବାକୁ କୁହାଯାଇଛି । ସାମଗ୍ରିକ ଭାବେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ ।ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗକୁ ନିଜ ନିଜ ଦାୟିତ୍ୱ ଯଥାସମୟରେ ସମ୍ପନ୍ନ କରିବା ସହ କ୍ଷେତ୍ର ପରିଦର୍ଶନ କରି ପ୍ରସ୍ତୁତିର ସ୍ଥିତି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅତିଥିମାନଙ୍କ ଗସ୍ତ ସମୟରେ ଯେପରି କୌଣସି ଅବ୍ୟବସ୍ଥା ନ ହୁଏ, ସେଥିପାଇଁ ପ୍ରତ୍ୟେକ ସ୍ତରରେ ସମନ୍ୱୟ ଓ ସତର୍କତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏଥିସହ ଗସ୍ତସ୍ଥଳରେ ଜରୁରୀକାଳୀନ ଚିକିତ୍ସା ଦଳ, ଜୀବନରକ୍ଷାକାରୀ ଉପକରଣ ଓ ପର୍ଯ୍ୟାପ୍ତ ସାସ୍ଥ୍ୟସେବା ଉପଲବ୍ଧ କରାଇବା, ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଦୂରଦର୍ଶନ ସହଯୋଗରେ ଗଣମାଧ୍ୟମ ପରିଚାଳନା, ସରକାରୀ ଫଟୋଗ୍ରାଫି ଓ ଆବଶ୍ୟକୀୟ ପାସ୍ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା ହୋଇଛି । ଏଥିପାଇଁ ଗୃହ ବିଭାଗ ପକ୍ଷରୁ ଏକ ସତନ୍ତ୍ର ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ । ବୈଠକରେ ଡିଜିପି ବିନୟତୋଷ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ସଚିବ, ଭୁବନେଶ୍ୱର ମହାନଗର ନିଗମ କମିଶନର ଓ ସମ୍ପୃକ୍ତ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଅଗ୍ନିଶମ ଡିଜି ଡଃ ସୁଧାଂଶୁ ଷଡ଼ଙ୍ଗୀ, କଟକ ଓ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମେତ କଟକ ମହାନଗର ନିଗମ କମିଶନର ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।

୬୨୫ କୋଟିର ଜଳ ସଂରକ୍ଷଣ...

ରହିଛି । ଗଞ୍ଜାମ ଜିଲ୍ଲାର ବାହୁଦା ନଦୀରେ ଭୀମପୁର ପ୍ରକଳ୍ପ, କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ବ୍ଲକ୍‌ର ନିଝରିଦରା ନିକଟରେ ମୁରଲିଯୋର ପ୍ରକଳ୍ପ ଏବଂ ବଲାଙ୍ଗୀର ଓ ସୋନପୁର ଜିଲ୍ଲାର ଜଳ ଆବଶ୍ୟକତା ପୂରଣ ପାଇଁ ଓଙ୍ଗ ନଦୀରେ କୁଟାସିଂହା ବ୍ୟାରେଜ୍ ନିର୍ମାଣ କରାଯିବ । ଏହି ପ୍ରକଳ୍ପଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବର୍ଷାଦିନେ ନଦୀରେ ପ୍ରବାହିତ ଜଳକୁ ସଂରକ୍ଷଣ କରି ଆବଶ୍ୟକ ସମୟରେ ତାହାର ଉପଯୋଗ କରିବା । ଫଳରେ ଖରାଦିନେ ମଧ୍ୟ ଜଳର ଉପଲବ୍ଧତା ବଜାୟ ରହିବ । ଏହା ସହିତ ଭୂତଳ ଜଳସ୍ତର ବୃଦ୍ଧି, କୂଅ ଓ ନଳକୂଅର ଜଳସ୍ତରରେ ସୁଧାର ଏବଂ ଜଳବାୟୁ ପରିବର୍ତ୍ତନଜନିତ ଜଳ ସଙ୍କଟର ମୁକାବିଲାରେ ସହାୟତା ମିଳିବ । ପ୍ରକଳ୍ପଗୁଡ଼ିକ ଦ୍ୱାରା ପାନୀୟ ଜଳ ଯୋଗାଣ ସହିତ ଚାଷଜମିକୁ ଜଳସେଚନ, ପଶୁପାଳନ ଓ ଗ୍ରାମୀଣ ଜୀବିକାର ବିକାଶକୁ ଗୁରୁତ୍ୱ ଦିଆଯିବ । ବିଶେଷକରି ଧୁଆଁପଦର, ମୁରଲିଯୋର ଓ ରେବତୀଗୁଡ଼ା ପ୍ରକଳ୍ପ ମତ୍ସ୍ୟଚାଷ ଏବଂ ଏହା ସହ ଜଡ଼ିତ ଜୀବିକା ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ । ୨୦୨୪ ମସିହାରୁ ରାଜ୍ୟ ସରକାର ଇନଷ୍ଟ୍ରିମ୍ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣକୁ ବିଶେଷ ପ୍ରାଥମିକତା ଦେଇଆସୁଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଜଳ ସଂରକ୍ଷଣ, କୃଷିର ଉନ୍ନତି ଓ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି । ଜଳ ସଂରକ୍ଷଣ ସହ ଚାଷୀଙ୍କ ସମୃଦ୍ଧି ଓ ଗ୍ରାମାଞ୍ଚଳର ଆର୍ଥିକ ବିକାଶକୁ ଏହି ପ୍ରକଳ୍ପ ନୂଆ ଆଧାର ଯୋଗାଇବ ।

ଆଉ ଦୌଡ଼ିବାକୁ...

ପୂରଣରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ବୋଲି ସେ ମତ ଦେଇଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ନୂତନ ପୋର୍ଟାଲ୍‌ର ଉପକାରିତା ସମ୍ପର୍କରେ କହିଥିଲେ ଯେ, ଏହା ମାଧ୍ୟମରେ ବିଭିନ୍ନ ସାମାଜିକ ସୁରକ୍ଷା ପେନ୍‌ସନ୍ ଯୋଜନାକୁ ଗୋଟିଏ ଡିଜିଟାଲ୍ ପ୍ଲାଟଫର୍ମରେ ଉପଲବ୍ଧ କରାଯିବ । ଏହାଦ୍ୱାରା ବରିଷ୍ଠ ନାଗରିକ, ବିଧବା ମହିଳା ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ସହଜରେ, ସଚ୍ଛତାର ସହ ଏବଂ ନିର୍ଦ୍ଧାରିତ ସମୟରେ ଆର୍ଥିକ ସହାୟତା ପାଇପାରିବେ । ଏହି ନୂତନ ବ୍ୟବସ୍ଥାର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଉଛି ୮୦ ବର୍ଷ ବୟସ ପୂରଣ କରୁଥିବା ପେନ୍‌ସନ୍ ହିତାଧିକାରୀଙ୍କ ପାଇଁ ସତଃ ବର୍ଦ୍ଧିତ ପେନ୍‌ସନ୍ ବ୍ୟବସ୍ଥା । ଏହା ଫଳରେ ବୟସାଧିକ୍ୟ ଯୋଗୁଁ ଅସୁବିଧାର ସମ୍ମୁଖୀନ ହେଉଥିବା ବୟୋଜ୍ୟେଷ୍ଠମାନଙ୍କୁ ଆଉ ନୂତନ ଆବେଦନର ଝାମେଲାରେ ପଡ଼ିବାକୁ ପଡ଼ିବ ନାହିଁ । ଏହି ପଦକ୍ଷେପ ସେମାନଙ୍କ ଜୀବନରେ ଆର୍ଥିକ ଆଶ୍ୱାସନା ଆଣିବ ବୋଲି ଆଶା କରାଯାଉଛି ।।ଯୋଗ୍ୟ ବ୍ୟକ୍ତିମାନେ https://upmp.odisha.gov.in ପୋର୍ଟାଲ୍‌ରେ ଅନଲାଇନ୍‌ରେ ଆବେଦନ କରିପାରିବେ । ଏଥିସହ ନିକଟସ୍ଥ କମନ୍ ସର୍ଭିସ୍ ସେଣ୍ଟର (CSC) ଏବଂ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମଧ୍ୟ ଆବେଦନ ସମ୍ପର୍କିତ ସହାୟତା ମିଳିପାରିବ । ଆବେଦନ ଦାଖଲର ପରବର୍ତ୍ତୀ ମାସରୁ ନିୟମିତ ପେନ୍‌ସନ୍ ପ୍ରଦାନ ଆରମ୍ଭ ହେବ । ସମାରୋହରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଁଦିଆ ବ୍ଲକର ୨୦୦ ଜଣ ନୂତନ ହିତାଧିକାରୀଙ୍କୁ ନିଜ ହାତରେ ପେନ୍‌ସନ୍ ମଞ୍ଜୁରୀ ପତ୍ର ପ୍ରଦାନ କରିଥିଲେ । ଯୋଗ୍ୟ ବ୍ୟକ୍ତିମାନେ ଏହି ପୋର୍ଟାଲ୍‌ରେ ଆବେଦନ କରି ସରକାରୀ ଯୋଜନାର ସୁଫଳ ନେବାକୁ ସେ ଆହ୍ୱାନ ଦେଇଥିଲେ ।କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ରିନା ରାଣୀ ଖଟୁଆ, ସାଂସଦଙ୍କ ପ୍ରତିନିଧି ଲଳିତ କୁମାର ଦାସ, କୋଦଣ୍ଡଧର ସାହୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏସ୍. ନୈବେଦ୍ୟ, ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମେତ ବହୁ ଜନପ୍ରତିନିଧି, ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ ହିତାଧିକାରୀ ଉପସ୍ଥିତ ଥିଲେ । ମଞ୍ଚ ପରିଚାଳନା କରିଥିଲେ ଅନ୍ତର୍ଯ୍ୟାମୀ ବାରିକ ।ବୟୋଜ୍ୟେଷ୍ଠଙ୍କୁ ସମ୍ମାନ, ଅସହାୟଙ୍କୁ ସହାୟତା ଏବଂ ଦିବ୍ୟାଙ୍ଗ ଓ ନିରାଶ୍ରୟଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ଦିଗରେ ଏହି ପଦକ୍ଷେପ ଜନକଲ୍ୟାଣର ଏକ ନୂତନ ଦିଗ ଖୋଲିଛି । ଡିଜିଟାଲ୍ ବ୍ୟବସ୍ଥା ମାଧ୍ୟମରେ ପେନ୍‌ସନ୍ ସେବାକୁ ଅଧିକ ସହଜ ଓ ଲୋକଙ୍କ ନିକଟତର କରିବାର ଏହି ପ୍ରୟାସ ଅନେକ ଅସହାୟ ପରିବାରଙ୍କ ପାଇଁ ଆଶାର ଆଲୋକ ହେବ ।

ସଦର ବ୍ଲକରେ ମିଳିଲା...

ହିତାଧିକାରୀଙ୍କୁ ଭତ୍ତା ରାଶି ପ୍ରଦାନ କରାଯାଇଥିଲା । ଦୀର୍ଘ ଅପେକ୍ଷା ପରେ ଭତ୍ତା ଟଙ୍କା ପାଇ ହିତାଧିକାରୀମାନେ ମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ସଦର ବ୍ଲକ ଅଧ୍ୟକ୍ଷ କାଳନ୍ଦୀ ଚରଣ ବାରିକ, ବିଡିଓ ରାହୁଲ ମଣ୍ଡଳ, ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ପ୍ରତିନିଧି ବିଷ୍ଣୁ ପ୍ରସାଦ ଲେଙ୍କା, ସଂଯୁକ୍ତା ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ବହୁ ସରପଞ୍ଚ, ସମିତିସଭ୍ୟ, ବୁଦ୍ଧିଜୀବୀ ଓ ବିଜେପି କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସତ୍ୟନାରାୟଣ କର ପରିଚାଳନା କରିଥିବା ବେଳେ ମାର୍କେଟିଙ୍ଗ ନିରୀକ୍ଷକ ନର୍ସିମା ବେଗମ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଲୋକରେ ଝଲସିଲା...

ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ସ୍ଥାପିତ ଏହି ବ୍ୟବସ୍ଥା ଷ୍ଟାଡିୟମକୁ ନୂଆ ରୂପ ଦେଇଛି । ଫ୍ଲଡ୍ ଲାଇଟ୍ ଜଳିବା ମାତ୍ରେ ଆଲୋକମୟ ହୋଇଉଠିଥିଲା ସମଗ୍ର ଷ୍ଟାଡିୟମ । ଏହାକୁ ଦେଖି କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ଖେଳିଯାଇଥିଲା ।ଏହି ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ କ୍ରୀଡ଼ା କେବଳ ଶାରୀରିକ ସୁସ୍ଥତାର ମାଧ୍ୟମ ନୁହେଁ, ଏହା ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ଉତ୍ତମ ନାଗରିକତାର ପରିଚୟ । ଢେଙ୍କାନାଳକୁ ଏକ ପ୍ରମୁଖ କ୍ରୀଡ଼ା ହବ୍‌ରେ ପରିଣତ କରିବା ସହ ଜିଲ୍ଲାର ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କୁ ଉନ୍ନତ ସୁଯୋଗ ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ସେ ସୂଚନା ଦେଇଥିଲେ ।ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏହି ପ୍ରକଳ୍ପରେ ଜିଏମ୍‌ଆରୁର ସହଯୋଗକୁ ପ୍ରଶଂସା କରିବା ସହ ନୂତନ ଭିତ୍ତିଭୂମିର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସୁରକ୍ଷା

ଅକ୍ଷର
AKHYARA ODISHA ଓଡ଼ିଶା

ଅଭିଯୋଗ ଶୁଣିଲେ ସାଂସଦ ରୁଦ୍ର ପାଣି



ଖଜୁରିଆ କଟା ୧୩/୧୧(ନିଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣି ଏହାର ସମାଧାନ ପାଇଁ ନେଇଛନ୍ତି ପଦକ୍ଷେପ । ସଦାଶିବପୁର ଗ୍ରାମର ବହୁ ବୁଦ୍ଧିଜୀବୀ ସାଂସଦଙ୍କୁ ଭେଟି ଗ୍ରାମ ର ଶ୍ମଶାନ ଗୃହ, ଉଚ୍ଚ ବିଦ୍ୟାଳୟ ରେ ଶ୍ରେଣୀଗୃହ, ସୁରକ୍ଷା ପାଚେରୀ, ଶ୍ମଶାନକୁ ରାସ୍ତା, ନଦୀ କୂଳ ରାସ୍ତା ଆଦି ସମସ୍ୟାର ସମାଧାନ ନିମନ୍ତେ ଦୃଷ୍ଟିଆକର୍ଷଣ କରିଥିଲେ । ସେହିପରି ଭାବେ ଓଡାପଡା ସାମ୍ବାଦିକ ସଙ୍ଘ ପକ୍ଷରୁ ଆଞ୍ଚଳିକ ସମସ୍ୟା ନେଇ ଆଲୋଚନା କରିବା ଅବସର ରେ ଲୋକସଭା ସାଂସଦ ଓଡାପଡା ଗୋଷ୍ଠୀଉର୍ନ୍ନୟନ ଅଧିକାରୀ ଦିଲୀପ ଷଡ଼ଙ୍ଗୀ ଏବଂ ବିଭିନ୍ନ ବିଭାଗ ର ବିଭାଗୀୟ ଅଧିକାରୀ ମାନଙ୍କ ସହ କଥା ହୋଇ କିପରି ସ୍ଥାନୀୟ ଜନସାଧାରଣ କଲ୍ୟାଣକାରୀ ସରକାରୀ ଯୋଜନାର ସୁଫଳ ପାଇପାରିବେ ସେନେଇ ବିଷଦ ଆଲୋଚନା କରିଛନ୍ତି । ଏହି ଆଲୋଚନା ସମୟରେ ସାଂସଦ ଙ୍କ ହିଯୋଳ ପ୍ରତିନିଧି ସୁଶାନ୍ତ ପତି, ଢେଙ୍କାନାଳ ନଗର ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ,ସଦାଶିବପୁର ସରପଞ୍ଚ ଧରିତ୍ରୀ ମଲିକ, ଜୟନ୍ତ ରଥ, ମନୋଜ ମହାରଣା, ତପନ ମହାପାତ୍ର, ସୁଲେଖ ସାଇଁ, ସର୍ଣ୍ଣଲତା ରାଉତ, ଚନ୍ଦନ ମହାଭୋଇ,ପ୍ରବୋଧ ପ୍ରଧାନ, ବିନୋଦ ସାହୁ ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

ପରଜଙ୍ଗ ବିକାଶ ପାଇଁ ବାଧକ ସାଜିଛି କିଏ ?

ମୁଖ୍ୟ ରାସ୍ତାରେ ଖାଲଖମା, ଷ୍ଟ୍ରିଟ୍ ଲାଇଟ୍ ଅଭାବ ରେଳ ସେବା ପ୍ରସ୍ତାବ



ପରଜଙ୍ଗ,୧୩।୧୧(ଅକ୍ଷର ଓଡ଼ିଶା):ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଅଞ୍ଚଳର ବିକାଶକୁ ନେଇ ଏବେ ସାଧାରଣ ଲୋକଙ୍କ ମଧ୍ୟରେ ନାନା ପ୍ରଶ୍ନ ଉଠିବା ସହ ଅସନ୍ତୋଷ ଦେଖାଦେଇଛି । ବିକାଶର ଅନେକ ଦାବି ଓ ପ୍ରତିଶ୍ରୁତି ମଧ୍ୟରେ ଅଞ୍ଚଳର ମୌଳିକ ସମସ୍ୟାଗୁଡ଼ିକ କେବେ ସମାଧାନ ହେବ, ତାହାକୁ ନେଇ ଲୋକେ ପ୍ରଶ୍ନ କରୁଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପରଜଙ୍ଗ ବଜାରରୁ ବ୍ଲକ୍ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଅବସ୍ଥା ଦୀର୍ଘଦିନ ଧରି ଶୋଚନୀୟ ହୋଇରହିଛି । ରାସ୍ତାରେ ଖାଲଖମା ସହ ବର୍ଷା ହେଲେ ପାଣି ଜମି କାଦୁଅ ସୃଷ୍ଟି ହେଉଥିବାରୁ ଯାତାୟାତରେ ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ସାଧାରଣ ଯାତ୍ରୀ ହଇରାଣ ହେଉଛନ୍ତି । କେବଳ ରାସ୍ତା ନୁହେଁ, ଏହି ମୁଖ୍ୟ ରାସ୍ତାରେ ପର୍ଯ୍ୟାପ୍ତ ଷ୍ଟ୍ରିଟ୍ ଲାଇଟ୍ ନଥିବାରୁ ରାତିରେ ଯାତାୟାତ ମଧ୍ୟ ସମସ୍ୟାପୂର୍ଣ୍ଣ ହୋଇପଡ଼ିଛି । ବିଶେଷକରି ପରଜଙ୍ଗ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ରାତି ସମୟରେ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ଏହା ଚିନ୍ତାର ବିଷୟ ପାଲଟିଛି । ଅନ୍ୟପଟେ, ପୁରୀ ରଥଯାତ୍ରା ସମୟରେ ପରଜଙ୍ଗରୁ ପୁରୀ ପର୍ଯ୍ୟନ୍ତ ସତନ୍ତ୍ର ରେଳ ସେବା ଚଳାଚଳ ନେଇ ପ୍ରସ୍ତାବ ଓ ଆଲୋଚନା ହୋଇଥିବା କୁହାଯାଉଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ବାସ୍ତବ ରୂପ ନେଇନାହିଁ । ଫଳରେ ଏହି ରେଳ ସେବାକୁ ଅପେକ୍ଷା କରିଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ନିରାଶା ଦେଖାଦେଇଛି ।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏସବୁ ସମସ୍ୟା ନେଇ ବାରମ୍ବାର ସମ୍ପୃକ୍ତ ବିଭାଗ ଓ ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ଆଖିଦୃଶିଆ ସମାଧାନ ହୋଇପାରିନାହିଁ । ତେବେ ପ୍ରଶ୍ନ ଉଠୁଛି, ପରଜଙ୍ଗ ବଜାରରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କେବେ ହେବ ! ରାତିରେ ସୁରକ୍ଷିତ ଯାତାୟାତ ପାଇଁ ଷ୍ଟ୍ରିଟ୍ ଲାଇଟ୍ କେବେ ଲାଗିବ ! ପରଜଙ୍ଗର ରେଳ ସଂଯୋଗ ନେଇ ହୋଇଥିବା ଆଲୋଚନା କେବେ ବାସ୍ତବ ରୂପ ନେବ ତାହା ଅଞ୍ଚଳବାସୀ ମନରେ ପ୍ରଶ୍ନବାଚୀ ହୋଇରହିଛି ।

ଢେଙ୍କାନାଳ ଟାଉନ ଥାନା ପୋଲିସର ବଡ଼ ଧରପକଡ଼

୪୬ ଗ୍ରାମରୁ ଅଧିକ ବ୍ରାଉନ ସୁଗାର ଜବତ, ୫ ଗିରଫ



ଢେଙ୍କାନାଳ,୧୩/୧୧ (ସୁଶାନ୍ତ କୁମାର ପାଣୀ): ଢେଙ୍କାନାଳ ସହରରେ ନିଶା କାରବାର ବିରୋଧରେ ଟାଉନ ଥାନା ପୋଲିସକୁ ଆଉ ଏକ ବଡ଼ ସଫଳତା ମିଳିଛି । ଗୁରୁବାର ବିଳମ୍ବିତ ରାତିରେ ମହିଷାପାଟ ପାଲିଶ୍ରୀ ମେଳା ପଡ଼ିଆରେ ଚଢ଼ାଉ କରି ପୋଲିସ ୪୬.୨୮ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ୫ ଜଣ ଯୁବକଙ୍କୁ ଗିରଫ କରିଛି । ଜବତ ବ୍ରାଉନ ସୁଗାରର ଆନୁମାନିକ ବଜାର ମୂଲ୍ୟ ୩ ଲକ୍ଷ ୬୮ ହଜାର ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।ପୋଲିସ ସୂଚନା ଅନୁସାରେ, ଗତ ୧୨ ତାରିଖ ରାତି ପ୍ରାୟ ୯ଟା ୧୫ ମିନିଟ୍ ସମୟରେ ଟାଉନ ଥାନା ଅଧିକାରୀ ନିରୀକ୍ଷକ ଡି.କେ. ବେହେରା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ଯେ, ମହିଷାପାଟ ପାଲିଶ୍ରୀ ମେଳା ପଡ଼ିଆରେ କିଛି ଯୁବକ ଏକାଠି ହୋଇ ବ୍ରାଉନ ସୁଗାର ବିକ୍ରି କରୁଛନ୍ତି । ଖବର ପାଇବା ମାତ୍ରେ ଥାନା ଅଧିକାରୀ ବିଳମ୍ବ ନକରି ଏସ୍.ଆଇ ସୌଭାଗ୍ୟ ପାଣିଙ୍କ ନେତୃତ୍ୱରେ ଏକ ସତନ୍ତ୍ର ଟିମ୍ ଗଠନ କରି ଚଢ଼ାଉ ପାଇଁ ପଠାଇଥିଲେ । ପୋଲିସ ଟିମ୍ ଅତର୍କିତ ଭାବେ ମେଳା ପଡ଼ିଆରେ ପହଞ୍ଚି ଘେରାବନ୍ଦୀ କରିଥିଲା । ପୋଲିସକୁ ଦେଖି ଅଭିଯୁକ୍ତମାନେ ଖସି ଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ପୋଲିସ ସେମାନଙ୍କୁ କାବୁ କରିନେଇଥିଲା । ସେମାନଙ୍କ ନିକଟରୁ ଯାଞ୍ଚ ବେଳେ ବ୍ରାଉନ ସୁଗାର ମିଳିଥିଲା । ଚଢ଼ାଉ ବେଳେ ଅଭିଯୁକ୍ତମାନଙ୍କ ନିକଟରୁ ୪୬.୨୮ ଗ୍ରାମ ବ୍ରାଉନ ସୁଗାର ବ୍ୟତୀତ ୩ଟି ଦୁଇ ଚକିଆ ଯାନ ଏବଂ ୫ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଜବତ ଗାଡ଼ି ଗୁଡ଼ିକ ହେଲା - ଟିଭିଏସ୍ ଜୁପିଟର (OD-06-K-3578), ହିରୋ ଏଚ୍.ଏଫ୍ ଡିଲକ୍ସ (OD-21-N-3057) ଏବଂ ବଜାଜ ଚେତକ ଇଭି (OD-06-R-6793)। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବାବୁଲ କୁମାର ସାହୁ (୨୦), ପିତା-ବ୍ରହ୍ମାନନ୍ଦ ସାହୁ, ମହିଷପାଟ, ଟାଉନ ଥାନା,ସାନି ଓରଫ୍ ସ୍ମାଇଲ୍ ଓରଫ୍ ଇସ୍ମାଇଲ୍ ଖାଁ (୨୩), ପିତା-ସମଲ ଖାଁ, ମୀନା ବଜାର, ଟାଉନ ଥାନା,ବୁଟୁନ୍ ଓରଫ୍ ସାହିଲ କୁମାର ଦେହୁରୀ (୨୩), ପିତା-ସର୍ଗତ ଅଭୟ କୁମାର ଦେହୁରୀ, ମହାବୀର ବଜାର, ଟାଉନ ଥାନା,ଶିବା ଓରଫ୍ ଶିବା ପ୍ରସାଦ ନାଏକ (୨୮), ପିତା-କସ୍ତୁ ନାଏକ, ହରିପୁର, ସଦର ଥାନା,ଶଙ୍କର ଓରଫ୍ ସୁବ୍ରତ ନାଏକ, ପିତା-କସ୍ତୁ ନାଏକ, ହରିପୁର, ସଦର ଥାନା । ଏ ନେଇ ଟାଉନ ଥାନାରେ କେସ୍ ନଂ ୮୧୯/୨୦୨୬, ଏନ୍.ଡି.ପି.ଏସ୍ ଆକ୍ଟ ୧୯୮୫ ଧାରା ୨୧(ବି) ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି । ଏହି ନିଶା କାରବାର ପଛରେ ଆଉ କିଏ କିଏ ଜଡ଼ିତ ଅଛନ୍ତି ଏବଂ ବ୍ରାଉନ ସୁଗାର କେଉଁଠୁ ଆଣାଯାଉଥିଲା ସେ ନେଇ ପୋଲିସ ଖୋଳତାଡ଼ କରୁଛି । ଚଢ଼ାଉରେ ଏସ୍.ଆଇ ସୌଭାଗ୍ୟ ପାଣି, ଏସ୍.ଆଇ ଶକ୍ତି ପ୍ରସାଦ ସାହୁ, ଏସ୍.ଆଇ ପ୍ରମେଶ୍ୱର ସବର, ଏ.ଏସ୍.ଆଇ ସଞ୍ଜୟ କୁମାର ଦେହୁରୀ, ଏ.ଏସ୍.ଆଇ ସାରଥୀ ଦେହୁରୀ, ହାଭିଲଦାର ସୁଧାଂଶୁ ଭୂଷଣ ପ୍ରଧାନ, କନଷ୍ଟେବଳ ଜିତୁ ରଞ୍ଜନ ପରିଡ଼ା, କନଷ୍ଟେବଳ ଅମୁଜା ସାହୁ ପ୍ରମୁଖ ସାମିଲ ଥିଲେ । ସହରରେ ବଢୁଥିବା ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୋଲିସର ଏହି ଚଢ଼ାଉକୁ ସାଧାରଣରେ ପ୍ରଶଂସା କରାଯାଇଛି ।

ଭଡା ପ୍ରମାଣପତ୍ରରେ ବେଧଡକରେ ଔଷଧ ଦୋକାନ

ପରଜଙ୍ଗ, ୧୩।୧୧ (ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅଞ୍ଚଳରେ ଏବେ ଛତୁ ଫୁଟିଲା ଭଳି ଖୋଲିବାରେ ଲାଗିଛି ଔଷଧ ଦୋକାନ । ତେବେ କେତେକ ଦୋକାନୀ ନିଜେ ଫାର୍ମାସିଷ୍ଟ ଶିକ୍ଷା ଗ୍ରହଣ କରି ନିଜ ସାର୍ଟିଫିକେଟ୍ ଆଧାରରେ ଲାଇସେନ୍ସ ହାସଲ କରି ଦୋକାନ ଖୋଲିଥିବା ବେଳେ ଅଧିକାଂଶ ଦୋକାନର ମାଲିକ ଫାର୍ମାସିଷ୍ଟଙ୍କ ସାର୍ଟିଫିକେଟ୍ ଭଡ଼ାରେ ଆଣି ଲାଇସେନ୍ସ ହାସଲ କରି ଔଷଧ ଦୋକାନ ଚଳାଉଥିବା ଅଭିଯୋଗ ହେଉଛି । ଏପରିକି ଅନେକ ଦୋକାନୀଙ୍କର ଔଷଧ ସମ୍ପର୍କିତ ଯଥେଷ୍ଟ ଶିକ୍ଷାଗତ ଯୋଗ୍ୟତା ନଥିବାରୁ ଦୋକାନରେ ଅନ୍ୟ ପିଲାଙ୍କୁ ନିଯୁକ୍ତି ଦେଇ ବ୍ୟବସାୟ ଚଳାଉଥିବା ଜଣାପଡ଼ିଛି । ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଔଷଧ ଦୋକାନରେ ଡାକ୍ତରଙ୍କ ଚିଠା ଦେଖି ରୋଗୀଙ୍କୁ ଔଷଧ ଦେଉଥିବା କେତେକ କର୍ମଚାରୀ ମଧ୍ୟ ଫାର୍ମାସିଷ୍ଟ ଶିକ୍ଷା ଗ୍ରହଣ କରିନାହାନ୍ତି । କେବଳ ଅଭିଜ୍ଞତା ଆଧାରରେ ସେମାନେ ରୋଗୀଙ୍କୁ ଔଷଧ ପ୍ରଦାନ କରୁଥିବା ଅଭିଯୋଗ ହୋଇଛି । ଏଭଳି ସ୍ଥିତିରେ ରୋଗୀମାନେ କାହା ଭରସାରେ ଔଷଧ ସେବନ କରୁଛନ୍ତି, ତାହାକୁ ନେଇ ଅଞ୍ଚଳରେ ଚିନ୍ତା ପ୍ରକାଶ ପାଇଛି ।କିଛି ଦୋକାନ ରେ ଡାକ୍ତର ଙ୍କ ବିନା ଚିଠା ରେ ବିଭିନ୍ନ ଔଷଧ ପ୍ରଦାନ କରୁଥିବା ଦେଖିବାକୁ ମିଳିଛି । ନିୟମିତ ବ୍ୟବଧାନରେ ଔଷଧ ଦୋକାନଗୁଡ଼ିକର ଯାଞ୍ଚ ହେଉନଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ଅଭିଯୋଗ ହେଉଛି । ଏପରିକି ନିଜର ଆବଶ୍ୟକ ଯୋଗ୍ୟତା ନଥାଇ ଅନ୍ୟ କର୍ମଚାରୀଙ୍କ ଉପରେ ନିର୍ଭର କରି କେତେକ ବ୍ୟକ୍ତି ଔଷଧ ଦୋକାନ ଖୋଲିବାକୁ ପଛାଉନାହାନ୍ତି ।

ଶ୍ରେଷ୍ଠ ପ୍ରଧାନଶିକ୍ଷୟତ୍ରୀ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ଲିଲି ନାୟକ



କାମାକ୍ଷାନଗର,୧୩/୧୧(ସୁମନ୍ତ ଜେନା)କାମାକ୍ଷାନଗର ବ୍ଲକ ପାଇଁ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ନେଇ ରାଜ୍ୟସ୍ତରରେ ପୁରସ୍କୃତ ହୋଇ କାମାକ୍ଷାନଗର ପାଇଁ ଗର୍ବ ଆଣିଛନ୍ତି ଲିଲି ନାୟକ । ଶ୍ରେଷ୍ଠ ପ୍ରଧାନଶିକ୍ଷୟତ୍ରୀ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି ଲିଲି ନାୟକ । ଜଣେ ଛାତ୍ର ବତ୍ସଳା, ଅମାୟିକ, ମେଳାପୀ ଓ ଶିକ୍ଷାପ୍ରତି ସମର୍ପିତ ବ୍ୟକ୍ତିତ୍ୱ ଭାବେ ସେ କାମାକ୍ଷାନଗର ଅଞ୍ଚଳରେ ବେଶ ଜଣାଶୁଣା । ଦୀର୍ଘ ତିରିଶବର୍ଷ ର ଶିକ୍ଷକତା ଜୀବନରେ ସେ ଅନେକ ମେଧାବୀ ଛାତ୍ର, ଛାତ୍ରୀ ସୃଷ୍ଟି କରିଥିବା ବେଳେ ଜଣେ କର୍ମଠ ଶିକ୍ଷୟତ୍ରୀ ଭାବେ ଶିକ୍ଷକ ମହଲ ରେ ପରିଚିତ । ଗନ୍ଦିଆ ବ୍ଲକ କରମୂଳ ସରକାରୀ ଉପ୍ରା ବିଦ୍ୟାଳୟରୁ ଶିକ୍ଷୟତ୍ରୀ ଜୀବନ ଆରମ୍ଭ କରି ରଙ୍ଗମାଟିଆ, ମଡେଲ ସ୍କୁଲ, (କାମାକ୍ଷାନଗର), ସରକାରୀ ବାଳିକା ଉପ୍ରା ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷୟତ୍ରୀ ଭାବେ ସେ କାମ କରିଛନ୍ତି କ୍ଷ ଏବେ କାମାକ୍ଷାନଗର ବ୍ଲକ ଗୋପାଗାଡ଼ିଆ ସରକାରୀ ଉପ୍ରା ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ଭାବେ ସେ କାର୍ଯ୍ୟ କରୁଛନ୍ତି । ଲିଲି ଙ୍କ ଏହି ପୁରସ୍କାରକୁ ନେଇ କାମାକ୍ଷାନଗର ବ୍ଲକ ଶିକ୍ଷକମହଲ ରେ ବେଶ ପ୍ରଶଂସା କରାଯାଇଛି ।

କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜରେ ହାତୀପଲଙ୍କ ଉପଦ୍ରବ, ନଷ୍ଟ ହେଲା ଧାନ ଫସଲ



କାମାକ୍ଷାନଗର,୧୩/୧୧(ସୁମନ୍ତ ଜେନା) କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜରେ ଥମୁନି ହାତୀପଲଙ୍କ ଉପଦ୍ରବ ।୨ଦିନ ହେବ ପ୍ରାୟ ୪୦ଟି ହାତୀଙ୍କୁ ନେଇ ଗଠିତ ଏକ ବିଶାଳ ହାତୀପଲ ଏବେ ଜନବସତି ମୁହାଁ ହୋଇଥିବାରୁ ଚିନ୍ତାରେ ଅଞ୍ଚଳବାସୀ ।ରାତିରେ ହାତି ରାସ୍ତା ଉପରକୁ ଆସୁଥିବା ଯାତାୟତରେ ମଧ୍ୟ ବାଧା ଉପୁଜୁଛି । ଗତକାଲି ବିଳମ୍ବିତ ରାତିରେ ହାତୀପଲ ସମାଟାଙ୍ଗୀ ଜଙ୍ଗଲରୁ ବାହାରି ବିଜାଡିହି ଅଞ୍ଚଳର ଧାନ ବିଲରେ ପଶିଥିଲେ । ଫଳରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି । ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ବିଲରେ ପାଚିଲା ଧାନର ବାସ୍ନା ହାତୀପଲଙ୍କୁ ଗାଁ ଓ ଚାଷ ଜମି ମୁହାଁ କରୁଛି । ଦିନରେ ଜଙ୍ଗଲ ଭିତରେ ରହୁଥିବା ହାତୀପଲ ରାତି ହେଲେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ବାହାରି ଚାଷ ଜମିରେ ପଶୁଛନ୍ତି । ଧାନ ଫସଲ ଦଳିଚକଟି ନଷ୍ଟ କରିବା ସହ ଖାଇ ଯାଉଥିବାରୁ ଚାଷୀଙ୍କ ବର୍ଷକର ପରିଶ୍ରମ ଉଜୁଡ଼ିବାକୁ ବସିଛି । ଅନ୍ୟପଟେ ହାତୀପଲ ଗାଁ ନିକଟବର୍ତ୍ତୀ ହେଉଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି । ବିଶେଷକରି ରାତି ସମୟରେ ଚାଷ ଜମିକୁ ଯିବା ଏବଂ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ଗ୍ରାମବାସୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡ଼ିଛି ।ତୀପଲଙ୍କୁ ଘଉଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ କରାଯାଇଥିଲେ ମଧ୍ୟ ହାତୀଙ୍କ ଗତିବିଧିକୁ ନେଇ ଚିନ୍ତା ବଢ଼ିଛି ।

ଭକ୍ତିମୟ ପରିବେଶରେ ଗଁଦିଆରେ ମା' ଶ୍ୟାମାକାଳୀଙ୍କ ପୂଜା

ଗଁଦିଆ, ୧୩/୧୧ (ବେତୁଜୀ ପ୍ରସାଦ): ଆଲୋକର ପର୍ବ ଦୀପାବଳିର ପବିତ୍ର ଅମାବାସ୍ୟା ଅବସରରେ ମା' ଶ୍ୟାମାକାଳୀଙ୍କ ଆରାଧନାରେ ମୁଖରିତ ହୋଇଉଠିଛି ଗଁଦିଆ ବଜାର। ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଭାବନାର ଅପୂର୍ବ ସମାଗମ ମଧ୍ୟରେ ଗଁଦିଆ ବସ୍ତ୍ରାଣ୍ଡ ଛକଠାରେ ମା' ସନ୍ତୋଷୀ ବଣିକ ସଂଘ ପକ୍ଷରୁ ମା' ଶ୍ୟାମାକାଳୀଙ୍କ ପୂଜା ମହାଆଡ଼ମ୍ବରରେ ଅନୁଷ୍ଠିତ ହେଉଛି । ଚଳିତ ବର୍ଷ ଏହି ପୂଜା ମଣ୍ଡପ ନିଜର ଦୀର୍ଘ ପରମ୍ପରାକୁ ଆଗକୁ ବଢ଼ାଇ ୩୬ତମ ବର୍ଷରେ ପଦାର୍ପଣ କରିଛି । ୧୯୯୧ ମସିହାରେ ଆରମ୍ଭ ହୋଇଥିବା ଏହି ପୂଜା ଆଜି ଅଞ୍ଚଳବାସୀଙ୍କ ଆସ୍ଥା, ବିଶ୍ୱାସ ଓ ଭକ୍ତିର ଏକ ପ୍ରମୁଖ ଆଧ୍ୟାତ୍ମିକ ଉତ୍ସବରେ ପରିଣତ ହୋଇଛି । ମା'ଙ୍କ ଆଗମନରେ ସମଗ୍ର ଗଁଦିଆ ବଜାର ଏବେ ଉତ୍ସବମୁଖର ହୋଇଉଠିଛି । ଚଳିତ ବର୍ଷ ପୂଜା ମଣ୍ଡପକୁ ଅଧିକ ଆକର୍ଷଣୀୟ ଓ ମନୋରମ କରିବା ପାଇଁ ଆୟୋଜକଙ୍କ ପକ୍ଷରୁ ସତନ୍ତ୍ର ସାଜସଜ୍ଜା କରାଯାଇଛି ।

ଢେଙ୍କାନାଳରେ ବିଜେପିର ବଡ଼ ରଣନୀତି

ବିସିଜେଡ଼ି ଛାଡ଼ି ଏବିଭିପିରେ ଯୋଗଦେଲେ କାମାକ୍ଷାନଗର କଲେଜର ସଭାପତି, ଉପ ସଭାପତି ଓ ସମ୍ପାଦକ

କାମାକ୍ଷାନଗର,୧୩/୧୧(ସୁମନ୍ତ ଜେନା) ଢେଙ୍କାନାଳରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଗଣତନ୍ତ୍ର ବଞ୍ଚାଅ ରାଲି ଅବସରରେ ବିଜେପିକୁ ମିଳିଛି ଏକ ବଡ଼ ସାଂଗଠନିକ ସଫଳତା । ବିଜେପିର ଯୁବନେତା ସରୋଜକାନ୍ତ ବେହେରାଙ୍କ ରଣନୀତି ଓ ଉଦ୍ୟମରେ କାମାକ୍ଷାନଗର କଲେଜର ସଭାପତି କିରଣ କୁମାର ନାୟକ,ଉପସଭାପତି ସୋମ୍ୟରଞ୍ଜନ ମଲ୍ଲିକ ଏବଂ ସମ୍ପାଦକ ଧନଞ୍ଜୟ ସାହୁ BCJD ଛାଡ଼ି ABVPରେ ଯୋଗଦାନ କରିଛନ୍ତି । ଏହି ତିନି ଜଣ ଛାତ୍ରନେତାଙ୍କ ଦଳ ପରିବର୍ତ୍ତନ କାମାକ୍ଷାନଗର ଅଞ୍ଚଳର ଛାତ୍ର ରାଜନୀତିରେ ଏକ ନୂଆ ଚର୍ଚ୍ଚା ସୃଷ୍ଟି କରିଛି । ଧର୍ମେନ୍ଦ୍ର ପ୍ରଧାନଙ୍କ ରାଲି ମଧ୍ୟରେ ଏହି ଯୋଗଦାନ ବିଜେପି ଓ ଏବିଭିପିର ଛାତ୍ର ସଂଗଠନକୁ ଆହୁରି ମଜବୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି ।ଯୁବନେତା ସରୋଜକାନ୍ତ ବେହେରାଙ୍କ ସକ୍ରିୟ ଭୂମିକା ଓ ସାଂଗଠନିକ ଦକ୍ଷତା ଏହି ଘଟଣାରେ ବେଶ୍ ଚର୍ଚ୍ଚାରେ ରହିଛି । ଆଗାମୀ ଦିନରେ କାମାକ୍ଷାନଗର ଅଞ୍ଚଳରେ ଛାତ୍ର ରାଜନୀତିର ସମୀକରଣ କେଉଁ ଦିଗକୁ ଗତି କରିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି ।



ପ୍ରତିକ୍ରିୟା

ଆମ ଦଳର ସଂଗଠନକୁ ତୃଣମୂଳ ସ୍ତରରୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମୁଁ ସର୍ବଦା ନିଷ୍ଠାର ସହ କାର୍ଯ୍ୟ କରିଆସିଛି । କୌଣସି ବ୍ୟକ୍ତିଗତ ସାର୍ଥ ନୁହେଁ, ବରଂ ଦଳର ସଂଗଠନକୁ ମଜଭୁତ କରିବା ଓ କର୍ମୀମାନଙ୍କୁ ଏକଜୁଟ କରିବା ହିଁ ମୋର ମୂଳ ଉଦ୍ଦେଶ୍ୟ । କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କ ସହଯୋଗରେ ଦଳର ସଂଗଠନକୁ ଆଗକୁ ନେବା ପାଇଁ ମୁଁ କାର୍ଯ୍ୟ କରିଛି ଏବଂ ଆଗକୁ ମଧ୍ୟ ଦଳର ହିତ ପାଇଁ କାର୍ଯ୍ୟ ଜାରି ରଖିବି ବୋଲି ସରୋଜକାନ୍ତ ବେହେରା କହିଛନ୍ତି ।

ସରୋଜକାନ୍ତ ବେହେରା

କଲେଜର ଶିକ୍ଷା, ଭିତ୍ତିଭୂମି ଓ ସାମଗ୍ରିକ ବିକାଶକୁ ଆଗକୁ ନେବା ସହ ଛାତ୍ରଛାତ୍ରୀଙ୍କ ସାର୍ଥ ପାଇଁ କାର୍ଯ୍ୟ କରିବା ଲକ୍ଷ୍ୟରେ ମୁଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ABVP)ରେ ଯୋଗଦାନ କରିଛି ।କଲେଜର ଉନ୍ନତି ଓ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଗାମୀ ଦିନରେ ନିଷ୍ଠାର ସହ କାର୍ଯ୍ୟ କରିବି ବୋଲି ସେ ପ୍ରକାଶ କରିଛନ୍ତି ।

କିରଣ କୁମାର ନାୟକ
କାମାକ୍ଷାନଗର କଲେଜର ସଭାପତି

ଭୁବନରେ UPMP ପୋର୍ଟାଲର ଶୁଭାରମ୍ଭ

୧୮୫୯ ନୂତନ ହିତାଧିକାରୀଙ୍କୁ ପେନ୍‌ସନ୍ ମଞ୍ଜୁର



- ବିଧାୟକ ଶତ୍ରୁଘ



ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

ମୁଖ୍ୟ ସମ୍ପାଦକଙ୍କ କଲମରୁ

ଆତ୍ମବିଶ୍ୱାସ

ଗତ ଦଶନ୍ଧି ମଧ୍ୟରେ ଗଲ୍‌ଫ ବା ଉପସାଗରୀୟ ଦେଶ ସହିତ ଭାରତର ସମ୍ପର୍କରେ ଏକ ଗଭୀର ପରିବର୍ତ୍ତନ ଆସିଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିଗତ କୂଟନୀତିର ସ୍ପଷ୍ଟ ପ୍ରଭାବ ରହିଛି। ୨୦୧୪ ପରଠାରୁ ପଶ୍ଚିମ ଏସିଆରେ ନୂଆଦିଲ୍ଲୀକୁ ମିଳିଥିବା ଉପଲବ୍ଧି ଭାରତ-ଉପସାଗରୀୟ ସମ୍ପର୍କ ଇତିହାସରେ ଅତୁଳନୀୟ। ଏହି ସହଭାଗୀତା ହାଇଡ୍ରୋକାର୍ବନ ଏବଂ ଭାରତୀୟ ଶ୍ରମଶକ୍ତି ଉପରେ ପୂର୍ବ ନିର୍ଭରଶୀଳତାଠାରୁ ଢେର ଆଗକୁ ବଢ଼ିଛି। ଏହା ଏକ ଅଧିକ ବିଶ୍ୱସନୀୟ, ଢାଞ୍ଚାଗତ ଏବଂ ରାଜନୈତିକ ଭାବରେ ଆତ୍ମବିଶ୍ୱାସୀ ସମ୍ପର୍କରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜିସିସି (ଗଲ୍‌ଫ କର୍ପୋରେସନ କାଉନସିଲ) ଦେଶଗୁଡ଼ିକୁ ୧୫ ଥର ଗସ୍ତ, ଯେକୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସର୍ବାଧିକ। ଛଅଟି ଆରବ ରାଷ୍ଟ୍ରକୁ ନେଇ ଗଠିତ ଜିସିସି ସବୁଠାରୁ ପ୍ରଭାବଶାଳୀ ଆଞ୍ଚଳିକ ରାଷ୍ଟ୍ରଗୋଷ୍ଠୀ ମଧ୍ୟରୁ ଅନ୍ୟତମ। ଏହା ପଶ୍ଚିମ ଏସିଆର ଆର୍ଥିକ ଏବଂ ରାଜନୈତିକ ଧାରାକୁ ଆକାର ଦେଇଥାଏ।

ଭାରତ ସହ ସମ୍ପର୍କରେ ଏହି ନୂତନ ଆତ୍ମବିଶ୍ୱାସର ସଦ୍ୟତମ ପ୍ରତିଫଳନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦିଆଯାଇଥିବା ସର୍ବୋଚ୍ଚ ନାଗରିକ ସମ୍ମାନ ରୂପରେ ଦେଖିବାକୁ ମିଳିଛି। ଛଅଟି ଉପସାଗରୀୟ ରାଷ୍ଟ୍ର ମଧ୍ୟରୁ ପାଞ୍ଚଟି ରାଷ୍ଟ୍ର ଏବେସୁଦ୍ଧା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସେମାନଙ୍କର ସର୍ବୋଚ୍ଚ ପୁରସ୍କାର ପ୍ରଦାନ କରିସାରିଛନ୍ତି। ଗତ ସପ୍ତାହରେ ଓମାନ ସରକାର ତାଙ୍କର ସର୍ବୋଚ୍ଚ ସମ୍ମାନ ଅର୍ଡର ଅଫ୍ ଓମାନ ପ୍ରଦାନ କରି ଏହି ତାଲିକାରେ ସାମିଲ ହୋଇଛନ୍ତି। ଏଥିପୂର୍ବରୁ ୨୦୧୯ରେ ୟୁଏଇର ଅର୍ଡର ଅଫ୍ ଜାଏଦ, ୨୦୧୬ରେ ସାଉଦି ଆରବର କିଙ୍ଗ ଅବଦୁଲାଜିଜ୍ ସାସ୍, ୨୦୧୯ରେ ବାହାରିନର କିଙ୍ଗ ହମାଦ୍ ଅର୍ଡର ଅଫ୍ ଦି ରେନେସାଁ (ପ୍ରଥମ ଶ୍ରେଣୀ) ଏବଂ ୨୦୨୪ରେ କୁଏତର ମୁବାରକ୍ ଅଲ୍-କବୀରଙ୍କ ଅର୍ଡର ଅଫ୍ ଦି ରେନେସାଁ ପୁରସ୍କାର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଦିଆଯାଇଥିଲା।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ସମ୍ମାନଗୁଡ଼ିକ କେବଳ ଆନୁଷ୍ଠାନିକ ପ୍ରତୀକ ନୁହେଁ। ସମ୍ପୃକ୍ତ ଅଞ୍ଚଳରେ ଏପରି ସମ୍ମାନ କେବଳ ବିଶ୍ୱସନୀୟ, ନିର୍ଭରଯୋଗ୍ୟ ଏବଂ ରଣନୀତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଥିବା ନେତାମାନଙ୍କ ପାଇଁ ସଂରକ୍ଷିତ ରହିଥାଏ। ସେଠାରେ ଏହି ସମ୍ମାନଗୁଡ଼ିକ ବିଶ୍ୱାସର ଏକ ବିରଳ ଗଭୀରତାକୁ ସୂଚିତ କରେ।ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମ ବିଶ୍ୱ ନେତା ଯିଏ ପାଞ୍ଚଟି ଜିସିସି ଦେଶରୁ ଶ୍ରେଷ୍ଠ ସମ୍ମାନ ପାଇଛନ୍ତି। ଏହା ଏକ ରାଜନୈତିକ ବାର୍ତ୍ତା ଯାହା ପ୍ରତୀକାତ୍ମକ ସୀମାଠାରୁ ଊର୍ଦ୍ଧ୍ୱରେ ଏବଂ ଏହା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ଭାରତର ପ୍ରଗତିଶୀଳ ପ୍ରତିଷ୍ଠା ପ୍ରତି ଉପସାଗରୀୟ ଦେଶଗୁଡ଼ିକର ଦୀର୍ଘକାଳୀନ ବିଶ୍ୱାସକୁ ପ୍ରତିଫଳିତ କରେ।

ଶିଶୁ ସହଯୋଗୀ ମାତାପିତା !

ଛୁଆ ବେଳେ ସଞ୍ଜବେଳେ ଗାଁ ଦାଣ୍ଡରେ ଦଉଡ଼ାଦଉଡ଼ି ଖେଳୁଥିବା ବେଳେ ମୁଁ ସଞ୍ଜ ନେଇଯାଉଥିବା ବେଳେ ସେବତୀ ନାନୀ ଦେହରେ ଖୁବ୍ ଜୋରରେ ଧକ୍କା ହେଲି। ଧକ୍କା ମାଡ଼ରେ ସେ ତଳେ ପଡ଼ିଗଲେ। କୁଳକକା ପାଖରେ ଥିଲେ। ସେ ମୋତେ ଧରି ଚାପୁଡ଼ାଏ ପିଠିରେ ଲଗେଇଦେଲେ। ଖେଳ ଭାଙ୍ଗିଗଲା। ସେହିଦିନଠାରୁ ସଞ୍ଜବେଳେ ଦଉଡ଼ା ଦଉଡ଼ି ଖେଳ ଛାଡ଼ିଦେଲି। ଘରେ ଭୟରେ କିଛି କହିଲିନି, କହିଲେ ପୁଣି ମାଡ଼। ରାତି ନଅଟାରେ ଖାଇଲାବେଳେ କୁଳକକା ଘରକୁ ଫେରି ବୋଉକୁ କହିଦଲେ। ''ଆଉ ଦି ଚାପୁଡ଼ା ଦେଇଥାନ୍ତ !'' ବାହାରେ ମାଡ଼ ଖାଇଲେ ବି ଘରେ ଜଣାଇନି, ତା ଉପରେ ପୁଣି ଧମକ ଓ ମାଡ଼। ଘରେ ଜିଦ୍ ବଢିଗଲେ ବୋଉର ମାଡ଼ ମନ ଶାନ୍ତି କରାଇଦିଏ। ଏହି ମାଡ଼ ଅନେକ କଥା ଜଣାଇଥାଏ। ସଂସ୍କାରିତ କରାଏ। ମୋ ସାନଭାଇ ଏତେ ଚଗଲା ହୋଇଥାଏ ଯେ, ଚାଲିଲା ଶଗଡ଼ରେ ବି ହାତ ମାରିଦିଏ। ସବୁଦିନ ଘରେ ତାର ଅଭିଯୋଗ ପହଁଞ୍ଚେ। ବୋଉ ମାଡ଼ ମାରେ, ଅଧିକ ହୋଇଗଲେ ଏକ ଖୁଣ୍ଟରେ ବାନ୍ଧି ବାଡ଼େଇବ। ସାନ ଜେଜେମା ଆସି ବନ୍ଦ କରନ୍ତି ଓ ଖୁଣ୍ଟରେ ବନ୍ଧା ହୋଇଥିବା ଦଉଡ଼ିକୁ ଖୋଲି ଦିଅନ୍ତି। ଦୁଆର ମୁହଁ ଭିତର ଚାଳରେ ଏକ ହଳୁଆ ପାଞ୍ଚଣ ଖୋସାଯାଇଥିବ।

ପିଦ୍ୟାଳୟରେ ପାଠ କରି ନଥିଲେ, ହସ୍ତାକ୍ଷର ଅଙ୍କାବଙ୍କା ହୋଇଥିଲେ ଶିକ୍ଷକ ନାନା ଢଙ୍ଗରେ ମାଡ଼ ଦିଅନ୍ତି। ଆଙ୍ଗୁଠିରେ ପେନସିଲ୍ ରଖି ଚାପିବା, ଦୁଇ ହାତ ପାପୁଲିକୁ ବେତରେ ବାଡ଼େଇବା, ଦେହରେ ଏତେ ଜୋରରେ ମାଡ଼ ଦିଅନ୍ତି ଯେ, ନୋଳା ଫାଟି ରକ୍ତ ବାହାରେ। ଉଠବସ୍ ହେବା, ଚେୟାର ହୋଇ ବସିବା, ଅନ୍ୟ ସାଙ୍ଗମାନଙ୍କ ଦ୍ୱାରା କାନ ମୋଡ଼ି ଚାପୁଡ଼ା ମାରିବା ଆଣ୍ଠୁତଳେ ଗୋଡ଼ି ଦେଇ ଆଣ୍ଠେଇ ହୋଇ ବସିବା ପରି ଅନେକ ପ୍ରକାରର ଦଣ୍ଡର ବ୍ୟବସ୍ଥା ଥିଲା। କେତେକ ପିଲା ପାଠ କରିନଥିବାରୁ ଘରୁ ବସ୍ତାନୀ ଧରି ଆସିବା ବେଳେ ବାଟରେ ଲୁଚିଯାନ୍ତି। ସେଥିପାଇଁ କେତେକ ପିଲା ମାଡ଼ ଭୟରେ ଅଧାରୁ ପାଠ ଛାଡ଼ି ଦିଅନ୍ତି। ଆମ ପୂର୍ବରୁ ଯେଉଁମାନେ ଚାଟଶାଳୀରେ ପଢୁଥିଲେ, ସେମାନେ 'ଶୂନ' ବ୍ୟବସ୍ଥା ରଖିଥିଲେ। ଯିଏ ପ୍ରଥମେ ପହଞ୍ଚିବ, ସେ ମାଡ଼ ଖାଇବନି। ତା ପରେ ସଂଖ୍ୟା ଅନୁସାରେ ବେତ ପାହାର ଖାଇବାକୁ ପଡ଼େ। ଏଥିରୁ ଜାଣିପାରୁଥିବେ, ଶେଷ ଆଡ଼କୁ ଆସୁଥିବା ପିଲାର ଅବସ୍ଥା କଣ ହେଉଥିବ !

ମାଡ଼ ଭୟରେ ଅଧିକାଂଶ ପିଲା ପାଠ ପଢିବାକୁ ଆସନ୍ତି ନାହିଁ। ସମୟ କ୍ରମେ ବିଦ୍ୟାଳୟରେ ଉପସ୍ଥାନ ହାର କମିବାରୁ ସରକାରଙ୍କ ମୁଣ୍ଡରେ ଚେତା ପଶିଲା। ଗତ କେତେବର୍ଷ ହେବ, ବିଦ୍ୟାଳୟକୁ 'ଦଣ୍ଡମୁକ୍ତ ଅଞ୍ଚଳ' ଘୋଷଣା କରାଗଲା। ତଥାପି ମଧ୍ୟ ଏବେ କେତେକ କ୍ରୋଧୀ ଶିକ୍ଷକ ଶିକ୍ଷୟିତ୍ରୀ ପିଲାଙ୍କୁ ଅମାନୁଷିକ ଦଣ୍ଡରେ ଦଣ୍ଡିତ କରାଇ ଚାକିରି ହରାଉଛନ୍ତି। କୁହାଯାଏ ଛୁଆକୁ ଛୋଟବେଳେ ଯେମିତି ଗଢିବା, ସେ ସେପରି ଢାଞ୍ଚାରେ ପଡ଼ିଥାଏ। ଏହି ସମୟରେ ହିଁ ତା'ର ସାସ୍ଥ୍ୟର ବିକାଶ ତଥା ତା'ର ଭବିଷ୍ୟତର ମୂଳଦୁଆ ପଡ଼ିଥାଏ। ପ୍ରାରମ୍ଭିକ ବର୍ଷମାନଙ୍କରେ ମିଳିଥିବା ସ୍ନେହ ଓ ଯତ୍ନ ଶିଶୁର ବିକାଶରେ ବିଶେଷ ସହାୟକ ହୋଇଥାଏ। ଅନ୍ୟ ସମୟ ତୁଳନାରେ ଶିଶୁଟି ଏହି ସମୟରେ ଖୁବ୍ ଶୀଘ୍ର ଶିଖିଥାଏ। ସବୁ ବାପାମା' ପିଲାର ମାନସିକ, ବୌଦ୍ଧିକ ତଥା ଶାରୀରିକ ବିକାଶ ଚାହାନ୍ତି। ଏବଂ ନିଜ ନିଜ ହିସାବରେ ଶିଶୁର ଲାଳନପାଳନ କରିଥାନ୍ତି।

ନିଜ ପିଲାମାନଙ୍କ ଲାଳନପାଳନ ପାଇଁ ଅଭିଭାବକ/ବାପାମା 'ଅଥରେଟିଭ୍', 'ପରମିସିଭ', 'ଜେଣ୍ଟେଲ' ଭଳି ଅନେକ ପ୍ରକାର ପ୍ୟାରେଣ୍ଟିଂ ଷ୍ଟାଇଲ୍ ଆପଣାଇଥାନ୍ତି। ଆଜିକାର ଜେଣ୍ଟେଲ ପ୍ୟାରେଣ୍ଟିଂ ଷ୍ଟାଇଲ୍ ପଦ୍ଧତିକୁ ଅଧିକ ଅନୁସରଣ କରୁଛନ୍ତି। ନୂଆ କରି ବାପାମା' ହୋଇଥିବା ଦମ୍ପତି, କେତେକ ଦମ୍ପତି ଭଲ ସ୍କୁଲରେ ପାଠ ପଢାଇବାକୁ ପିଲା ପେଟରେ ରହିବା ପୂର୍ବରୁ ସ୍କୁଲରେ ଆଡଭାନ୍ସ ସିଟ୍ ରିଜର୍ଭ ରଖୁଛନ୍ତି। ଗର୍ଭଧାରଣ ପୂର୍ବରୁ କିଛି ଦମ୍ପତି ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି। ପୂର୍ବରୁ ପିଲାଟି ମାଟିରେ ଗଡିବା, ବାଲି ମାଟିରେ ଖେଳିବା, କାଦୁଅ ଦେଖିଲେ ଦେହରେ ବୋଳିହେବା ଖାଇବା ଯୋଗୁଁ ପିଲାଟି ଗୁରୁଜନଙ୍କ ପାଖରୁ ମାଡ଼ ଖାଉଥିଲା। କଣ୍ଠଶିଳ୍ପୀ ଅରବିନ୍ଦ ମୁଦୁଲିଙ୍କ ସେହି ''ବାଲି ଖେଳୁଥିଲେ ନନ୍ଦସୂତ କଳା କହ୍ନେଇ'' ତାଙ୍କ କଣ୍ଠର ସୁଳଳିତ ସରରୁ ଭାବାତ୍ମକ ଜଣାଣ ଲୋକଙ୍କ ମନରେ ଶିହରଣ ଖେଳାଇଦେଇଥାଏ। ବାଲିମାଟିରେ ଖେଳିବା



ଅଭିମନ୍ୟୁ ଧଳ
ଓଙ୍ଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ : ୯୮୬୧୦୪୮୦୫୨

ଆମ ଛୋଟ ବେଳର ଏକ ଭାବ, ଯାହା ଆମ ରକ୍ତରେ ପ୍ରବାହିତ। ସେଥିପାଇଁ କୁହାଯାଏ, ମାଟିର ଦେହ- ମାଟିରେ ମିଶିବ। ଏହାଦ୍ୱାରା ପିଲାଙ୍କୁ ଚର୍ମରୋଗ ଓ ଆଲର୍ଜି ହୋଇନଥାଏ ବୋଲି ସାସ୍ଥ୍ୟ ବିଜ୍ଞାନୀଙ୍କ ମତ। ସହରରେ ରହୁଥିବା ଛୋଟପିଲା, ଯିଏ ମାଟି ବାଲିରେ ଖେଳିନାହିଁ, ତାକୁ ସେହି ବାଲି କି ମାଟିଗଦା ପାଖରେ ଛାଡ଼ିଦିଅନ୍ତୁ, ଦେଖିବେ ନିଶ୍ଚୟ ଦାମୀ ଜୋତା ଓ ପୋଷାକ ପିନ୍ଧିଥିବା ସେହି ଛୋଟ ପିଲା ସେଥିରେ ପଶିଯାଇ ଖେଳିବା ଆରମ୍ଭ କରିବ। କିନ୍ତୁ, ଏବେ ଲାଳନପାଳନ ତରିକା ବଦଳିଗଲାଣି। ପିଲାଙ୍କୁ ଜେଣ୍ଟଲ୍ ପ୍ୟାରେଣ୍ଟିଂ ଅର୍ଥାତ ବିନା ଗାଳିମାଡ଼ରେ ବୁଝାଇବାକୁ ଚେଷ୍ଟା କରାଯାଉଛି। ନିକଟରେ ଏକ ପ୍ୟାରେଣ୍ଟିଂ ଷ୍ଟାଇଲକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି, ଯାହାକୁ ''ଫାଫୋ ପ୍ୟାରେଣ୍ଟ' ବୋଲି କୁହାଯାଉଛି। ଏହି ପ୍ୟାରେଣ୍ଟିଂ ଷ୍ଟାଇଲ୍ ପିଲାଙ୍କୁ କଠୋରତା ମଧ୍ୟରେ ନୁହେଁ, ବରଂ ଅଭିଜ୍ଞତା ମାଧ୍ୟମରେ ଶିକ୍ଷା ଦେବା ଉପରେ ଗୁରୁତ୍ୱ ଦେଇଥାଏ। ''ଫାଫୋ''ର ଅର୍ଥ ହେଉଛି ରୁକ୍ଷ ଲାଗୁଥିଲେ ମଧ୍ୟ ଏହା ପଛର ବିଚାରଧାରା ଗଭୀର ଓ ବ୍ୟବହାରିକ ହୋଇଥାଏ। ଏଥିରେ ବାପାମା' ଗାଳିମାଡ଼ ନଦେଇ ନିଜ ଅଭିଜ୍ଞତା ମାଧ୍ୟମରେ ପିଲାଙ୍କୁ ଶିଖିବାକୁ ଅନୁମତି ଦେଇଥାନ୍ତି।

ଏହି କ୍ଷେତ୍ରରେ ପିଲାଟି ଯଦି ବାରମ୍ବାର କଥା ନ ଶୁଣି ସେହି ସମାନ ଭୁଲ ପୁଣି କରୁଛି, ତେବେ ବାପାମା' ତାକୁ ସେହି ପରିସ୍ଥିତିରେ ଛାଡ଼ି ଦେଇଥାନ୍ତି। ଏହାର ପରିଣାମ ପାଇ ସାରିବା ପରେ ସେ ଆପେ ଆପେ ବୁଝିଯାଏ ତାହା ଠିକ୍ କି ଭୁଲ୍। ବର୍ତ୍ତମାନ ଏହି ଟ୍ରେଣ୍ଡ ଅଷ୍ଟ୍ରେଲିଆରେ ଚାଲିଛି। ଏହା ପିଲାମାନଙ୍କ ମଧ୍ୟରେ ଦାୟିତ୍ୱ ତଥାସାଧୀନତାକୁ ପ୍ରୋହିତ କରାଇବା ସହିତ ବାପାମା'ଙ୍କ ଉପରେ ଚାପ କମାଇ ଥାଏ। ରିପୋର୍ଟ ଅନୁସାରେ ଅନେକ ଲୋକ ଏହି ଶୈଳୀକୁ ପ୍ରଶଂସା କରୁଛନ୍ତି। ଏହି ପ୍ୟାରେଣ୍ଟିଂ ଷ୍ଟାଇଲ୍ ପିଲାମାନଙ୍କୁ ଶକ୍ତିଶାଳୀ କରାଇବା ସହିତ ଓ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କରୁଥିବା କୁହାଯାଉଛି।

ଭାରତରେ ବାପାମା'ମାନେ ପ୍ରାୟତଃ ପିଲାମାନଙ୍କ ଲାଳନପାଳନରେ ଅତ୍ୟଧିକ ହସ୍ତକ୍ଷେପ କରନ୍ତି। ଏଭଳି ସ୍ଥଳେ ଫାଫୋ ପ୍ୟାରେଣ୍ଟିଂ ବାର୍ତ୍ତା ହେଉଛି, ସବୁ ସମୟରେ ପିଲାଙ୍କୁ ହେପାଜତରେ ରଖିବା ଅପେକ୍ଷା ସେମାନଙ୍କ ଭୁଲରୁ ଶିଖିବାକୁ ଦେବା ଅଧିକ ଲାଭଦାୟକ। କିନ୍ତୁ ସବୁ କ୍ଷେତ୍ରରେ ଏ ଷ୍ଟାଇଲ୍ ଠିକ୍ ନୁହେଁ। କିନ୍ତୁ ବି ଦପୂର୍ଣ୍ଣ କାଯ୍ୟ ସମୟରେ ସେମାନଙ୍କୁ ରୋକ୍ ଲଗାଇବା ନିହାତି ଦରକାର। ତେଣୁ ଯେଉ କାମକୁ ସେମାନଙ୍କୁ କିଛି ଶିଖିବାର ଶିକ୍ଷା ମିଳିଥାଏ, ସେହି ସମୟରେ ଏହି ପ୍ୟାରେଣ୍ଟିଂ ଆପଣାଇଥିବା ପିଲାଙ୍କ ପାଇଁ ଶୁଭଙ୍କର ହୋଇଥାଏ। ପିଲାମାନେ ଦୁଷ୍ଟହଲେ ଲୋକକଥାଟିଏ ଅଛି, ''ଗୋଡ଼ାଉଥିବୁ ଧରିବୁ ନାହିଁ, ଉଚାଉଥିବୁ ପିଟିବୁ ନାହିଁ''। ଦମ୍ପତି ଓ ପରିବାର ସଦସ୍ୟମାନେ ସର୍ବଦା ଶୃଙ୍ଖଳିତ ଓ ଭାଷାରେ ସଂଜମତା ରକ୍ଷା କରିବା ଉଚିତ୍। ଛୋଟପିଲାଙ୍କ ମୁଣ୍ଡରେ ''ଦରିଦ୍ରତା'' କଥା ପୁରାଇ ଦେଲେ ସେମାନଙ୍କ ମାନସିକ ସ୍ତରରେ ଭାଙ୍ଗି ଢ଼ନ୍ତି। ମିଛ ନ କହିବା ସମସ୍ତେ ଶିଖିବା ଉଚିତ୍। ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଛୋଟ ପିଲାଙ୍କୁ ପ୍ରାଣଭରି ଭଲ ପାଉଥିଲେ। ପଡ଼ୋଶୀ ଘରର ଏକ କୁନିଝିଅ ବାଲକୋନୀରେ ଛିଡ଼ା ହୋଇ ଚାଚା ନେହେରୁଙ୍କୁ ସ୍ୱାଗତ କରେ। ହଠାତ୍ ଦିନେ ତାର ମୃତ୍ୟୁ ଖବର ପାଇ ନେହେରୁ କିଛି ଦିନ ଗଭୀର ମନସ୍ତାପରେ ଥିଲେ। ସେହି ଶିଶୁକନ୍ୟାର ସ୍ମୃତିକୁ ନିଜ ହୃଦୟରେ ରଖିବାପାଇଁ ଠିକ୍ ହୃଦୟରେ ଏକ ଗୋଲାପ ଫୁଲ ମାରିଥାନ୍ତି। ନଭେମ୍ବର ୧୪ ତାରିଖ ନୁହେଁ, ବର୍ଷସାରା ଶିଶୁମାନଙ୍କ ଦିବସ ହେଉ। ସୁନ୍ଦର ଗୋଲାପ କଳିକା, ହସିଦେଲେ ଅମୃତ ଝରେ। ଶିଶୁ ହସିଲେ, ଦେଶ ହସିବ।

କେବଳ କଳ୍ପନାରେ ବଦଳେ ନାହିଁ 'ଜୀବନ'



ଆପଣ କେବେ ମାଚିସ୍ କାଠିକୁ ଧ୍ୟାନର ସହ ଦେଖିଛନ୍ତି ? ତାହା କେତେ ଛୋଟ ଅଟେ। ତାକୁ ଦେଖି ବୋଧହୁଏ ହିଁ କେହି କହିବ ଯେ ଏହା ଭିତରେ ଏତେ ଶକ୍ତି ଅଛି ଯେ ଏହା ଅନ୍ଧାରକୁ ଆଲୋକିତ କରିପାରିବ ଏବଂ ଶୀତରେ ଥରୁଥିବା କୌଣସି ବ୍ୟକ୍ତିଙ୍କୁ ଉଷ୍ମତା ଦେଇପାରିବ। ଏହି ସବୁ ସେହି ଛୋଟ କାଠି ଦ୍ୱାରା ସମ୍ଭବ ଅଟେ। କିନ୍ତୁ, ଏଠାରେ ବୁଝିବା କଥା ଏହା ଯେ କାଠିଟି ନିଜେ ନିଜେ ଜଳିନଥାଏ। ତାର ଭିତରେ ନିଆଁ ସୃଷ୍ଟି କରିବାର କ୍ଷମତା ତ ଅଛି, କିନ୍ତୁ ନିଆଁ ସୃଷ୍ଟି କରିବା ପାଇଁ ତାକୁ ଘଷିବାକୁ ପଡ଼ିଥାଏ। ମଣିଷର ଜୀବନ ମଧ୍ୟ କିଛି ଏମିତି ହିଁ ଅଟେ। ଆପଣଙ୍କ ଭିତରେ ଯେତେ ବି ସମ୍ଭାବନା ଥାଉ ନା କାହିଁକି, କିନ୍ତୁ ସେଗୁଡ଼ିକୁ ବାସ୍ତବତାରେ ବଦଳାଇବା ପାଇଁ ଯଦି ଆପଣ କିଛି କରୁନାହାନ୍ତି, ତେବେ ସେସବୁ କେବଳ ସମ୍ଭାବନା ହୋଇ ହିଁ ରହିଯାଏ।

କ୍ଷମତା ରହିବା ଏବଂ ଏହାର ବ୍ୟବହାର କରିବା ଉଭୟ ଅଲଗା ଅଲଗା କଥା। ଆପଣ କହିପାରିବେ ଯେ, ଆପଣଙ୍କ ଭିତରେ ବହୁତ ପ୍ରତିଭା ଅଛି। କିନ୍ତୁ, ଜୀବନ ଆପଣଙ୍କୁ ଏହା ପଚାରେ ନାହିଁ ଯେ ଆପଣଙ୍କ ଭିତରେ କେତେ ପ୍ରତିଭା ଲୁଚି ରହିଛି। ଜୀବନରେ ସଫଳତା (ଉପଲବ୍ଧି) ଏହି କଥାରୁ ମଧ୍ୟ ନିର୍ଦ୍ଧାରିତ ହୋଇଥାଏ କି ଆପଣ ନିଜ ପ୍ରତିଭାର କିପରି ଉପଯୋଗ କଲେ। ଏକ ବିହନ(ମଞ୍ଜି) ନିଜ ଭିତରେ ବୃକ୍ଷ ହେବାର ସମ୍ଭାବନା ରଖିଥାଏ। କିନ୍ତୁ, ଯଦି ସେ କୌଣସି ମାଟି ସଂସ୍ପର୍ଶରେ ନ ଆସେ, ତେବେ ସେ ବୃକ୍ଷ ହୋଇପାରିବ ନାହିଁ।ସେହି ମଞ୍ଜି ଭିତରେ ବୃକ୍ଷ ହେବାର ସମ୍ଭାବନା ଅଛି, କିନ୍ତୁ ମାଟି, ପବନ, ପାଣି ଓ ଖରା ବିନା ସେହା ବାସ୍ତବତାରେ କେବେ ବି ବଦଳି ପାରିବ ନାହିଁ। ଆମ ଭିତରେ ଥିବା ବୁଦ୍ଧି ମଧ୍ୟ ଠିକ୍ ସେହିଭଳି ଅଟେ। ଯଦି ଆପଣ ତାହାର ବ୍ୟବହାର ନକରିବେ, ତେବେ ତାହା ଆପଣଙ୍କ ଜୀବନକୁ ବଦଳାଇ ପାରିବ ନାହିଁ। ଜୀବନ ଆପଣଙ୍କ ଲୁକ୍କାୟିତ କ୍ଷମତାର ଏକ ତାଲିକା ନୁହେଁ, ବରଂ ସେହି କ୍ଷମତାଗୁଡ଼ିକର ଅଭିବ୍ୟକ୍ତି ଅଟେ।କେବଳ ଇଚ୍ଛା ହେବା କିମ୍ବା କରିବା ଦ୍ୱାରା ହିଁ କିଛି ବଦଳିଯାଏ ନାହିଁ। ବହୁତ ଲୋକ ନିଜ ଜୀବନରେ ପରିବର୍ତ୍ତନ ଚାହାନ୍ତି। କିଏ ସୁସ୍ଥ ହେବାକୁ ଚାହେଁ, କିଏ ନୂଆ କୌଶଳ ଶିଖିବାକୁ ଚାହେଁ, ତ କିଏ ସମ୍ପର୍କଗୁଡ଼ିକୁ ଭଲ କରିବାକୁ ଚାହେଁ। ଇଚ୍ଛା କରିବାରେ କୌଣସି ଖରାପ ନାହିଁ। ବାସ୍ତବରେ ଇଚ୍ଛା କୌଣସି ନୂଆ ଆରମ୍ଭର କାରଣ ହୋଇପାରେ। କିନ୍ତୁ, ଇଚ୍ଛା ଏବଂ ତାହାକୁ ହାସଲ କରିବା ମଧ୍ୟରେ ଏକ ଦୂରତା ଥାଏ। ଏହି ଦୂରତାକୁ କେବଳ କଳ୍ପନା ଦ୍ୱାରା ପାର କରାଯାଇପାରିବ ନାହିଁ। ଯଦି ଆପଣ ଏକ ବହି ଲେଖିବାକୁ ଚାହାନ୍ତି, ତେବେ ସେଥିପାଇଁ ଆପଣଙ୍କୁ ପଢ଼ିବାକୁ ହେବ, ଚିନ୍ତା କରିବାକୁ ହେବ ଏବଂ ଶବ୍ଦଗୁଡ଼ିକୁ କାଗଜରେ ଲେଖିବାକୁ ହେବ। ଏଠାରେ ପ୍ରଶ୍ନ ଏହା ନୁହେଁ ଯେ ଆପଣ କେତେ ଜାଣିଛନ୍ତି, ବରଂ ପ୍ରଶ୍ନ ଏହି କଥାର ଯେ ଆପଣ ନିଜ ଜ୍ଞାନର ବ୍ୟବହାର କେମିତି କରୁଛନ୍ତି। ପ୍ରୟାସର ଅର୍ଥ କେବଳ ପରିଶ୍ରମ କରିବା ନୁହେଁ। ଆପଣ ଯେଉଁ କାମ କରୁଛନ୍ତି, ତାହାର ଆପଣଙ୍କ ଜୀବନରେ କଣ ମହତ୍ତ୍ୱ ରହିଛି, ଏହା ଜାଣିବା ବହୁତ ଜରୁରୀ ଅଟେ। ତେବେ ଯାଇ ଆପଣଙ୍କ ପ୍ରୟାସ ସଠିକ୍ ଦିଗ ପାଇପାରିବ। କାହାର ଜୀବନ ପରିବାରର ଭଲ ଦେଖାଶୁଣା କରିବାରେ ସାର୍ଥକତା ପାଏ, ତ କାହାର ଜ୍ଞାନ ଆହରଣ କରିବାରେ।

ଜୀବନର ମୂଲ୍ୟ କେବଳ ସଫଳତା ବା ଉପଲବ୍ଧିର ଆକାର ଦ୍ୱାରା ନିର୍ଦ୍ଧାରିତ ହୁଏ ନାହିଁ, ବରଂ ଏହି କଥାରୁ ମଧ୍ୟ ନିର୍ଦ୍ଧାରିତ ହୋଇଥାଏ କି ଆପଣ ନିଜର ଦକ୍ଷତାଗୁଡ଼ିକର ବ୍ୟବହାର କିପରି ଭାବରେ କରିଛନ୍ତି। ଲଗାତାର ପ୍ରୟାସ କରୁଥାନ୍ତୁ।

ସୁତ୍ର: ଆପଣଙ୍କ ଭିତରେ ଅପାର ସମ୍ଭାବନା ଲୁଚି ରହିପାରେ, କିନ୍ତୁ ସେଗୁଡିକର କୌଣସି ମୂଲ୍ୟ ନାହିଁ ଯଦି ଆପଣ ସେମାନଙ୍କୁ କାର୍ଯ୍ୟ ମାଧ୍ୟମରେ ବାସ୍ତବତାରେ ପରିଣତ ନ କରନ୍ତି । ଏକ ମାଚିସ୍ କାଠିରେ ଅଗ୍ନି ଉତ୍ପାଦ ନ କରିବାର କ୍ଷମତା ଅଛି, କିନ୍ତୁ ଯଦି ଏହାକୁ ଘଷାଯାଏ ନାହିଁ, ତେବେ ଏହା ଆଲୋକ ସୃଷ୍ଟି କରିପାରିବ

ଶିଶୁ ଦିବସ

ଶିଶୁ ହେଉଛନ୍ତି ପରିବାରର ଆନନ୍ଦ, ସମାଜର ଆଶା ଓ ଦେଶର ଭବିଷ୍ୟତ। ସେମାନଙ୍କ ନିରୀହ ହସ, ନିଷ୍କପଟ ଭଲପାଇବା, ଅସୀମ ଜିଜ୍ଞାସା ଓ ରଙ୍ଗିନ ସପ୍ନ ଭିତରେ ଲୁଚି ରହିଛି ଏକ ସୁନ୍ଦର ଆସନ୍ତାକାଲିର ସମ୍ଭାବନା। ଶିଶୁଙ୍କ ମୁହଁରେ ହସ ଫୁଟାଇବା, ସେମାନଙ୍କୁ ଉପଯୁକ୍ତ ଶିକ୍ଷା, ସାସ୍ଥ୍ୟ, ପୋଷଣ, ସୁରକ୍ଷା ଓ ସମାନ ସୁଯୋଗ ଯୋଗାଇଦେବାର ସଂକଳ୍ପକୁ ନେଇ ପ୍ରତିବର୍ଷ ନଭେମ୍ବର ୧୪ ତାରିଖରେ ସମଗ୍ର ଦେଶରେ ପାଳିତ ହୁଏ ଶିଶୁ ଦିବସ। ଏହି ଦିନଟି କେବଳ ଶିଶୁମାନଙ୍କ ପାଇଁ ମନୋରଞ୍ଜନ, ମିଠା ବଣ୍ଟନ, ନାଚଗୀତ ଓ ବିଦ୍ୟାଳୟରେ ଉତ୍ସବ ପାଳନର ଦିନ ନୁହେଁ। ବରଂ ଏହା ଶିଶୁଙ୍କ ଅଧିକାର, ସେମାନଙ୍କ ଭବିଷ୍ୟତ ଏବଂ ସମାଜ ପ୍ରତି ଆମର ଦାୟିତ୍ୱକୁ ମନେ ପକାଇଦେବାର ଏକ ବିଶେଷ ଅବସର। ପ୍ରତ୍ୟେକ ଶିଶୁ ଯେପରି ନିର୍ଭୟରେ ବଞ୍ଚିପାରିବ, ଶିକ୍ଷା ଲାଭ କରିପାରିବ, ନିଜ ପ୍ରତିଭାର ବିକାଶ କରିପାରିବ ଏବଂ ନିଜ ସପ୍ନକୁ ସାକାର କରିପାରିବ, ତାହା ନିଶ୍ଚିତ କରିବା ହିଁ ଏହି ଦିବସର ମୂଳ ଉଦ୍ଦେଶ୍ୟ।

ଚାଚା ନେହେରୁଙ୍କ ଜନ୍ମଦିନରେ ଶିଶୁ ଦିବସ

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଦିନ ନଭେମ୍ବର ୧୪ ତାରିଖକୁ ଦେଶରେ ଶିଶୁ ଦିବସ ଭାବେ ପାଳନ କରାଯାଏ। ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ତାଙ୍କର ଜନ୍ମ ହୋଇଥିଲା। ଶିଶୁମାନଙ୍କ ପ୍ରତି ତାଙ୍କର ଅସୀମ ସ୍ନେହ ଓ ଭଲପାଇବା ଯୋଗୁଁ ପିଲାମାନେ ତାଙ୍କୁ ସ୍ନେହରେ 'ଚାଚା ନେହେରୁ' ବୋଲି ଡାକୁଥିଲେ। ନେହେରୁ ବିଶ୍ୱାସ କରୁଥିଲେ ଯେ ଶିଶୁମାନେ ହେଉଛନ୍ତି ଦେଶର ଅମୂଲ୍ୟ ସମ୍ପଦ। ସେମାନଙ୍କୁ ଉପଯୁକ୍ତ ଶିକ୍ଷା, ସାସ୍ଥ୍ୟ ଓ ପରିବେଶ ଯୋଗାଇଦେଲେ ହିଁ ଦେଶର ଭବିଷ୍ୟତ ସୁଦୃଢ଼ ହୋଇପାରିବ। ସେ ଶିଶୁଙ୍କ ସୃଜନଶୀଳତା, ବୈଜ୍ଞାନିକ ଚିନ୍ତାଧାରା, ଜିଜ୍ଞାସା ଓ ସାଧୀନ ବ୍ୟକ୍ତିତ୍ୱର ବିକାଶକୁ ଗୁରୁତ୍ୱ ଦେଉଥିଲେ। ୧୯୬୪ ମସିହାରେ ନେହେରୁଙ୍କ ପରଲୋକ ପରେ ତାଙ୍କ ଜନ୍ମଦିନକୁ ଭାରତରେ ଶିଶୁ ଦିବସ ଭାବେ ପାଳନ କରିବାର ପରମ୍ପରା ଆରମ୍ଭ ହୋଇଥିଲା। ସେବେଠାରୁ ପ୍ରତିବର୍ଷ ଏହି ଦିନଟି ଦେଶର କୋଟି କୋଟି ଶିଶୁଙ୍କ ନାମରେ ଉତ୍ସର୍ଗୀକୃତ ହୋଇଆସିଛି।

ଶୈଶବ ହେଉଛି ଜୀବନର ସବୁଠୁ ସୁନ୍ଦର ଅଧ୍ୟାୟ

ଶୈଶବ ମଣିଷ ଜୀବନର ଏକ ଅମୂଲ୍ୟ ସମୟ। ଏହି ସମୟରେ ପିଲାମାନେ ଖେଳିବା, ହସିବା, ନୂଆ କଥା ଶିଖିବା ଓ ପ୍ରକୃତିକୁ ଜାଣିବା ମାଧ୍ୟମରେ ନିଜର ଭବିଷ୍ୟତ ଗଢ଼ିଥାନ୍ତି। ଏକ ଛୋଟ ପିଲାର ମନରେ ଅନେକ ପ୍ରଶ୍ନ ଥାଏ। ଆକାଶ କାହିଁକି ନୀଳ ? ପକ୍ଷୀ କିପରି ଉଡ଼େ ? ବର୍ଷା କେଉଁଠୁ ଆସେ ? ଏହି ଜିଜ୍ଞାସା ହିଁ ତାକୁ ନୂଆ କିଛି ଶିଖିବାକୁ ପ୍ରେରଣା ଦିଏ। କିନ୍ତୁ ଆଜିର ସମାଜରେ ସମସ୍ତ ଶିଶୁଙ୍କୁ ଏହି ସୁନ୍ଦର ଶୈଶବ ମିଳୁନାହିଁ। କେଉଁଠି ଦାରିଦ୍ର୍ୟ ଯୋଗୁଁ ପିଲାମାନେ ପାଠପଢ଼ା ଛାଡ଼ି କାମ କରୁଛନ୍ତି, ଆଉ କେଉଁଠି ପରିବାରର ଅସହାୟତା ସେମାନଙ୍କ ସପ୍ନକୁ ଅଧାରେ ଅଟକାଇ ଦେଉଛି। କେତେକ ଶିଶୁ ପୋଷଣର ଅଭାବରେ ପୀଡ଼ିତ ହେଉଥିବାବେଳେ ଆଉ କେତେକ ଶିଶୁ ନିର୍ଯାତନା, ଶୋଷଣ, ଶିଶୁ ବିବାହ ଓ ଅସୁରକ୍ଷିତ ପରିବେଶର ସମ୍ମୁଖୀନ ହେଉଛନ୍ତି। ତେଣୁ ଶିଶୁ ଦିବସ ଆମକୁ ଏକ ମୌଳିକ ପ୍ରଶ୍ନ ପଚାରେଆମେ କ'ଣ ପ୍ରତ୍ୟେକ ଶିଶୁକୁ ତା'ର ପ୍ରକୃତ ଶୈଶବ ଫେରାଇ ଦେଇପାରିଛୁ ?

ଶିକ୍ଷା ହିଁ ସପ୍ନ ସାକାରର ପ୍ରଥମ ପାହାଚ

ଶିଶୁଙ୍କ ସର୍ବାଙ୍ଗୀଣ ବିକାଶରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା କେବଳ ବହି ପଢ଼ିବା କିମ୍ବା ପରୀକ୍ଷାରେ ଭଲ ନମ୍ବର ରଖିବା ନୁହେଁ। ଏହା ଜଣେ ଶିଶୁକୁ ଭଲ ମଣିଷ ଭାବେ ଗଢ଼ିବା ସହିତ ତା' ମଧ୍ୟରେ ନୈତିକତା, ଆତ୍ମବିଶ୍ୱାସ, ଶୃଙ୍ଖଳା, ମାନବିକତା ଓ ଦାୟିତ୍ୱବୋଧ ସୃଷ୍ଟି କରେ। ଗାଁଠାରୁ ସହର ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁ ଗୁଣାତ୍ମକ ଶିକ୍ଷା ପାଇବା ଆବଶ୍ୟକ। ଜଣେ ଧନୀ ପରିବାରର ପିଲା ଯେଉଁ ସୁଯୋଗ ପାଉଛି, ଜଣେ ଗରିବ ପରିବାରର ପିଲା ମଧ୍ୟ ସେହି ସୁଯୋଗ ପାଇବା ଉଚିତ। ଜାତି, ଧର୍ମ, ଭାଷା, ଲିଙ୍ଗ, ଆର୍ଥିକ ସ୍ଥିତି କିମ୍ବା ଭୌଗୋଳିକ ଅବସ୍ଥା ଆଧାରରେ କୌଣସି ଶିଶୁ ଶିକ୍ଷାରୁ ବଞ୍ଚିତ ହେବା ଅନୁଚିତ।

ବିଦ୍ୟାଳୟଗୁଡ଼ିକରେ କେବଳ ପାଠ୍ୟକ୍ରମ ଶିକ୍ଷା ନୁହେଁ, ବରଂ ଖେଳକୁଦ, ଚିତ୍ରକଳା, ସଙ୍ଗୀତ, ନୃତ୍ୟ, ବିଜ୍ଞାନ, ସାହିତ୍ୟ ଓ ବିଭିନ୍ନ ସୃଜନଶୀଳ କାର୍ଯ୍ୟକଳାପକୁ ମଧ୍ୟ ଗୁରୁତ୍ୱ ଦେବା ଦରକାର। କାରଣ ପ୍ରତ୍ୟେକ ଶିଶୁର ପ୍ରତିଭା ଅଲଗା। କେହି ଡାକ୍ତର ହେବାକୁ ଚାହେଁ, କେହି ଶିକ୍ଷକ, କେହି ବୈଜ୍ଞାନିକ, ଆଉ କେହି ଚିତ୍ରଶିଳ୍ପୀ କିମ୍ବା କ୍ରୀଡ଼ାବିତ୍। ସମସ୍ତଙ୍କୁ ନିଜ ରୁଚି ଅନୁଯାୟୀ ଆଗକୁ ବଢ଼ିବାର ସୁଯୋଗ ମିଳିବା ଆବଶ୍ୟକ।

ଶିଶୁ ଦିବସରେ ନିଆଯାଉ ସଂକଳ୍ପ

ଶିଶୁ ଦିବସ ପାଳନ କେବଳ ଗୋଟିଏ ଦିନର ଉତ୍ସବ ହୋଇ ରହିବା ଉଚିତ ନୁହେଁ। ଏହି ଦିନଟି ଆମ ସମସ୍ତଙ୍କ ପାଇଁ ଆତ୍ମସମୀକ୍ଷା ଓ ନୂଆ ସଂକଳ୍ପ ନେବାର ଅବସର ହେବା ଦରକାର। ଆସନ୍ତୁ, ଏହି ଶିଶୁ ଦିବସରେ ଆମେ କିଛି ସଂକଳ୍ପ ନେବା...

୧. କୌଣସି ଶିଶୁକୁ ଶିକ୍ଷାରୁ ବଞ୍ଚିତ ହେବାକୁ ଦେବା ନାହିଁ।
୨. ଶିଶୁ ଶ୍ରମ ଓ ଶିଶୁ ବିବାହ ବିରୋଧରେ ସଚେତନତା ସୃଷ୍ଟି କରିବା।
୩. ପ୍ରତ୍ୟେକ ଶିଶୁକୁ ପୁଷ୍ଟିକର ଖାଦ୍ୟ, ସାସ୍ଥ୍ୟ ସେବା ଓ ସୁରକ୍ଷିତ ପରିବେଶ ଯୋଗାଇଦେବା।
୪. ଝିଅ ଓ ପୁଅଙ୍କ ମଧ୍ୟରେ କୌଣସି ଭେଦଭାବ ନ କରିବା।
୫. ପିଲାମାନଙ୍କ ମତାମତ ଓ ଭାବନାକୁ ସମ୍ମାନ ଦେବା।
୬. ଶିଶୁଙ୍କୁ ଡିଜିଟାଲ ଦୁନିଆର ବିପଦ ସମ୍ପର୍କରେ ସଚେତନ କରିବା।
୭. ପ୍ରତ୍ୟେକ ଶିଶୁର ପ୍ରତିଭା ଓ ସପ୍ନକୁ ପ୍ରୋତ୍ସାହନ ଦେବା।
୮. ଶିଶୁଙ୍କୁ ଭୟମୁକ୍ତ, ନିର୍ଯାତନାମୁକ୍ତ ଓ ସ୍ନେହପୂର୍ଣ୍ଣ ପରିବେଶ ଯୋଗାଇବା।

ଶିଶୁ ବିବାହ: ଅଧାରେ ରହିଯାଉଛି ଅନେକ ସପ୍ନ

ଶିଶୁ ବିବାହ ଏବେ ମଧ୍ୟ ସମାଜର ଏକ ଗୁରୁତର ସମସ୍ୟା। ଦାରିଦ୍ର୍ୟ, ଅଶିକ୍ଷା, ସାମାଜିକ ପରମ୍ପରା ଓ ସଚେତନତାର ଅଭାବ ଯୋଗୁଁ କେତେକ ଅଞ୍ଚଳରେ ନାବାଳିକାଙ୍କ ବିବାହ କରାଯାଉଛି। ଏହା ଝିଅମାନଙ୍କ ଶିକ୍ଷା, ସାସ୍ଥ୍ୟ, ଆତ୍ମନିର୍ଭରଶୀଳତା ଓ ଭବିଷ୍ୟତକୁ ପ୍ରଭାବିତ କରୁଛି। କମ୍ ବୟସରେ ବିବାହ ଯୋଗୁଁ ଅନେକ କିଶୋରୀ ଶାରୀରିକ ଓ ମାନସିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଝିଅମାନଙ୍କୁ ଶିକ୍ଷିତ, ସାବଲମ୍ବୀ ଓ ଆତ୍ମବିଶ୍ୱାସୀ କରିବା ହିଁ ଶିଶୁ ବିବାହ ରୋକିବାର ଏକ ମୁଖ୍ୟ ଉପାୟ। ଏଥିପାଇଁ ପରିବାର, ବିଦ୍ୟାଳୟ, ପଞ୍ଚାୟତ, ସେଚ୍ଛାସେବୀ ସଂଗଠନ ଓ ପ୍ରଶାସନର ମିଳିତ ଉଦ୍ୟମ ଆବଶ୍ୟକ। ପ୍ରତ୍ୟେକ ଝିଅକୁ ନିଜ ପସନ୍ଦର ଜୀବନ ବାଛିବାର ସାଧୀନତା ମିଳିବା ଉଚିତ। ତା'ର ହାତରେ ବହି ଓ କଲମ ଥାଉ, ଅଳ୍ପ ବୟସରେ ବିବାହର ଦାୟିତ୍ୱ ନୁହେଁ।

ଶିଶୁ ଶ୍ରମ: ଶୈଶବ ପ୍ରତି ସବୁଠୁ ବଡ଼ ଅନ୍ୟାୟ

ଆଜି ମଧ୍ୟ ଦେଶର ବିଭିନ୍ନ ଅଞ୍ଚଳରେ ଅନେକ ଶିଶୁ ଶିକ୍ଷା ଓ ଖେଳକୁଦରୁ ବଞ୍ଚିତ ହୋଇ ଶ୍ରମ କରିବାକୁ ବାଧ ହେଉଛନ୍ତି। କେହି ହୋଟେଲରେ ବାସନ ମାଜୁଛନ୍ତି, କେହି ଦୋକାନରେ କାମ କରୁଛନ୍ତି, ଆଉ କେହି ଇଟାଭାଟି, କୃଷିକ୍ଷେତ୍ର ଓ ଘରୋଇ କାମରେ ନିୟୋଜିତ ହେଉଛନ୍ତି। ଯେଉଁ ହାତରେ ବହି ଓ କଲମ ରହିବା କଥା, ସେହି ହାତରେ ଯଦି ଶ୍ରମର ବୋଝ ରହେ, ତେବେ ଏହା ସମାଜ ପାଇଁ ଏକ ଦୁଃଖଦ ବିଷୟ। ଶିଶୁ ଶ୍ରମ କେବଳ ଜଣେ ପିଲାର ବର୍ତ୍ତମାନକୁ ନଷ୍ଟ କରେ ନାହିଁ, ଏହା ତା'ର ଭବିଷ୍ୟତର ସମ୍ଭାବନାକୁ ମଧ୍ୟ ସଙ୍କୁଚିତ କରିଦିଏ।

ଶୈଶବର ହସରେ ଗଢ଼ିଉଠୁ ଆସନ୍ତାକାଲିର ଭାରତ

● ପୋଷଣ ଓ ସାସ୍ଥ୍ୟ: ସୁସ୍ଥ ଶିଶୁ, ସମୃଦ୍ଧ ଦେଶ

ଶିକ୍ଷା ସହିତ ଶିଶୁଙ୍କ ସାସ୍ଥ୍ୟ ଓ ପୋଷଣ ମଧ୍ୟ ସମାନ ଗୁରୁତ୍ୱ ବହନ କରେ। ଜଣେ ଅପପୁଷ୍ଟିର ଶିକାର ଶିଶୁ କିପରି ନିଜର ପ୍ରତିଭାର ପୂର୍ଣ୍ଣ ବିକାଶ କରିପାରିବ ? ଶିଶୁଙ୍କ ଶାରୀରିକ ବୃଦ୍ଧି, ମାନସିକ ବିକାଶ ଓ ରୋଗ ପ୍ରତିରୋଧକ କ୍ଷମତା ପାଇଁ ସନ୍ତୁଳିତ ଖାଦ୍ୟ ଅତ୍ୟନ୍ତ ଆବଶ୍ୟକ। ଜନ୍ମରୁ ଶିଶୁର ଜୀବନର ପ୍ରଥମ ହଜାର ଦିନ ତା'ର ବିକାଶ ପାଇଁ ବିଶେଷ ଗୁରୁତ୍ୱ ରଖେ। ଏହି ସମୟରେ ମା' ଓ ଶିଶୁଙ୍କ ଉପଯୁକ୍ତ ପୋଷଣ, ଟିକାକରଣ, ସାସ୍ଥ୍ୟ ପରୀକ୍ଷା ଓ ଯତ୍ନ ଆବଶ୍ୟକ। ଓଡ଼ିଶାରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଶିଶୁ ପୋଷଣ ଓ ପ୍ରାକ୍-ପ୍ରାଥମିକ ଶିକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛନ୍ତି। ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ, ପ୍ରାଥମିକ ଶିକ୍ଷା ଓ ସାସ୍ଥ୍ୟ ସମ୍ପର୍କିତ ସଚେତନତା ଦିଆଯାଉଛି। ୨୦୨୬ ମସିହାରେ ଓଡ଼ିଶା ସରକାର ଗୁରୁତର ଭାବେ କମ୍ ଓଜନର ଶିଶୁଙ୍କ ପାଇଁ ଦୈନିକ ପୋଷଣ ସହାୟତା ବୃଦ୍ଧି ସମ୍ପର୍କରେ ଘୋଷଣା କରିଛନ୍ତି। ଏହାଦ୍ୱାରା ପ୍ରାୟ ୩୫ ହଜାର ଶିଶୁ ଉପକୃତ ହେବାର ଆକଳନ କରାଯାଇଛି। ଏହା ସହିତ ଅଙ୍ଗନବାଡ଼ିରେ ପ୍ରାକ୍-ପ୍ରାଥମିକ ଶିଶୁଙ୍କ ଜଳଖିଆ ପାଇଁ ଅନୁଦାନ ବୃଦ୍ଧି କରାଯାଇଛି। ତଥାପି ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ପୋଷଣ ଅଭାବ, ରକ୍ତହୀନତା ଓ ସାସ୍ଥ୍ୟ ସେବାର ଅଭାବ ଭଳି ସମସ୍ୟା ରହିଛି। ଏଥିପାଇଁ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି, ଖାଦ୍ୟର ଗୁଣବତ୍ତା ଓ ନିୟମିତ ନିରୀକ୍ଷଣକୁ ଅଧିକ ସୁଦୃଢ଼ କରିବା ଦରକାର।

● ଡିଜିଟାଲ ଯୁଗରେ ଶିଶୁଙ୍କ ସୁରକ୍ଷା ଏକ ବଡ଼ ଆହ୍ୱାନ

ବର୍ତ୍ତମାନର ଶିଶୁମାନେ ଡିଜିଟାଲ ଯୁଗରେ ବଢୁଛନ୍ତି। ମୋବାଇଲ ଫୋନ୍, ଇଣ୍ଟରନେଟ୍, ସୋସିଆଲ ମିଡିଆ ଓ ଅନଲାଇନ୍ ଶିକ୍ଷା ସେମାନଙ୍କ ଜୀବନର ଅଂଶ ପାଲଟିଛି। ଏହା ଜ୍ଞାନ ଆହରଣର ନୂଆ ଦ୍ୱାର ଖୋଲିଥିବାବେଳେ ଅନେକ ବିପଦ ମଧ୍ୟ ସୃଷ୍ଟି କରିଛି। ଅନଲାଇନ୍ ଠକେଇ, ସାଇବର ବୁଲିଂ, ଅଶ୍ଳୀଳ ବିଷୟବସ୍ତୁ, ଅଜଣା ବ୍ୟକ୍ତିଙ୍କ ସହ ଅସୁରକ୍ଷିତ ଯୋଗାଯୋଗ ଓ ବ୍ୟକ୍ତିଗତ ତଥ୍ୟର ଅପବ୍ୟବହାର ଶିଶୁଙ୍କ ପାଇଁ ବଡ଼ ବିପଦ ହୋଇପାରେ। ବିଶେଷକରି କିଶୋର ବୟସର ପିଲାମାନେ ଅନେକ ସମୟରେ ଅନଲାଇନ୍ ଚାପ, ଅପମାନ ଓ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି। ତେଣୁ ଅଭିଭାବକମାନେ ପିଲାଙ୍କ ଡିଜିଟାଲ ଜୀବନ ପ୍ରତି ସଚେତନ ରହିବା ଆବଶ୍ୟକ। କେବଳ ମୋବାଇଲ ବ୍ୟବହାରକୁ ବାରଣ କରିବା ପରିବର୍ତ୍ତେ ଏହାର ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଶିଖାଇବା ଜରୁରୀ। ଏହି ଦିଗରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ୨୦୨୬-୨୦୩୦ ପାଇଁ ଶିଶୁଙ୍କ ଅନଲାଇନ୍ ସୁରକ୍ଷା ସମ୍ପର୍କିତ ନିର୍ଦ୍ଦେଶାବଳୀ ପ୍ରକାଶ କରାଯାଇଛି। ଏଥିରେ ସାଇବର ବୁଲିଂ, ଅନଲାଇନ୍ ଶୋଷଣ ଓ ଡିଜିଟାଲ ଯୋଗାଯୋଗ ଜନିତ ବିପଦକୁ ରୋକିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ସ୍ପଷ୍ଟ କରୁଛି ଯେ ଶିଶୁଙ୍କ ସୁରକ୍ଷା ଏବେ କେବଳ ଘର, ବିଦ୍ୟାଳୟ କିମ୍ବା ରାସ୍ତାରେ ସୀମିତ ନାହିଁ। ଡିଜିଟାଲ ଦୁନିଆରେ ମଧ୍ୟ ସେମାନଙ୍କୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ।

● ଶିଶୁଙ୍କ ଅଧିକାର: ସୁରକ୍ଷା ଓ ସମ୍ମାନର ଗ୍ୟାରେଣ୍ଟି

ପ୍ରତ୍ୟେକ ଶିଶୁର ବଞ୍ଚିବା, ବିକାଶ, ସୁରକ୍ଷା ଓ ନିଜ ମତ ପ୍ରକାଶ କରିବାର ଅଧିକାର ରହିଛି। ଏହି ଅଧିକାର କୌଣସି ଦାନ କିମ୍ବା ଅନୁଗ୍ରହ ନୁହେଁ। ଏହା ଶିଶୁର ମୌଳିକ ଅଧିକାର। ଭାରତୀୟ ସମ୍ବିଧାନ ଓ ବିଭିନ୍ନ ଆଇନରେ ଶିଶୁଙ୍କ ଶିକ୍ଷା, ସୁରକ୍ଷା ଓ ଶୋଷଣରୁ ମୁକ୍ତି ପାଇଁ ବ୍ୟବସ୍ଥା ରହିଛି। ଶିକ୍ଷା ଅଧିକାର ଆଇନ ଅନୁସାରେ ୬ରୁ ୧୪ ବର୍ଷ ବୟସର ଶିଶୁଙ୍କ ପାଇଁ ମାଗଣା ଓ ବାଧତାମୂଳକ ଶିକ୍ଷାର ବ୍ୟବସ୍ଥା ରହିଛି। ଶିଶୁ ଯୌନ ଅପରାଧରୁ ସୁରକ୍ଷା ପାଇଁ POCSO ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ। ସେହିପରି ଶିଶୁ ବିବାହ ନିଷେଧ ଆଇନ, ଶିଶୁ ଶ୍ରମ ନିଷେଧ ଓ ନିୟନ୍ତ୍ରଣ ଆଇନ ଏବଂ କିଶୋର ନ୍ୟାୟ ଆଇନ ମଧ୍ୟ ଶିଶୁଙ୍କ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଆଇନ ତିଆରି ହେବା ଯଥେଷ୍ଟ ନୁହେଁ। ତାହାର ଠିକ୍ କାର୍ଯ୍ୟକାରିତା ଓ ଜନସାଧାରଣଙ୍କ ସଚେତନତା ଆବଶ୍ୟକ। କୌଣସି ଶିଶୁ ଯଦି ନିର୍ଯାତନା, ଶୋଷଣ କିମ୍ବା ଅବହେଳାର ଶିକାର ହୁଏ, ତେବେ ତାକୁ ଚୁପ୍ ରହିବାକୁ ବାଧ କରିବା ନୁହେଁ, ବରଂ ତା'ର କଥା ଶୁଣି ଆବଶ୍ୟକ ସହାୟତା ଯୋଗାଇଦେବା ଆବଶ୍ୟକ। ଶିଶୁ ସହାୟତା ପାଇଁ ଚାଇଲ୍ଡ ହେଲ୍‌ପଲାଇନ୍ ୧୦୯୮ ଏକ ଗୁରୁତ୍ୱପୂର୍ଣ୍ଣ ସେବା। ବିପଦରେ ଥିବା ଶିଶୁଙ୍କୁ ସହାୟତା ଯୋଗାଇବା ଏହାର ଉଦ୍ଦେଶ୍ୟ।

● ଆଦିବାସୀ ଓ ଦୁର୍ଗମ ଅଞ୍ଚଳର ଶିଶୁଙ୍କ ପାଇଁ ମାତୃଭାଷାରେ ଶିକ୍ଷା

ଓଡ଼ିଶା ଏକ ବହୁଭାଷୀ ଓ ବହୁସଂସ୍କୃତିର ରାଜ୍ୟ। ଏଠାରେ ଅନେକ ଆଦିବାସୀ ସମ୍ପ୍ରଦାୟର ନିଜସ୍ୱ ଭାଷା, ପରମ୍ପରା ଓ ସଂସ୍କୃତି ରହିଛି। ଅନେକ ଶିଶୁ ନିଜ ମାତୃଭାଷା ବ୍ୟତୀତ ଅନ୍ୟ ଭାଷାରେ ପାଠପଢ଼ିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶିକ୍ଷାର ପ୍ରାରମ୍ଭିକ ପର୍ଯ୍ୟାୟରେ ମାତୃଭାଷାର ବ୍ୟବହାର ଶିଶୁଙ୍କ ବୁଝିବା ଶକ୍ତି ଓ ଶିଖିବାର ଆଗ୍ରହ ବୃଦ୍ଧି କରିପାରେ। ଏହି ଦିଗରେ ଓଡ଼ିଶାରେ 'ଆମେ ପଢ଼ିବା ଆମ ଭାଷାରେ' ପଦକ୍ଷେପ ଗୁରୁତ୍ୱ ବହନ କରୁଛି। ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଣ୍ଡା, କୁଇ, ସଉରା, କୁଭି, ଗୋଣ୍ଡୀ ଓ କୋୟା ଭଳି ଆଦିବାସୀ ଭାଷାକୁ ଗୁରୁତ୍ୱ ଦିଆଯାଇଛି। ଏହି ପଦକ୍ଷେପ କେବଳ ଶିକ୍ଷାକୁ ସହଜ କରିବ ନାହିଁ, ବରଂ ଆଦିବାସୀ ଭାଷା ଓ ସଂସ୍କୃତିର ସୁରକ୍ଷାରେ ମଧ୍ୟ ସହାୟକ ହେବ। ନିଜ ଭାଷାରେ ଶିଖିବାର ସୁଯୋଗ ପାଇଲେ ଶିଶୁମାନେ ଶିକ୍ଷା ପ୍ରତି ଅଧିକ ଆଗ୍ରହୀ ହେବେ।

● ମାନସିକ ସାସ୍ଥ୍ୟ: ଶିଶୁଙ୍କ ମନକୁ ବୁଝିବା ଜରୁରୀ

ଆଜିର ପ୍ରତିଯୋଗିତାମୂଳକ ସମାଜରେ ପିଲାମାନଙ୍କ ଉପରେ ପାଠପଢ଼ା, ପରୀକ୍ଷା ଓ ଭବିଷ୍ୟତକୁ ନେଇ ଅଧିକ ଚାପ ପଡୁଛି। ଅନେକ ଅଭିଭାବକ ନିଜ ପିଲାଙ୍କଠାରୁ ଅଧିକ ନମ୍ବର, ଭଲ ରାଙ୍କ୍ ଓ ଉଚ୍ଚ ସଫଳତା ଆଶା କରୁଛନ୍ତି। କିନ୍ତୁ ପ୍ରତ୍ୟେକ ଶିଶୁର ଶିଖିବାର କ୍ଷମତା, ଆଗ୍ରହ ଓ ପ୍ରତିଭା ଅଲଗା। ଜଣେ ଶିଶୁର ତୁଳନା ଅନ୍ୟ ଶିଶୁ ସହ କରିବା ତା'ର ଆତ୍ମବିଶ୍ୱାସକୁ ଆଘାତ ଦେଇପାରେ। ପରୀକ୍ଷାରେ କମ୍ ନମ୍ବର ରଖିଲେ ପିଲାକୁ ଗାଳି ଦେବା କିମ୍ବା ଅପମାନ କରିବା ପରିବର୍ତ୍ତେ ତା'ର ଅସୁବିଧା ବୁଝିବା ଉଚିତ। ଶିଶୁଙ୍କ ସହ ଖୋଲାଖୋଲି କଥା ହେବା, ସେମାନଙ୍କ ସମସ୍ୟା ଶୁଣିବା, ଖେଳିବାକୁ ସମୟ ଦେବା ଓ ସେମାନଙ୍କୁ ଭଲପାଇବା ଦେବା ଆବଶ୍ୟକ। ମାନସିକ ଚାପ, ଏକାକୀପଣ, ଭୟ ଓ ଅବସାଦ ଭଳି ସମସ୍ୟାକୁ ଅଣଦେଖା କରିବା ଉଚିତ ନୁହେଁ। ଶିଶୁଙ୍କ ମନରେ ଥିବା କଥାକୁ ଶୁଣିବା ମଧ୍ୟ ସେମାନଙ୍କ ଅଧିକାର। ସେମାନଙ୍କୁ କେବଳ ଆଦେଶ ଦେବା ନୁହେଁ, ନିଜ ମତ ପ୍ରକାଶ କରିବାର ସୁଯୋଗ ଦେବା ଆବଶ୍ୟକ। ଖେଳକୁଦ ଓ ସୃଜନଶୀଳତାରେ ବିକଶିତ ହେଉ ପ୍ରତିଭା

ଶିଶୁଙ୍କ ସର୍ବାଙ୍ଗୀଣ ବିକାଶ ପାଇଁ ଖେଳକୁଦ ଅତ୍ୟନ୍ତ ଆବଶ୍ୟକ। ଖେଳ ଦ୍ୱାରା ଶିଶୁଙ୍କ ଶରୀର ସୁସ୍ଥ ରହିବା ସହିତ ସେମାନଙ୍କ ମଧ୍ୟରେ ଦଳଗତ ମନୋଭାବ, ଶୃଙ୍ଖଳା, ନେତୃତ୍ୱ ଓ ସହଯୋଗର ଗୁଣ ବିକଶିତ ହୁଏ।

ଆଜିକାଲି ଅନେକ ପିଲା ମୋବାଇଲ ଓ ଟେଲିଭିଜନରେ ଅଧିକ ସମୟ ବିତାଉଛନ୍ତି। ଖୋଲା ପଡ଼ିଆରେ ଖେଳିବା, ସାଙ୍ଗମାନଙ୍କ ସହ ସମୟ ବିତାଇବା ଓ ପ୍ରକୃତି ସହ ମିଶିବାର ସୁଯୋଗ କମିଯାଉଛି। ଏହାକୁ ବଦଳାଇବା ପାଇଁ ବିଦ୍ୟାଳୟ ଓ ସ୍ଥାନୀୟ ଅଞ୍ଚଳରେ ଖେଳପଡ଼ିଆ, ପାଠାଗାର, ସାଂସ୍କୃତିକ କେନ୍ଦ୍ର ଓ ଶିଶୁ ଉଦ୍ୟାନର ବ୍ୟବସ୍ଥା କରିବା ଦରକାର। ପିଲାମାନଙ୍କୁ ନାଚ, ଗୀତ, ନାଟକ, ଚିତ୍ରାଙ୍କନ, କବିତା ଓ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବାକୁ ଉତ୍ସାହିତ କରିବା ଆବଶ୍ୟକ। ଶିଶୁ ଦିବସ ଅବସରରେ ବିଭିନ୍ନ ବିଦ୍ୟାଳୟରେ ଚିତ୍ରାଙ୍କନ, ରଚନା, ବକ୍ତୃତା, କୁଇଜ୍, ନୃତ୍ୟ, ସଙ୍ଗୀତ ଓ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଏ। ଏହା ଶିଶୁଙ୍କ ପ୍ରତିଭାକୁ ଚିହ୍ନିବା ସହିତ ସେମାନଙ୍କୁ ନିଜ ଦକ୍ଷତା ପ୍ରଦର୍ଶନ କରିବାର ମଞ୍ଚ ଦିଏ।

● ଅଭିଭାବକଙ୍କ ଦାୟିତ୍ୱ: ପିଲାଙ୍କୁ ସମୟ ଦିଅନ୍ତୁ

ଶିଶୁଙ୍କ ଜୀବନରେ ମାତାପିତାଙ୍କ ଭୂମିକା ଅତ୍ୟନ୍ତ ବଡ଼। ପିଲାମାନେ ଯାହା ଦେଖନ୍ତି, ଶୁଣନ୍ତି ଓ ଅନୁଭବ କରନ୍ତି, ସେଥିରୁ ହିଁ ସେମାନଙ୍କ ଚରିତ୍ର ଗଢ଼ିଉଠେ। ଅଭିଭାବ

ସୃଜନ ସାକ୍ଷର

ଶନିବାର ୧୪।୧୧।୨୦୨୬

ଅକ୍ଷର
AKHYARA ODISHA ଓଡ଼ିଶା

ପ୍ରଣୟିନୀ ଓ ଅଂଶୁମାନ



ସୁରଭି ପଦ୍ମିନୀ ସାହୁ

ପ୍ରିୟତମ ତୁମେ ପ୍ରଣୟ ଗ୍ରନ୍ଥ
ପଢ଼ିମୁଁ ସାରିନି ଜମା,
ପ୍ରତିଟି ପୃଷ୍ଠା ଭରିଛି ପ୍ରେମରେ
ଶବ୍ଦ ଲାଗେ ନୂଆ କିମ୍ପା ।।

ଭେଟିଥିଲି ଯେବେ କୋଣାର୍କ
ମନ୍ଦିରେ
ନର୍ତ୍ତକୀ ବେଶରେ ଥିଲି
ପାଦର ଘୁଙ୍ଗୁର ବାଜୁଥିଲା ମୋର
ହୃଦୟ ଗଲା ଚହଲି ।।

ତୁମେ ଆସିଥିଲ ଜୀବନେ ମୋହର
ମଳୟର ବାଆ ବହି,
ମହ ମହ ବାସ ଚହଟାଇ ତୁମେ
ଆସିଲ ନିଜର ହୋଇ ।।

ଏବେବି ନାଚୁଛି ନୟନେ ମୋହର
କଜଳ କଳା ସେ ଆଖି,
ସପନ ନାୟକ ପରି ଲାଗିଥିଲ
ମିଶିଥିଲା ଚାରିଆଖି ।।

ଅସ୍ପଷ୍ଟ ସରରେ କହୁଥିଲ କିଛି
ଜୋଛନା କିରଣ ତଳେ,
କାହୁ କନ୍ଦର୍ପର ବେଶଯେ ତୁମର
ଲୋଟୁଥିଲା ଘାସ ମେଳେ ।

କେଶର ରଙ୍ଗର ଖଣ୍ଡୁଆ ପାଟରେ
ଅପରୂପ ତୁମ ଶୋଭା,
ଚେତନାକୁ ମୋର ଆୟତ୍ତରେ ରଖି
ପାରୁନଥିଲି ଗୋ' ସଖା ।।

ଆଙ୍କି ଦେଇଥିଲଅଜସ୍ର ଚୁମ୍ବନ
ମୋହରି କୋମଳ ଗଣ୍ଡେ,
କୃତ୍ରିମ ରୋଷରେ କହି ଚାଲିଥିଲି
କେମିତି ଚାଲିବି ଦାଣ୍ଡେ ।।

ଆସିବାକୁ ଦିଅ ତୁମରି ସାଥିରେ
ତୁମ ପ୍ରାଣ ସଖି ହୋଇ,
ମିନତି ମୁଦ୍ରାରେ କଥାକୁ ତୁମର
ରଖିଲି ମର୍ଯ୍ୟାଦା ଦେଇ ।।

ସେଇଦିନୁ ତୁମେ ରହିଛ ସାଥିରେ
ପ୍ରଣୟର ଗ୍ରନ୍ଥ ହୋଇ,
ବୁଝିବାକୁ ତୁମ ମନ ତଳ ଭାଷା
ଅଭିଧାନ ଲୋଡା ନାହିଁ ।।

ତୁମରି ଆଖିରେ ଦେଖିଲି ଦୁନିଆ
ଶୁଣିଲି ତୁମରି କଥା,
ଭୁଲିଲି ଦୁନିଆ ଭୁଲିଲି ନିଜକୁ
ଦେଇନ କେବେବି ବ୍ୟଥା ।।

କିଏ ଶିଖାଇଲା ଅସୀମ ପ୍ରେମର
ରାଗ ଅନୁରାଗ କଥା,
କିଏ ଭରିଦେଲା ଅକ୍ଷୟ ଭଣ୍ଡାର
ସରେନି ପ୍ରୀତିର ଗାଥା ।।

ମୁଗ୍ଧ ହୁଏମୁଁ ତୁମକୁ ଦେଖିଲେ
ଆଜିବି ଚମକ ଖେଳେ,
ବିନା ବିଜୁଳିରେ ଘଡଘଡି ହୁଏ
ପ୍ରୀତି ଓଠ ଉପକୂଳେ ।।

– ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ
ସଇଡ଼ା, ବାରକୋଟ, ଦେବଗଡ଼

ଓଡ଼ିଶା ବନାମ ଓଡ଼ିଆ ଅସ୍ମିତା



ଅଧ୍ୟାପକ ପରୀକ୍ଷିତ ସାହୁ

ମୋ ମାଟି ପାଣି ପବନର
ପାହାଡ଼ ଶୀର୍ଷରେ ଠିଆ ହୋଇ
ତଳକୁ ଚାହିଁଲାବେଳେ- ଖେଳିଯାଏ
ଭୟଙ୍କର ସତେଜ ଶିହରଣଟିଏ,
ପୁଣି ମୋ ଗାଁ ପୁରପଲ୍ଲୀ ଅତୀତ
ଅଥଳ ଜଳଭଣ୍ଡାର ପାଖରେ
ଠିକ ସେମିତି ଆପଣାପଣର
ଭାବନାସବୁ
ପାଖେଇ ଆସି ଜାବୁଡି ଧରନ୍ତି
କେଉଁ ଏକ ପୁରୁଣା ସ୍ମୃତିର
ଛାଇକୁଓଜନିଆ ଦାନା ଭଳି ଜମାଟ
ବାନ୍ଧନ୍ତି
ମନ ସହ ଖେଳିବାକୁ ଚୋରା
ଲୁଚକାଳି ।
ଅତୀତ ପୃଷ୍ଠାର ପାଞ୍ଜି ଖେଳାଇ
ଏ ଉଜ୍ଜଳ ଭୂମିର ରାଶି ଦେଖୁ ଦେଖୁ
ଭାରାକ୍ରାନ୍ତ ହୁଏ ଚିନ୍ତା ଓ ଚେତନା
ବର୍ତ୍ତମାନର ଘାତଚନ୍ଦ୍ର ବୁଢିଆଣୀ
ଜାଲରେ
ଛନ୍ଦି ହେଇଯିବାର ଭୟରେ
ପୁଣି ସେ ଛାଇ ଚହଲିଯାଏ
ଏବେକା ସମୟର ମଇଳା
ଦର୍ପଣରେ.... ।
କାହିଁକି କେମିତି ଅବା କେଉଁ
ଅଜଣା ଲଗ୍ନରେ
ହଜିଗଲା ଏଜାତିର ଚାରୁଚିତ୍ରମୟ
ଦୃଶ୍ୟ,
କୋଉଠୁ ଆରମ୍ଭ କରିବି ମା' ମାଟି
ମମତାର କଥା
ସବୁ ଏବେ ଡାକୁଛନ୍ତି ବିଭୋର ପଣରେ
ହତଭାଗ୍ୟ ସନ୍ତାନ ଖୋଜୁଛି ସେହି
ପୁରୁଣା ଦିନର
ସାହିତ୍ୟ ସଂସ୍କୃତି କଳାର ନିପୁଣ
ଉଜ୍ଜଳ ଭୂଇଁକୁ
ଯାହା ଦିନେ ବିମଣ୍ଡିତ ଥିଲା
ସର୍ଗୀୟ ବିଭାରେ....
ଆଙ୍କିଥିଲେ କବିକୁଳ ଚମତ୍କାର
ଭାଷାଦେଇ,
ରଚିଥିଲେ କମନୀୟ ଶବ୍ଦର
କୋଣାର୍କ.... ।
ଖୋଜୁଛି ମୁଁ ସେଇ ପୁରୁଣା ଦିନକୁ,
ପିଠାପଣା ଖୁରିପୁରିର ମହମହ
ବାସ୍ନାଭରା ପରବ
ମେଳା ମଉଛବ ଯାନିଯାତରାର
ଭାଇଚାରାକୁ,
ସାହି ଭାଇ ଗାଁ ଗଣ୍ଡାର ନିଜ ନିଜ
ଆପଣାପଣକୁ... ।
ହଜିଯାଇଛି ମାଟି ଗୋବର ଲିପା
ମାଣବସା ଝୋଟି ଗାଁ ଧାନ ଖଳାର
ବେଙ୍ଗଳା, ଟୁବି ଗଡିଆର ବଗୁଲି
ଭାଗବତ ଟୁଙ୍ଗି, ଗାଇ ଗୋଠର
ଗୋଧୂଳି ଲଗନ
ନାହିଁ ଆଉ ନଈକୂଳ, ଆମ୍ବ
ତୋଟା, ବରଗଛ ପିଣ୍ଡି
ବୁଢ଼ୀ ମାଆ କୋଳେ ଶୁଭେନାହିଁ
ନାନାବାୟା ଗୀତ ।
ଆଜିର ଏ ବିବର୍ତ୍ତିତ ଭୂଖଣ୍ଡ
ଭିତରେ ରହି
ସପ୍ନ ଲାଗେ ଓଡ଼ିଆ ଅସ୍ମିତାର ଭାବ
ଓ ଭାବନା
ଯାହା ଏବେ ଆମ ପାଇଁ ସାତ ସପନ
ପୁଣି ଆଠ କଳା ନଇର କାହାଣୀ..
ପ୍ରଶ୍ନବାଚୀ ସୃଷ୍ଟିକରେ ଯା'ର
ବାସ୍ତବତା ରୂପନେଇ
ଲାଗେ କେବଳ ଭାଷା ଓ
ଭାଷଣରେ ବଞ୍ଚି ରହିଥିବା
ସୁସଜ୍ଜିତା ସଦ୍ୟ ବିବାହିତା
ବଧୂଟିଏ ହୋଇ ।

-ମୁଖ୍ୟ ସମ୍ପାଦକ ଅର୍ପଣ,
ରାଇଘର, ନବରଙ୍ଗପୁର

ସବୁଜ ବନାନୀ

ଅଧ୍ୟାପକ
ବାସୁଦେବ ସାଇଁ

ରୂପ କାନ୍ତି ଭରା ସବୁଜ ବନାନୀ
ସୁରଭିରେ ବାସି ଉଠେ,
ସୃଷ୍ଟି କରତାଙ୍କ ଅମୃତ କଳସୁ
ବସୁମାତା ଆମ ହସେ ।
ସୃଜନୀ ଶୀଳତା ପରିବେଶ ଆମ
ସତେ କେତେ ମନୋହର,
ନୀଳ ନୀଳିମାର ରୂପର ରସରେ
ନାହିଁ ତାର ପଟ୍ଟାନ୍ତର ।
ଈଶ୍ୱରଙ୍କ ସୃଷ୍ଟି କେତେ ଚମତ୍କାର
ସୌନ୍ଦର୍ଯ୍ୟରେ ବିଭୂଷିତ,
ଏ ମହାସାଗର ବିଲ ଗିରି ବନ
ସୁଷମାରେ ବିଚ୍ଛୁରିତ ।
ସୁନ୍ଦର ସବୁଜ ଘନ ବନାନୀରେ
ସୌନ୍ଦର୍ଯ୍ୟ ଯେ ବିକଶିତ,
ଏ ପୃଥିବୀବାସୀ ଯାହାର ଆଶିଷେ
ସତେ କେତେ ପ୍ରେମାୟୁତ ।
ଜୀବନ ଜୀବିକା ଯୋଗାଇ ଆସୁଛି
ଯୁଗ ଯୁଗାନ୍ତର ଧରି,
ଏ ହୀନ ମାନବ ପଶୁ ପଣେ ଆଜି
ସୃଷ୍ଟିର ବିନାଶକାରୀ ।

- ବେଣ୍ଟକାର, କଟକ

ଉଇଁ ଆସୁଛନ୍ତି ବାଲୁତ ସୂରୁଜ



ଗୀତାଞ୍ଜଳି ପୃଷ୍ଟି

ପ୍ରଭାତ ପରଶେ ପୂର୍ବାଶା ଲଲାଟେ
ଲୋହିତ ବର୍ଣ୍ଣାଳୀ ଆଙ୍କି
ଉଇଁ ଆସୁଛନ୍ତି ବାଲୁତ ସୂରୁଜ
ସୁନେଲି ଚାଦର ଢାଙ୍କି ।।

ନବ ନିର୍ମାଣର ନବୀନ ଚେତନା
ଭରି ଦେଇ ପ୍ରତି ପ୍ରାଣେ
ପ୍ରସ୍ଫୁଟିତ ହେଉ କୁସୁମ କଳିକା
ଭବ୍ୟ ସୁଧା ଉପବନେ ।।

ନିଦ୍ରା ତେଜିଦେଇ ଆଳସ୍ୟ
ଦୂରେଇ
ଉଠରେ ମାନବ ଉଠ
କର୍ମେ ରଖି ଲୟ ଶ୍ରମ ସାଧନାରେ
ହେଇଯାଅରେ କର୍ମଠ ।।

କର୍ମ ବିନା କେହି ହେଇଛିକି ବଡ଼
ଏ ଜାତିର ଇତିହାସେ
କର୍ମ ହିଁ ପ୍ରଗତି କର୍ମ ଗତି ମୁକ୍ତି
କର୍ମରେ ଜୀବନ ହସେ ।।

ସତ୍ୟ ଚେତନାର ନିର୍ଭୀକ ପଣରେ
ନ୍ୟାୟପଥେ ଯିବା ଚାଲି
ଅନ୍ୟାୟ ଅନୀତି ଅସତ୍ୟଠୁ ଦୂରେ
ରହିବା ହୃଦୟ ଖୋଲି ।।

ଭାଗ୍ୟ ଭବିଷ୍ୟତ ବିଭୁଙ୍କୁ ସମର୍ପି
ତାଙ୍କ ନାମ ତୁଣ୍ଡେ ଗାଇ
ଅତିକ୍ରମି ଯିବା ପ୍ରଲମ୍ବିତ ପଥ
ପ୍ରଭୁ ପାଦପଦ୍ମ ଧାୟୀ ।।

ପୁଣ୍ୟତା ପ୍ରାପ୍ତିର ପୀୟୂଷ ପିଆଲା
ପ୍ରତି ପ୍ରାଣେ ଦେବା ଭରି
ଜୀବନ ସାୟାହ୍ନେ ପ୍ରାଣ ଗଲେ ମଧ୍ୟ
ରହିବା ଅମର ହୋଇ ।।

– ସମ୍ପାଦିକା
ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦ
ଗତିରାଉତ ପାଟଣା, କଟକ- ୭୫୪୧୦୦
୮୯୧୭୪୧୬୨୫୧

ବାତ୍ୟାର ଅନୁଭୂତି

ଏକ ସମୀର ଏକ ବରଷା ଭିନ୍ନ
ଆମ ବାସ
ଭିନ୍ନ ପରିସ୍ଥିତି ଦିଏ ଆନନ୍ଦ ଓ
ନୈରାଶ୍ୟ,
କୋଠାଘର ମଧ୍ୟେ ଜଣେ ହୁଏ
ଆନନ୍ଦିତ
ଚାଷଜମି ମଧ୍ୟେ ଜଣେ ଭାରି
ଚିନ୍ତିତ ।
କୁକୁର ବିହଙ୍ଗ ବନ୍ଧୁ ହେଲେ ଆଜି
ପାଇଁ
ଦୁହେଁ ବୃକ୍ଷ କୋରଡ଼ରେ ସ୍ଥାନ
ପାଇ,
ଜୀବନ ଦର୍ଶନ ପଢ଼େ କେ ପୁସ୍ତକେ
ଚରୁଥାଏ ଷଣ୍ଢ ସହି ବାତ୍ୟାର
ଭୋକେ ।
ରିଲିଫ୍ ଟିକେ ପଶୁକୁ ମିଳିବ କି
ଆନ୍ଦୋଳନ ବିନା ମନ୍ତ୍ରୀ ଉଠିବେ କି,
ଦୟା ଜନ୍ମେ ଯେବେ ଦରିଦ୍ର କୁଳେ
କର୍ମ କାମ ଯୁଦ୍ଧେ ବିଚାର ବଦଳେ ।

ଆପଣାର ବସ୍ତୁ ଭାସିଯାଏ ଜଳେ
ଅସ୍ଥାୟୀ ଜଗତେ ସମ୍ପର୍କ ବି ମରେ
ବିପର୍ଯ୍ୟୟ ଯେବେ ସକଳ ବିନାଶେ
ପୁରାଣର ଗାଥା ତର୍କହୀନ ବସେ ।

ବିଖଣ୍ଡିତ ମନ ହାର ମାନେ ନାହିଁ
ଜମି ଗୃହ ଗାଡ଼ି ଅସ୍ଥାୟୀ ଅଟଇ
ଧୈର୍ଯ୍ୟ ଓ ସାହସ ସଞ୍ଚି ସେ
ଆତ୍ମାରେ
ନୂତନ ଜଗତ ଗଢ଼େ ସେ ହାତରେ

-ଓମ୍ ସୂର୍ଯ୍ୟକାନ୍ତ ସାହୁ,
କନିସି, ଗଞ୍ଜାମ
୮୧୪୬୩୬୩୦୬

ଓଡ଼ିଆ ଭାଷା ବିଜ୍ଞାନ



ଡ଼. ଭକ୍ତବନ୍ଧୁ ବସନ୍ତରା

ଶୁଦ୍ଧି ଜନେ ଶୁଣଦେଇ ମନ ଧ୍ୟାନ
ଓଡ଼ିଆ ଭାଷା ବିଜ୍ଞାନ,
ଶାସ୍ତ୍ରୀୟ ସଙ୍ଗୀତେଓଡ଼ିଆ ଅକ୍ଷର
ଐତିହ୍ୟ ଜଡ଼ିତ ଜାଣ
ଆଜି କରେ ବର୍ଣ୍ଣନ...
ଓଡ଼ିଆ ସଂସ୍କୃତି ସମ୍ମୋହନ
ଓଡ଼ିଆ ଲିପିରେଗୋଲେଇ ଅକ୍ଷର
ଅଟଇ ବିଶେଷ ଗୁଣ,
ଶାସ୍ତ୍ରୀୟ ଭାଷାର ଧ୍ୱନି ଉଚ୍ଚାରଣେ
ବୋଲାଏ ଅକ୍ଷର ବ୍ରହ୍ମ
ଦ୍ୱନ୍ଦ୍ୱ ଦୂର କରିଣ...
ଭାଷା ବିଜ୍ଞାନେ ହେବା ଆସୀନ ।
ସର୍ବ ପୁରାତନବ୍ରାହ୍ମୀ ରୁ ଉତ୍ପନ୍ନ
କଳିଙ୍ଗ ଲିପି ବର୍ଣ୍ଣନ,
ପୂର୍ବୀ ଗଙ୍ଗବଂଶରାଜ୍ୟ ସୁଶାସନେ
ଓଡ଼ିଆ ଲିପି ଲିଖନ
କରେ ଉପସ୍ଥାପନ...
ଆଧୁନିକ ଓଡ଼ିଆ ସୃଜନ ।
ସର ବ୍ୟଞ୍ଜନର ସମନ୍ୱୟେ ଆଜି
ଓଡ଼ିଆ ଧ୍ୱନି ବିଜ୍ଞାନ,
ଭାଷାର ଶିକ୍ଷଣଶବ୍ଦ ସଂଯୋଜନ
ବୈଜ୍ଞାନିକ ପ୍ରଣୟନ
ଶାସ୍ତ୍ରୀୟ ନିଦର୍ଶନ...
ଶ୍ରେଷ୍ଠ ଓଡ଼ିଆ ଭାଷା ପ୍ରାଚୀନ।
ଭାଷାର ମହତ୍ତ୍ୱ୍ୱବୁଝେ ସାରସତ
ସଂସ୍କୃତି ର ସମ୍ମେଳନ,
ଇଣ୍ଡୋ ଆର୍ଯ୍ୟ ଭାଷା ମଧ୍ୟେ ମାତୃଭାଷା
ଓଡ଼ିଆ ପ୍ରଥମ ସ୍ଥାନ
ଭାରତୀୟ ସନ୍ଧାନ...
ଷଷ୍ଠ ଶାସ୍ତ୍ରୀୟଭାଷା ଜ୍ୱଳନ ।
ଜଗନ୍ନାଥ ଦାସଭାଗବତ ତତ୍ତ୍ୱ
ଓଡ଼ିଆ ରେ ସୁଲିଖନ,
ସାରଳା ଦାସ ଙ୍କ ଶ୍ରୀ ମହାଭାରତ
ଘରେ ଘରେ ପ୍ରଚଳନ
ଜଗନ୍ନାଥ ଜଣାଣ...
ବଢ଼େ ଓଡ଼ିଆ ଜାତି ସମ୍ମାନ ।
ଓଡ଼ିଆ ଭାଷାରପଚାଶଟି ବର୍ଣ୍ଣ
ଲିପି ହୋଇଛି ଲିଖନ,
ସ୍ୱର ବ୍ୟଞ୍ଜନରବିଭାଗୀକରଣ
ସଂଯୁକ୍ତ ଆଶ୍ରିତ ଜାଣ
ପଞ୍ଚ ନିତି ଚୟନ...
ଶ୍ରେଷ୍ଠ ଭାଷାରେ ପରିଗଣନ ।
ପଞ୍ଚ ବର୍ଗେ ଅଛିପଚିଶି ଅକ୍ଷର
କ ଚ ଟ ତ ପ ଆସୀନ,
ସର ବର୍ଣ୍ଣ ଲିପି ଏଗାର ଅକ୍ଷର
ଦଶ ଅବର୍ଗ୍ୟ ବ୍ୟଞ୍ଜନ
ଗୋଟେ ସଂଯୁକ୍ତ ବର୍ଣ୍ଣ...
ତିନି ଆଶ୍ରିତ ବ୍ୟଞ୍ଜନ ବର୍ଣ୍ଣ ।
ସର ବ୍ୟଞ୍ଜନର ସମନ୍ୱୟେ ହୁଏ
ଓଡ଼ିଆ ଭାଷା ମହାନ,
ସଂସ୍କୃତି ଐତିହ୍ୟପରମ୍ପରା ବାଢେ
ଶାସ୍ତ୍ରୀୟ ମନୋବିଜ୍ଞାନ
ଜାତି ପ୍ରେମ ଆହ୍ୱାନ...
ବିଶ୍ୱେ ଶ୍ରେଷ୍ଠ ଓଡ଼ିଆ ଦର୍ଶନ ।

ମୁଁ କାହାର



ଏ ପ୍ରଶ୍ନଟି ମୋ ଭିତରେ
ଏକ ଶୁଖିଲା ନଦୀ ପରି ବହିଚାଲିଛି ।
ଯାହାର କୂଳ ଅଛି, କିନ୍ତୁ ଉତ୍ତରର ଜଳ ନାହିଁ ।

ଜନ୍ମ ହେଲି ମା'ର କୋଳେ, ବଢ଼ିଲି ମାଟିର ମମତାରେ,
ପରିଚୟ ଖୋଜି ଖୋଜି ହଜିଗଲି ମୁଁ ମୋ ନିଜ ଭିତରେଇ
ତଥାପି ପ୍ରଶ୍ନ ରହିଗଲାଇ ମୁଁ କାହାର ?

ମୋ ହସରେ ଅନେକଙ୍କ ଅଧିକାର ଥିଲା,
କିନ୍ତୁ ଲୁହରେ କେହି ଭାଗୀ ନଥିଲେ ।
ମୋ ନୀରବତାକୁ ସମସ୍ତେ ନିଜ ନିଜ ଅର୍ଥ ଦେଲେ,
କିନ୍ତୁ ମୋ ମନର ଭାଷା କେହି ପଢ଼ି ନଥିଲେ ।

ମୁଁ କାହାର ?
ମୋ ଭିତରେ ମଣିଷଟିଏ ଅଛି, ଯିଏ ପ୍ରତିଦିନ ଭାଙ୍ଗିଯାଏ
ତଥାପି ଅନ୍ୟମାନଙ୍କ ସାମ୍ନାରେ ହସର ଏକ ମୁଖା ପିନ୍ଧି
ଜୀବନର ଅଭିନୟ କରେ ।
ତା'ର କ୍ଲାନ୍ତି ପାଇଁ କୌଣସି ବିଶ୍ରାମସ୍ଥଳ ନାହିଁ,
ତା'ର ଯନ୍ତ୍ରଣା ପାଇଁ କୌଣସି ଶ୍ରୋତା ନାହିଁଇ
କେବଳ ରାତିର ନିର୍ଜନତା ତା'ର ମୁଣ୍ଡ ଆଉଁସି ଦେଇ
ଚୁପ୍‌ଚାପ୍ କହେ ''ଶୋଇପଡ଼, ଆଜି ବି
ତୋତେ ବୁଝିବାକୁ କେହି ଆସିବେ ନାହିଁ ।''

ମୁଁ କାହାର ?
ମୋ ଭିତରେ ଯେଉଁ ନିଆଁ ଜଳେ, ତା'ର ଧୂଆଁ କେହି ଦେଖନ୍ତି ନାହିଁ ।
ମୋ ଆଖିରେ ଯେଉଁ ସମୁଦ୍ରର ଢେଉ ଉଠେ, ତା'ର ଶବ୍ଦ କେହି ଶୁଣନ୍ତି ନାହିଁ ।
ମୁଁ ଯେତେବେଳେ ନିଜକୁ ଖୋଜେ, ମୋ ଛାଇ ମଧ୍ୟ ମୋଠାରୁ ଦୂରେଇଯାଏ ।
ଯେପରି ମୋ ଅସ୍ତିତ୍ୱର ମାନଚିତ୍ରରେ ମୁଁ ନିଜେ ଗୋଟିଏ ହଜିଯାଇଥିବା
ଦେଶ, ଯାହାର ସୀମା ଅଛି, କିନ୍ତୁ ନାଗରିକତାର ପ୍ରମାଣ ନାହିଁ ।

କେବେ ଭାବେ,
ମୁଁ କାହାର ହେବାକୁ ଚାହିଁ ନିଜର ହେବାଟା ଭୁଲିଗଲି କି ?
ଅନ୍ୟମାନଙ୍କ ଆଖିରେ ନିଜର ପ୍ରତିଛବି ଖୋଜୁ ଖୋଜୁ,
ନିଜ ଆତ୍ମାର ଆଇନାକୁ ଧୂଳିରେ ଢାଙ୍କିଦେଲି କି ?
ସମସ୍ତଙ୍କ ପାଇଁ ଉପଲବ୍ଧ ହେବାକୁ ଯାଇ
ନିଜ ପାଖରେ ହିଁ ଅନୁପସ୍ଥିତ ହୋଇଗଲି କି ?

ଆଜି ମୁଁ ଉତ୍ତର ଖୋଜୁନାହିଁ, କେବଳ ନିଜକୁ ପଚାରୁଛି
ମୋ ଭାଙ୍ଗିଯାଇଥିବା ସପ୍ନଗୁଡ଼ିକ କାହାର ସମ୍ପତ୍ତି ଥିଲା ?
ମୋ ଅକୁହା ଯନ୍ତ୍ରଣା କାହାର ଦାୟିତ୍ୱ ଥିଲା ?
ମୋ ଜୀବନର ଏତେ ଲମ୍ବା ଯାତ୍ରାରେ
ମୁଁ ସମସ୍ତଙ୍କ ପାଇଁ ରାସ୍ତା ହେଲି, ହେଲେ ମୋ ପାଇଁ
ଗୋଟିଏ ଠିକଣା ହୋଇପାରିଲି ନାହିଁ କାହିଁକି ?

ହୁଏତ ଦିନେ
ଏହି ପ୍ରଶ୍ନର ଉତ୍ତର ମିଳିଯିବ, ହୁଏତ ନାହିଁ ମଧ୍ୟ
କିନ୍ତୁ ଏତିକି ଜାଣିବାକୁ ଚାହେଁଇ
ଯଦି ଏ ଜୀବନ ମୋର,
ତେବେ ମୋ ଇଚ୍ଛାର ଠିକଣା କେଉଁଠି ?
ଯଦି ଏ ହୃଦୟ ମୋର,
ତେବେ ଏହାର ନିଷ୍ପତ୍ତିରେ
ଅନ୍ୟମାନଙ୍କ ମୋହର କାହିଁକି ?

ଆଜି ପ୍ରଥମଥର
ମୁଁ ନିଜ ନୀରବତାକୁ ପଚାରିଲି, ତୁ କାହାର ?
ସେ କିଛି କହିଲା ନାହିଁଇ
କେବଳ ମୋ ଛାତି ଭିତରେ ବହୁଦିନ ଧରି ବନ୍ଦ ଥିବା
ଏକଦ୍ୱାର ଧୀରେ ଧୀରେ ଖୋଲିଗଲା ।
ସେଇ ଦ୍ୱାରର ଆରପାରେ କେହି ନଥିଲେ,
ନା ସମ୍ପର୍କ, ନା ସ୍ମୃତି, ନା ପ୍ରତିଶ୍ରୁତିର ଭଙ୍ଗା କାଚଟ
କେବଳ ମୁଁ ଥିଲି, ମୋର ଅସଜଡ଼ା ଅସ୍ତିତ୍ୱ ଥିଲା,
ଆଉ ମୋତେ ଅପେକ୍ଷା କରିଥିବା
ମୋ ନିଜର ଏକ ଅଜଣା ରୂପ ଥିଲା ।

– ଅଭିମନ୍ୟୁ ପାତ୍ର, ଗୋପ, ପୁରୀ

ସତ୍ ସାହିତ୍ୟ



ଏଥର 'ସତ୍ ସାହିତ୍ୟ' କ୍ରମରେ
ସକୀୟ ସୃଜନ ଉତ୍କର୍ଷ ଓ ଆଧାତ୍ମିକତା
ପାଇଁ ସୁଖ୍ୟାତ ସାରସତ ବ୍ୟକ୍ତିତ୍ୱ
ଡକ୍ଟର ପ୍ରଦୀପ କୁମାର ଚୌଧୁରୀଙ୍କ
'ଭଲ କାମ' ବିଷୟକ ସଂକ୍ଷିପ୍ତ
ଅଥଚ ସାଗଗର୍ଭକ ଉପସ୍ଥାପନା !!

ଭଲ କାମ

ପ୍ରତିଦାନର କୌଣସି ଆଶା ନ ରଖି ଯେଉଁ ଲୋକ ଭଲ କାମ କରିଥାଏ,
ଶେଷରେ ସେ ପ୍ରଶଂସା ଓ ପୁରସ୍କାର ଉଭୟ ଲାଭ କରେ ।

ଡକ୍ଟର ପ୍ରଦୀପ କୁମାର ଚୌଧୁରୀ
ଭି ଏ ୩୪/୪, ୟୁନିଟ: ୨, ଭୁବନେଶ୍ୱର: ୭୫୧୦୦୯

ଅତୀତ

ଧାଡ଼ିଏ ଗପ



ହଠାତ ମନ ଦରଜାରେ ଠକ୍‌ଠକ୍
ଆବାଜ ଶୁଣି ଅଳ୍ପ ଖୋଲି ଫାଙ୍କ
ଦେଇ ଅନାନ୍ତେ ସେଇ ସେଇ
ବଦମାସ ଅତୀତଟା ମୋ ଭିତରେ
ଧସେଇ ପଶିବାକୁ ପୁଣି ହାବୁଡି
ଯାଇଥିବା ଦେଖି ଧଡ୍ କରି
ଦରଜା ବନ୍ଦ କରି ଦେଇ ଲେଉଟି
ଆସିବା ବେଳକୁ ରକ୍ଷା ହୋଇଚି
ଆଗରୁ ସଜିଲ ହୋଇ ରହିଥିବା
ଆଜିର ତାଜା ସକାଳଟା ମୋତେ
ଜାବୁଡି ଧରି ସମ୍ଭାଳି ନେଲା !!

ସତ୍ୟନାରାୟଣ ଗନ୍ତାୟତ
'ସୁହାସିତମ୍', କସ୍ତୁରୀ ନଗର, ରାୟଗଡ଼ା : ୭୬୫୦୦୧

ବାପା ମୋ ଜୀଅନ୍ତା ଠାକୁର



ବାପା... !
ତୁମେ କାହିଁକି ଏତେ ଭଲ ହୋଇଗଲ ?
ଆଚ୍ଛା, ଗୋଟିଏ କଥା କହିଲ...
ତୁମକୁ କ'ଣ କେବେ କଷ୍ଟ ହୁଏନି ?
ଘରର ସବୁ ବୋଝକୁ ନିଜ କାନ୍ଧରେ ବୋହି
ଚାଲିଛ,
ହେଲେ କେବେ ତୁମ କାନ୍ଧ ଟିକିଏ ଆରାମ
ଖୋଜିନି ?
ଆଖି ଆଗରେ ନିଜ ପିଲାମାନଙ୍କ ଅପମାନ ଦେଖି
ମଧ୍ୟ ନିରବ ରହୁଛ,
ସତ କହିଲ ବାପା...
ନିଜକୁ ଏତେ ଦୃଢ଼ କେମିତି କରିପାରିଛ ?
ଈଶ୍ୱର ଝିଅ ନୁହେଁ, ପୁଅ ଭଳି ଭାବି
ମୋ ଉପରେ ସବୁ ଦାୟିତ୍ୱ ଦେଇଛ ।
କେବେ କାନ୍ଧରେ କାନ୍ଧ ମିଶାଇ ଚାଲିବାର ସାହସ
ଦେଇଛ,
ତ ପୁଣି କେବେ ପିଠିରେ ହାତ ରଖି
ଆଗକୁ ବଢ଼ିବାର ଶକ୍ତି ଦେଇଛ ।
ବାପା...
ଏତେ ସବୁ ସହି ତୁମେ କୁଆଡ଼େ ଯାଅ ?
ନିଜ ହୃଦୟ ଭିତରେ ଏତେ ଦୁଃଖ ଲୁଚାଇ
ଶେଷରେ କ'ଣ ପାଇଲ ?
ମାନ ବା ନ ମାନ,
ତୁମେ ମୋର ଜୀଅନ୍ତା ଠାକୁର ।
ତୁମ ଭଲପାଇବା ଆଗରେ
କାଳିଆର କରୁଣା ବି ଯେମିତି ଫିକା ଲାଗେ ।

- ରଶ୍ମିତା ରାଉତ
ବାସୁଦେବପୁର, ଭଦ୍ରକ

ଗୁମୁରୀ କାନ୍ଦୁଛି ମୋ ଭାରତ ମାତା

ଗୁମୁରୀ କାନ୍ଦୁଛିମୋ ଭାରତ ମାତା
ଦେଖି ସନ୍ତାନ ଅଥୟ
ସୁଧୁରି ଯାଅରେ ଅବୋଧ ବାଳକେ
ମାଆ ଠାରେ ରଖିଲୟ ।
ବିଭାଜନ କଲସବୁ ସହିଗଲି
ଶୃଙ୍ଖଳିତ ଭାବେ ରୁହ
ବିଦେଶୀ ଶାସନେ ସହିଛି କଷଣ
ଶୁଖିନି ଆଖିର ଲୁହ ।
ହିମାଳୟ ଠାରୁହିନ୍ଦୁ ସରୋବର
ଏକ ସଂସ୍କୃତି ଐତିହ୍ୟ
ହିନ୍ଦୁସ୍ଥାନେ ଆମେ ହିନ୍ଦୁ ଭାରତୀୟ
ଜାତିବାଦ ଭୁଲିଯାଅ ।
ଭିନ୍ନ ମତ ପନ୍ଥଭାଷା ପରିଧାନ
ଏକଇ ମାଆ ସନ୍ତାନ
ବିଭିନ୍ନତା ନୁହେଁ ଏକଇ ଚଳଣି
ଧର୍ମ ଆମ ସନାତନ ।
ସମୟାନୁକ୍ରମେପରିଚୟ ମୋର
ଆର୍ଯ୍ୟାବର୍ତ୍ତ ହିନ୍ଦୁସ୍ଥାନ
ଅଖଣ୍ଡ ଭାରତେବିଚ୍ଛିନ୍ନତା ଚିନ୍ତା
କିପାଇଁ କର ସନ୍ତାନ ।
ଏ ସାରା ବସୁଧାଆସ୍ତରି କୁଟୁମ୍ବ
କରି ଆଧ୍ୟାତ୍ମ ଦର୍ଶନ
ଏକାତ୍ମତା ମନ୍ତ୍ରେଦୀକ୍ଷିତ ହୁଅରେ
ବୁଝିବାକୁ ମାଆ ମନ ।

- ଡ଼. ଭକ୍ତବନ୍ଧୁ ବସନ୍ତରା
ଦେବଗଡ଼, ୯୧୭୮୯୪୯୫୧୩

ଶିଶୁ ହସିଲେ ସମାଜ ହସିବ, ଶିଶୁ ବଢ଼ିଲେ ଦେଶ ଆଗେଇବ

ଶିଶୁ ହେଉଛନ୍ତି ଆଗାମୀ ଦିନର ଭବିଷ୍ୟତ । ଆଜିର ଶିଶୁ ଆସନ୍ତାକାଲିର ନାଗରିକ, ବିଜ୍ଞାନୀ, ଶିକ୍ଷକ, ପ୍ରଶାସକ, ରାଜନେତା ଓ ସମାଜ ନିର୍ମାତା । ତେଣୁ ଶିଶୁଙ୍କୁ କେବଳ ପରିବାରର ଆନନ୍ଦ କିମ୍ବା ସ୍ନେହର ପ୍ରତୀକ ଭାବେ ଦେଖିଲେ ହେବ ନାହିଁ, ସେମାନେ ଏକ ସୁସ୍ଥ, ସମୃଦ୍ଧ ଓ



ଶନିବାର ୧୪।୧୧।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ହଂସୁଆ ନଦୀରୁ ମୃତ ଦେହ ଉଦ୍ଧାର କଲା ପୋଲିସ

ମୃତ ଶୁଭଶ୍ରୀଙ୍କ ଶବ କହି କହି ଗୁଜବ ସୃଷ୍ଟି କରାଯାଉଛି

ରାଜନଗର,୧୩।୧୧(ଅକ୍ଷର ଓଡ଼ିଶା) ରାଜନଗର ହଂସୁଆ ସେତୁ ତଳୁ ନଦୀରେ ଉଦ୍ଧାର ହୋଇଛି ଅଜଣା ମୃତ ଦେହ। ଗତକାଲି ସକାଳେ ତ୍ରିନାଥ ବଜାର ପଟ ହଂସୁଆ ସେତୁ ତଳେ ନଦୀ କୂଳରେ ଅଜଣା ମୃତ ଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକ ରାଜନଗର ପୋଲିସ କୁ ଖବର ଦେଇଥିଲେ, ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ରାଜନଗର ଅଗ୍ନିଶମ ବିଭାଗର କର୍ମଚାରୀ ଙ୍କ ସହାୟତାରେ ଉକ୍ତ ଗଳିତ ଶବ ଟିକୁ ନଦୀରୁ ଉଦ୍ଧାର କରାଯାଇଛି। ଉକ୍ତ ଉଦ୍ଧାର କାର୍ଯ୍ୟକୁ ଦେଖିବା ପାଇଁ ହଂସୁଆ ସେତୁ ଉପର ଲୋକାରଣ୍ୟ ହୋଇପଡ଼ିଥିଲା, ଏକ ପ୍ରକାର ଟ୍ରାଫିକ ଜାମ ପରିସ୍ଥିତି ଦେଖିବାକୁ ମିଳିଥିଲା ରାଜନଗର ହଂସୁଆ ସେତୁ ଉପର। ଅନ୍ୟ ପଟେ ଯେଉଁ ଅବସ୍ଥାରେ ଅଗ୍ନିଶମ ବିଭାଗର କର୍ମଚାରୀ ସେହି ଗଳିତ ଶବକୁ ଉଦ୍ଧାର କରିଥିଲେ ତାହାକୁ ଅକ୍ଷୀ ଆଗରେ ଦେଖିବା ସମ୍ଭବ ନଥିଲା।



ଗଳିତ ଶବରୁ ବାରଣା ଭାଗ ମାଂସ ବାହାରିଯାଇଥିବା ବେକେ ମାତ୍ର ଶରୀର ର ଅଳ୍ପ ଭାଗ ମାଂସ ରହିଥିଲା। ଅନ୍ୟ ପଟେ ସେହି ଶବଟି ମହିଳା କି ପୁରୁଷ ? ତାହା ତାହା କେଉଁଗାର କେଉଁ ଅବସ୍ଥାରେ ହଂସୁଆ ନଦୀକୁ ଏଭଳି ଆସିଲା ତାହାର କୌଣସି ସ୍ପଷ୍ଟ ହୋଇନାହିଁ। ରାଜନଗର ପୋଲିସ ସେହି ଶବକୁ ନିଜ ହିପାଜତ ରେ ରଖି ଅଧିକ ତଦନ୍ତ ଚଳାଇଛି। ସବୁଠୁ ବଡ଼ କଥା ରହିଛି ଏହି ଶବକୁ ନେଇ ମିଛ ଗୁଜବ ମଧ୍ୟ ଶୁଣିବାକୁ ମିଳୁଛି। କୁହା ଯାଉଛି ସେପ୍ଟେମ୍ବର ମାସ ୨୮ ତାରିଖରେ ରାଜନଗର ବ୍ଲକ ରାଜପୁର ଗାଁର ଦୂରରୁ ଏହି ଶବ ଗତକାଲି ଅଗ୍ନିଶମ ବିଭାଗର କର୍ମଚାରୀ ଉଦ୍ଧାର କରିବା ପରେ ତାହାକୁ ଶୁଭଶ୍ରୀଙ୍କ ଶବ କହି ମିଛ ଗୁଜବ ସୃଷ୍ଟି କରାଯାଉଛି କିନ୍ତୁ ବସ୍ତୁତଃ ତାହା ଶୁଭଶ୍ରୀ ଙ୍କ ଗଳିତ ଶବ ନୁହେଁ ବୋଲି ଲୋକେ ସ୍ପଷ୍ଟ ଭାବେ କହୁଛନ୍ତି। ଲୋକଙ୍କ କହିବାନୁସାରେ ସେପ୍ଟେମ୍ବରରୁ ନଭେମ୍ବର ଆର୍ଥିତ ଦେଢ଼ ମାସ ଧରି କେମିତି ଗୋଟିଏ ଶବ ପାଣି ଭିତରେ ଏତେ ଦିନ ଧରି ନଷ୍ଟ ନ ହୋଇ ରହି ପାରିବ ତାହା ପୁଣି ଶାରୀର ର କିଛି ଅଂଶ ରେ ମାଂସ ରହିଥିବ ! ତେଣୁ ଏହି ଶବ ଶୁଭଶ୍ରୀ ଦାସଙ୍କର ନୁହେଁ ଏହା ଦୁଇ ଦିନ କିମ୍ବା ତିନି ଦିନ ତଳର ଶବ ଯାହା ନଦୀ ପାଣିରେ ପଡି ରହି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ହେଲେ ତାହାକୁ ଶୁଭଶ୍ରୀ ଙ୍କ ଶବ କହି ତଦନ୍ତ କୁ ଦିଗା ହରା କରିବା ଉଚିତ ନୁହେଁ। ତେଣୁ ରାଜନଗର ପୋଲିସ ତଦନ୍ତର ଗହୀରତାକୁ ଗଲେ ସତ ବାହାରକୁ ଆସିବା ନେଇ ଲୋକେ କୁହାକୁହି ହେଉଛନ୍ତି।

ବାଲିଗୁଡ଼ା ୨ ନଂ ୱାର୍ଡ ରେ ବିଜେଡି ନଗର ସଭାପତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ବାଲିଗୁଡ଼ାରେ ବଢୁଛି ବିଜେଡି ଲୋକପ୍ରିୟତା

ଫୁଲବାଣୀ, ୧୩।୧୧ (ଅକ୍ଷର ଓଡିଶା): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଏନଏସି ର ୨ ନଂ ୱାର୍ଡ ରେ ବିଜେଡି ନଗର ସଭାପତି ଅମିତ ନାୟକଙ୍କୁ ଭବ୍ୟ ସାଗତ ଓ ସମ୍ବର୍ଦ୍ଧନା କରିଥିବା ଦେଖିବାକୁ ମିଳିଛି ।କେବଳ ସେତିକି ନୁହଁ ବାଲିଗୁଡ଼ା ର ପ୍ରତ୍ୟେକ ୱାର୍ଡ ରେ ମଧ୍ୟ ସେହିପରି ବିଜେଡ଼ି ଦଳୀୟ ନେତାଙ୍କୁ ଭବ୍ୟ ସାଗତ ଓ ସମ୍ବର୍ଦ୍ଧନା ମିଳିଥିବା ଦେଖିବାକୁ ମିଳୁଛି । ୨ ନଂ ୱାର୍ଡ ରେ ବିଜେଡି ନଗର ସଭାପତି ଅମିତ ନାୟକ ଉପସ୍ଥିତ ଥିବା ସମୟରେ



ଲୋକ ମାନଙ୍କ ସହ ଆଲୋଚନା କରି ୱାର୍ଡ ର ହେଉଥିବା ସମସ୍ତ ସମସ୍ୟା ର ଅନୁଧ୍ୟାନ କରିଥିଲେ। ବିଜେଡ଼ି ସରକାର ବଦଳିବା ପରେ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରୁଥିବା ବେଳେ କିଭଳି ୱାର୍ଡ ର ଉନ୍ନତି ହେବ ସେ ନେଇ ଆଲୋଚନା କରିଥିଲେ। ବାଲିଗୁଡ଼ା ଏନ୍‌ଏସିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶକୁ ସମ୍ମାନ ଦେଉଥିବା ବେଳେ ବିଜେଡିର ଲୋକପ୍ରିୟତା ମଧ୍ୟ ବଢୁଥିବା ଦେଖିବାକୁ ମିଳୁଛି। ଏହି ସଭାରେ ଅମିତ ନାୟକଙ୍କ ସହିତ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ସୁଧାକର ନାୟକ, ବାଲିଗୁଡ଼ା ବିଜୁ ଯୁବ ବାହିନୀ ସଭାପତି ମାନସ ନାୟକ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଭୋଇପଡା-ଗୁରୁଣ୍ଡା ମଝିରେ ୫୯ ନମ୍ବର ଜାତୀୟ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା

କଟର ଅଭାବରୁ ଉଦ୍ଧାରରେ ବିଳମ୍ବ, ଆମ୍ବୁଲାନ୍ସ ପହଞ୍ଚିଲାନି

ବଲାଙ୍ଗିର, ୧୩।୧୧ (ଦେବେନ୍ଦ୍ର ପୋଡ଼): ବଲାଙ୍ଗିର ଜିଲ୍ଲା ମୁରିବା-ହାଲ ବ୍ଲକ ଗୋଇମୁଣ୍ଡ ପଞ୍ଚାୟତ ଭୋଇପଡାରୁ ଗୁରୁଣ୍ଡା ବୁଲାଣିଆ ୫୯ ନମ୍ବର ଜାତୀୟ ରାଜପଥ ବୁଲାଣି ନିକଟରେ ଏକ ମର୍ମାନ୍ତୁଦ ସଡକ ଦୁର୍ଘଟଣା ଘଟିଛି।

ମହାରାଷ୍ଟ୍ରରୁ ରାଜାଖରିଆର ପଟୁ ଟିଟିଲାଗଡ଼ ଅଭିମୁଖେ ଯାଉଥିବା ଏକ ଲୁହା ବୋଝେଇ ଟ୍ରକ ଭୋଇପଡାରୁ ଗୁରୁଣ୍ଡା ପୋଖରୀ ନିକଟରେ ଭାରସାମ୍ୟ ହରାଇ ନୂତନ ଭାବେ ପକାଯାଇଥିବା ମାଟିରେ ଫସି ଯାଇଥିଲା। ଗାଡିଟି ଏତେ ଜୋରରେ ଫସି ଯାଇଥିଲା ଯେ ସାମ୍ନା ପଟରୁ ଚେପଟା ହୋଇ ଯାଇଥିଲା ଏବଂ ଡ୍ରାଇଭର ଷ୍ଟେଟିଂରେ ଚାପି ହୋଇ ରହିଥିଲା। କୌଶଳ କ୍ରମେ ହେଲପର ବାହାରି ଯାଇଥିବା ବେଳେ ଡ୍ରାଇଭର ଲୁହା ରଡ୍ ଓ ଷ୍ଟେଟିଂ ଭିତରୁ ବାହାରି ପାରିନଥିଲା।

ରାସ୍ତାରେ ଯାଉଥିବା ଶତାଧିକ ଟ୍ରକ ଡ୍ରାଇଭର ଅଟକି ତାଙ୍କୁ ବାହାର କରିବା ପାଇଁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇପାରିନଥିଲେ। ଏହି ସମୟରେ ଗୋଇମୁଣ୍ଡ ଗ୍ରାମର ସମାଜସେବୀ କଶ୍ୟପ ସରାଫ ଘଟଣା ସ୍ଥଳରେ ପହଞ୍ଚି ମୁରିବା-ହାଲ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ମୁରିବାହାଲ ଓ ବଙ୍ଗୋମୁଣ୍ଡା ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ହେଲେ କଟର ଅଭାବରୁ ବିଳମ୍ବ ହେଉଥିଲା। ପରେ ଟିଟିଲାଗଡ଼ ଅଗ୍ନିଶମ ବିଭାଗ କଟର ସହ ପହଞ୍ଚି ବହୁତ କମ ସମୟ ମଧ୍ୟରେ ଗାଡିକୁ କାଟି ଡ୍ରାଇଭରକୁ ଉଦ୍ଧାର କରିଥିଲେ।

ପରିତାପର ବିଷୟ, ଯଦି ମୁରିବାହାଲ ଅଗ୍ନିଶମ ବିଭାଗ ପାଖରେ କଟର ଥାନ୍ତା ତେବେ ବହୁତ କମ ସମୟ ଭିତରେ ଡ୍ରାଇଭର ଉଦ୍ଧାର ହୋଇପାରିଥାନ୍ତା। ତେଣୁ ସମସ୍ତ ଅଗ୍ନିଶମ ବିଭାଗରେ କଟର ଉପଲବ୍ଧ କରାଇବାକୁ ସାଧାରଣରେ ଦାବି ହେଉଛି। ଆହୁରି ଦୁଃଖର ବିଷୟ, ଆମ୍ବୁଲାନ୍ସକୁ ଫୋନ କରିଥିଲେ ମଧ୍ୟ ୩ ଘଣ୍ଟାର ଅପରେସନ ମଧ୍ୟରେ ପହଞ୍ଚି ପାରିନଥିଲା। ଶେଷରେ ଟିଟିଲାଗଡ଼ ଅଗ୍ନିଶମ ଗାଡି ଗୁରୁତର ଡ୍ରାଇଭରକୁ ଉଦ୍ଧାର କରି ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଉଦ୍ଧାର ସମୟରେ ଡ୍ରାଇଭରର କରୁଣ କ୍ରନ୍ଦନ ଓ ବିକଟାଳ ଚିତ୍କାର ଉପସ୍ଥିତ ଲୋକଙ୍କୁ ଭାବବିହ୍ୱଳ କରିଦେଇଥିଲା। ସେ ଏତେ ଜୋରରେ ରୋଦନ କରୁଥିଲେ ଯେ ଶେଷରେ ଅଚେତ ହୋଇଯାଇଥିଲେ। ଏହି ବୁଲାଣିଆ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ଯାଉଥିଲେ ମଧ୍ୟ ସ୍ଥାୟୀ ପ୍ରତିକାର କରାଯାଉନାହିଁ। କେତେ ଦୁର୍ଘଟଣା ପରେ ଚେତିବେ ଉଚ୍ଚ କର୍ତ୍ତୃପକ୍ଷ ଓ ପ୍ରଶାସନ ? ଏହାକୁ ନେଇ ସାଧାରଣରେ ତୀବ୍ର ଉଦବେଗ ପ୍ରକାଶ ପାଇଛି। ମୁରିବାହାଲ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରି ଘଟଣାର ତଦନ୍ତ କରୁଛି।

କାର୍‌ରୁ ବିଏମ୍‌ଆଇ ମେସିନ୍ ଚୋରି, ଜଣେ ଗିରଫ

ଦେବଗଡ଼,୧୩।୧୧(ଅକ୍ଷର ଓଡ଼ିଶା): ଦେବଗଡ଼ ସହରରେ କାର୍‌ରୁ ବିଏମ୍‌ଆଇ ଚେକ୍ ମେସିନ୍ ଚୋରି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ଆଦର୍ଶ ଥାନା ପୋଲିସ। ସୂଚନା ଅନୁଯାୟୀ, ରଞ୍ଜଣା ଗ୍ରାମର ମନୋଜ କୁମାର ଦେହୁରୀ (୪୦) ଏଚ୍‌ପି ଗ୍ୟାସ୍ ଡିଲର ନିକଟରେ କାର୍ ରଖିଥିବା ବେଳେ ସେଥିରୁ ପ୍ରାୟ ୧୦ ହଜାର ଟଙ୍କା ମୂଲ୍ୟର ଆମ୍ରନ୍ କମ୍ପାନୀର ବିଏମ୍‌ଆଇ ଚେକ୍ ମେସିନ୍ ଚୋରି ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଛେପିଲିପାଲି ଗ୍ରାମର ସାଓ୍ୱନ ସଙ୍କଳ୍ପ ସାଇଁ (୩୦) ଙ୍କୁ ଗିରଫ କରିଛି। ତାଙ୍କ ସୂଚନା ଆଧାରରେ ଘୋଡ଼ାଶାଳ ଗ୍ରାମରେ ଥିବା ଭଡ଼ାଘରୁ ଚୋରି ମେସିନ୍‌ଟିକୁ ଉଦ୍ଧାର କରି ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

ବୀର୍ସା ମୁଣ୍ଡା ଓ ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳନ ନେଇ ସାମ୍ବାଦିକ ସମ୍ମିଳନୀ



ଯାଜପୁର, ୧୩।୧୧ (ଅକ୍ଷର ଓଡ଼ିଶା): ୧୫୧ତମ ଭଗବାନ ବୀର୍ସା ମୁଣ୍ଡା ଓ ୧୨୭ତମ ସହିଦ ଲକ୍ଷ୍ମଣ ନାୟକ ଜୟନ୍ତୀ ପାଳନ ଉପଲକ୍ଷେ ଗୁରୁବାର ତୁବୁରୀସ୍ଥିତ କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ଡିସି ଅଧକ୍ଷ ରାଜେନ୍ଦ୍ର କାଲୁଣ୍ଡିଆ, ଉପାଧକ୍ଷା ଦଶମା ଜାରିକା, ବିଜେପି ନେତା ସୁନାରାମ ମାରାଣ୍ଡି, ପୂର୍ବତନ ସେନା କର୍ମଚାରୀ ସାଙ୍ଗୀ ହାଁସଦା ଓ ପଲ୍ଲୁ ମାଝୀ ପ୍ରମୁଖ ଯୋଗଦେଇ ବ୍ରିଟିଶ ଶୋଷଣ ବିରୋଧରେ ‘ଉଲଗୁଲାନ’ ଆନ୍ଦୋଳନ ତଥା ସ୍ୱାଧୀନତା ସଂଗ୍ରାମରେ ଦୁଇ ଜନନାୟକଙ୍କ ଅମୂଲ୍ୟ ଅବଦାନ ଓ ବଳିଦାନକୁ ସ୍ମରଣ କରିଥିଲେ। ନଭେମ୍ବର ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ‘ଆଦିବାସୀ ଗୌରବ ସପ୍ତାହ’ ଅବସରରେ ଅଞ୍ଚଳରେ ଗୌରବ ଯାତ୍ରା, ସ୍ୱାସ୍ଥ୍ୟ ଶିବିର, ପ୍ରତିଭା ସମ୍ମାନ ସହ ପିଏମ୍-ଜନମନ ଓ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଭଳି ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ନେଇ ସୂଚନା ଦିଆଯାଇଥିଲା। ଏହି ଅବସରରେ ବିନୋଦ ହେମ୍ବ୍ରମ୍, ଧାର୍ମୁ ଚାତାର, ମଧୁ ଜାରିକା, ଧନେଶ୍ୱର ଟୁଡୁ ଓ ଟୁମ୍ବୁରୁ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

୮ ଏକର ଜମିରୁ ୧୧,୭୦୦ ଗଞ୍ଜେଇ ଗଛ ନଷ୍ଟ

ପୁଲିସ, ଅବକାରୀ ଓ ମାଜିଷ୍ଟ୍ରେଟଙ୍କ ମିଳିତ ଚଢ଼ାଉ



ନନ୍ଦପୁର, ୧୩।୧୧ (ଶ୍ରୀରାମ ଖରା): କୋରାପୁଟ ଜିଲ୍ଲାରେ ବେଆଇନ ଗଞ୍ଜେଇ ଚାଷ ବିରୋଧରେ ପୁଲିସ ଓ ଅବକାରୀ ବିଭାଗର ଅଭିଯାନ ଜୋରଦାର ହୋଇଛି। ଏହି କ୍ରମରେ ଗୁରୁବାର ପାଡୁଆ ଥାନା ପୁଲିସ, ନନ୍ଦପୁର ଅବକାରୀ ବିଭାଗ ଏବଂ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ମିଳିତ ଚଢ଼ାଉରେ ପ୍ରାୟ ୮ ଏକର ଜମିରେ ଚାଷ ହୋଇଥିବା ୧୧ ହଜାର ୭୦୦ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ପାଡୁଆ ଥାନା ଅନ୍ତର୍ଗତ ପରଜା ବଡ଼ପଡ଼ା ପଞ୍ଚାୟତର ଡଙ୍ଗାବିର ଗ୍ରାମ ନିକଟସ୍ଥ ପାହାଡ଼ ତଳ ଜଙ୍ଗଲିଆ ଅଞ୍ଚଳରେ ବ୍ୟାପକ ଭାବେ ବେଆଇନ ଗଞ୍ଜେଇ ଚାଷ ହୋଇଥିବା ନେଇ ସୂଚନା ମିଳିଥିଲା। ଏହାକୁ ଆଧାର କରି ଗୁରୁବାର ସକାଳେ ମିଳିତ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ପ୍ରାୟ ୮ ଏକର ଜମିରେ ଲାଗିଥିବା ସମସ୍ତ ୧୧,୭୦୦ଟି ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଥିଲା। ଏହି ଘଟଣାରେ ପାଡୁଆ ଥାନାରେ କେସ୍ ନଂ ୧୨୩, ତାରିଖ ୨୨.୧୧.୨୦୨୬, ଏନ୍‌ଡିପିଏସ୍ ଆଇନ, ୧୯୮୫ର ଧାରା ୨୦(ଏ)(ଆଇ) ଅନୁଯାୟୀ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପାଡୁଆ ଥାନା ଆଇଆଇସି ଟୁନା ପିଡିକା ସୂଚନା ଦେଇଛନ୍ତି।

ବିଜେପି ଗଣତନ୍ତ୍ର ବଞ୍ଚାଅ ନୁହେଁ ପ୍ରତାରକ ଧର୍ମେନ୍ଦ୍ର ବଞ୍ଚାଅ ସମାବେଶ: ବିଜେଡି

ଆଠଗଡ଼,୧୩।୧୧(ଅକ୍ଷର ଓଡ଼ିଶା)ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଆଠଗଡ଼ ଗସ୍ତରେ ଆସି ଗଣତନ୍ତ୍ର ବଞ୍ଚାଅ ଓ ଅରାଜକତା ହଟାଓ ସମାବେଶ ଯୋଗଦାନକୁ ନେଇ ବୟାନ ବାଜି ଆରମ୍ଭ ହୋଇଛି। ଏହାକୁ ନେଇ ବିଜେଡି ପକ୍ଷରୁ ସନ୍ଧ୍ୟାରେ ଦଳୀୟ କାର୍ଯ୍ୟାଳୟ ରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ କଟକ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ,କାର୍ଯ୍ୟାଳୟ ସମ୍ପାଦକ ରଞ୍ଜନ କୁମାର ଜେନା,ଆଠଗଡ଼ ବ୍ଲକ୍ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି, ଏନ୍‌ଏସି ସଭାପତି ମହମ୍ମଦ ଖଲ୍ଲିଦ, ଜିଲ୍ଲା ଛାତ୍ର ବିଜେଡି ସଂପାଦକ ଚିଙ୍କୁ ପତ୍ରୀ,ଆଠଗଡ଼ ଗୋପବନ୍ଧୁ ମହା ବିଦ୍ୟାଳୟ ଛାତ୍ର ସଂସଦର ସଭାନେତ୍ରୀ କୃପାମୟୀ ପ୍ରିୟଦର୍ଶିନୀ ସେଠୀ, ସାଧାରଣ ସମ୍ପାଦକ ଶୁଭମ୍ ସାହୁ ପ୍ରମୁଖ ଯୋଗ ଦେଇ ବିଜେପି ତଥା ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଟୁ ସମାଲୋଚନା କରିଥିଲେ। ସାଂସଦ ପ୍ରଧାନ ମନ୍ତ୍ରୀତ୍ୱ ସମୟରେ ପେଟ୍ରୋଲ ଡିଜେଲ,ରନ୍ଧନ ଗ୍ୟାସ ଆଦିର ଅହେତୁକ ମୂଲ୍ୟବୃଦ୍ଧି ଶିକ୍ଷା ମନ୍ତ୍ରୀ ସମୟରେ ବାରମ୍ବାର ପ୍ରଶ୍ନ ପତ୍ର ଲିକ୍, ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତି ପାଇଁ ଯୁବ ବର୍ଗ ର ଆକ୍ରୋଶ ଶିକାର ହୋଇଥିଲେ, ଓଡ଼ିଶାର ନିର୍ବାଚନ ବେଳେ ଦେଇଥିବା ୩୦୦ୟୁନିଟ୍ ବିଜୁଳି ବିଲ୍ ଛାଡ, ମହିଳା ମାନଙ୍କୁ ମାସିକ୧୦୦୦ଟଙ୍କା ପ୍ରଦାନ, ବାର୍ଦ୍ଧକ୍ୟ ଭତ୍ତାକୁ ୩୦୦୦ ଟଙ୍କାକୁ ବୃଦ୍ଧି ଆଦି ପ୍ରସଙ୍ଗରେ ମିଛ କହି ଓଡ଼ିଶା ବାସୀ ପ୍ରତାରଣା କରିଛନ୍ତି।

ଭକ୍ତିମୟ ପରିବେଶରେ ନାଲକୋ ନଗରରେ ମା’ କାଳୀଙ୍କ ପୂଜା ଉଦ୍‌ଯାପିତ

ବାଦଦଣ୍ଡ ଓ ଭଜନ ସନ୍ଧ୍ୟାରେ ଜମିଲା ଆସର, ଶୋଭାଯାତ୍ରା ପରେ ମା’ଙ୍କୁ ଦିଆଗଲା ମେଲାଣି

ନାଲକୋ ନଗର, ୧୩।୧୧ (ଅକ୍ଷର ଓଡ଼ିଶା): ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଉତ୍ସାହର ମାହୋଲ ମଧ୍ୟରେ ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ନାଲକୋ ନଗରରେ ଚାରିଦିନ ବ୍ୟାପୀ ମା’ କାଳୀଙ୍କ ପୂଜା ମହୋତ୍ସବ ଶେଷ ହୋଇଛି। ଦୀପାବଳିଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ପୁରୁଣା କୋ-ଅପରେଟିଭ୍ ମାର୍କେଟ ପରିସରରେ ଧାର୍ମିକ ରୀତିନୀତି ସହ ବିଭିନ୍ନ ସାଂସ୍କୃତିକ ଆୟୋଜନ ମାଧ୍ୟମରେ ଧୁମ୍‌ଧାମରେ ପାଳିତ ହୋଇଥିଲା। ଉତ୍ସବର ଆକର୍ଷଣ ପାଲଟିଥିଲା ପାରମ୍ପରିକ ବାଦଦଣ୍ଡ ଓ ଭଜନ ସନ୍ଧ୍ୟା। ସୋମବାର ସନ୍ଧ୍ୟାରେ ଆୟୋଜିତ ବାଦଦଣ୍ଡ କାର୍ଯ୍ୟକ୍ରମରେ ଗିରାଙ୍ଗ ଓ ଚନ୍ଦ୍ରବାହାଳର ଦୁଇଟି ଦଳ ନିଜର କଳାକୌଶଳ ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ପାରମ୍ପରିକ କଳା ପରିବେଷଣ ଦେଖିବା ପାଇଁ ମାର୍କେଟ ପରିସରରେ ଦର୍ଶକଙ୍କ ଭିଡ଼ ଜମିଥିଲା। କାର୍ଯ୍ୟକ୍ରମର ମୂଲ୍ୟାଙ୍କନ ପାଇଁ ତାଳଚେର ନକେଇପଶିର ହେମନ୍ତ ଦାସ ଓ ଦିଲ୍ଲୀପ କୁମାର ଦାସ ଏବଂ ଅନୁଗୋଳ କୁମୁରିଙ୍ଗିହାର ଯୋଗେନ୍ଦ୍ର ବିଶ୍ୱାଳ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ।

ସେହିପରି ମଙ୍ଗଳବାର ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କୁ ଆଧ୍ୟାତ୍ମିକ ଭାବନାରେ ଭରି ଦେଇଥିଲା। ଭୁବନେଶ୍ୱରରୁ ଆସିଥିବା ‘ଭକ୍ତିପୂର୍ଣ୍ଣ ଭଜନ ସନ୍ଧ୍ୟା’ ଦଳର କଳାକାରମାନେ ମନଛୁଆଁ ଭଜନ ପରିବେଷଣ କରିଥିଲେ। ଭକ୍ତିମୟ ସଙ୍ଗୀତରେ ଉପସ୍ଥିତ ଶ୍ରଦ୍ଧାଳୁ ମନ୍ତ୍ରମୁଗ୍ଧ ହୋଇଥିଲେ।



ନାଲକୋ ଦୁର୍ଗା ଓ କାଳୀ ପୂଜା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରାଯାଇଥିଲା। କମିଟି ସଭାପତି ହିମାଂଶୁ ଶେଖର ପଣ୍ଡା, ଉପସଭାପତି ବାମଦେବ ସେଠ, ନଟବର ମହାନ୍ତି ଓ ନରେଶ ଚନ୍ଦ୍ର ପରିଡ଼ା, ସମ୍ପାଦକ ବିରଞ୍ଚି ନାରାୟଣ ସାମଲ, କୋଷାଧ୍ୟକ୍ଷ ଶୀତେନ୍ଦୁ ମହାରଣା ଏବଂ ସହକୋଷାଧ୍ୟକ୍ଷ ତ୍ରିଲୋଚନ ବିଶ୍ୱାଳଙ୍କ ସମେତ ଅନ୍ୟ ସଦସ୍ୟମାନେ ଆୟୋଜନରେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ।

ପୂଜା ଆୟୋଜନକୁ ସହଯୋଗ କରିବା ପାଇଁ ରଞ୍ଜିତ କନଷ୍ଟ୍ରକ୍ସନ, ନାଲକୋ ଏବଂ ଓମ୍ ଫିଲିଂ ଷ୍ଟେସନର ମାଲିକଙ୍କ ପକ୍ଷରୁ କମିଟିକୁ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଥିଲା। ବୁଧବାର ସନ୍ଧ୍ୟାରେ ସୁସଜ୍ଜିତ ଆଲୋକମାଳା ଓ ରୋଶଣି ମଧ୍ୟରେ ମା’ କାଳୀଙ୍କୁ ନଗର ପରିକ୍ରମା କରାଯାଇଥିଲା। ପରେ ପାରମ୍ପରିକ ରୀତିନୀତି ଅନୁସାରେ ମା’ଙ୍କ ବିସର୍ଜନ କରାଯିବା ସହ ଚାରିଦିନିଆ ପୂଜା ମହୋତ୍ସବର ପରିସମାପ୍ତି ଘଟିଥିଲା। ଏହି ଉତ୍ସବ ନାଲକୋ ନଗରବାସୀଙ୍କ ମଧ୍ୟରେ ଧାର୍ମିକ ଭାବନା ସହ ସାମାଜିକ ଏକତା, ସହଯୋଗ ଓ ଭାଇଚାରାର ବାର୍ତ୍ତା ବହନ କରିଥିଲା।

ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଉପଲକ୍ଷେ ଜନଜାତି ଗୌରବ ଦିବସ ଅଭିଯାନ

ନଭେମ୍ବର ୧୫ ରୁ ୨୨ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ, ଆଦ

ଶନିବାର ୧୪।୧୧।୨୦୨୬
ଅଖଡ଼ା
AKHYARA ODISHA ଓଡ଼ିଶା

ଅଗ୍ନିବୀରଙ୍କ ପାଇଁ ବଡ଼ ଖୁସି ଖବର, ବିବାହ ନିୟମରେ ହେବ ବଡ଼ ପରିବର୍ତ୍ତନ !



ନୂଆଦିଲ୍ଲୀ, ୧୩।୧୧: ଦେଶର ସେନାବାହିନୀରେ ନିଯୁକ୍ତି ସହ ଜଡ଼ିତ ଅଗ୍ନିପଥ ଯୋଜନାରେ ବଡ଼ ଏବଂ ସକାରାତ୍ମକ ପରିବର୍ତ୍ତନ ହେବାର ସଙ୍କେତ ମିଳିଛି। ସରକାର 'ଅଗ୍ନିପଥ ୨.୦' ଅଧୀନରେ ଏହି ଯୋଜନାକୁ ଆହୁରି ବ୍ୟବହାରିକ କରିବାକୁ ବିଚାର କରୁଛନ୍ତି। ନିକଟରେ କେନ୍ଦ୍ର ସରକାର ୪ ବର୍ଷର ସେବା ପୂରଣ କରୁଥିବା ୭୫% ଅଗ୍ନିବୀରଙ୍କୁ ଆଉ ୨ ବର୍ଷର ଅତିରିକ୍ତ କାର୍ଯ୍ୟକାଳ ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଏବେ ଏହି ଦିଗରେ ଆଉ ଏକ ପଦକ୍ଷେପ ନେଇ ଅଗ୍ନିବୀରଙ୍କୁ ବିବାହ ଅନୁମତି ଦେବା ସହ ଏକ୍ସଟେନ୍‌ସନ ପ୍ରକ୍ରିୟାକୁ ସରଳ କରିବା ପାଇଁ ପ୍ରସ୍ତୁତି ଚାଲିଛି।

ବର୍ତ୍ତମାନର ନିୟମ ଅନୁଯାୟୀ, ଅଗ୍ନିପଥ ଯୋଜନା ମାଧ୍ୟମରେ ନିଯୁକ୍ତି ପାଉଥିବା ଯୁବକମାନଙ୍କୁ ପ୍ରାରମ୍ଭିକ ୪ ବର୍ଷର ସେବା ସମୟରେ ଅବିବାହିତ ରହିବା ବାଧ୍ୟତାମୂଳକ। କିନ୍ତୁ ଏବେ ପ୍ରତିରକ୍ଷା ମନ୍ତ୍ରଣାଳୟର ଡିପାର୍ଟମେଣ୍ଟ ଅଫ ମିଲିଟାରୀ ଆଫେୟାର୍ସରେ ଏହି ବିଷୟରେ ବିଚାରବିମର୍ଶ ଚାଲିଛି ଯେ, ୪ ବର୍ଷର କାର୍ଯ୍ୟକାଳ ପୂରଣ କରିବା ପରେ ଯେଉଁ ଅଗ୍ନିବୀରମାନେ ଆଉ ୨ ବର୍ଷର ଏକ୍ସଟେନନରେ ରହିବେ, ସେମାନଙ୍କୁ ବିବାହ କରିବାକୁ ଅନୁମତି ଦିଆଯାଇପାରେ। କେବଳ ସେତିକି ନୁହେଁ, ବିବାହିତ ଅଗ୍ନିବୀରଙ୍କୁ ଡ୍ୟୁଟି ଥିବା ସ୍ଥାନରେ ହିଁ ପରିବାର ପାଇଁ କ୍ୱାର୍ଟର୍ସ ଆବଣ୍ଟନ କରିବା ଯୋଜନା ଉପରେ ମଧ୍ୟ କାମ ଚାଲିଛି। ତେବେ ଏହି ପ୍ରସ୍ତାବ ଉପରେ ଏପର୍ଯ୍ୟନ୍ତ ସରକାରୀ ଭାବେ ମୋହର ବାଜିନାହିଁ। ୪ ବର୍ଷର ସେବା ପୂରଣ ହେବା ପରେ ଅଗ୍ନିବୀରମାନଙ୍କୁ ନିଜର ଭବିଷ୍ୟତ ପଥ ବାଛିବା ପାଇଁ ସେନାର ସ୍ୱତନ୍ତ୍ର ସଫ୍ଟୱେର୍ 'ଅଗ୍ନିପଥ ଆଡମିନିଷ୍ଟ୍ରେସନ ଆଣ୍ଡ ନେଟୱର୍କିଂ' ବ୍ୟବହାର କରିବାକୁ ପଡ଼ିବ। ଏହି ଆପ ମାଧ୍ୟମରେ ଯବାନମାନେ ନିଜର ସହମତି କିମ୍ବା ଅସହମତି ଜଣାଇବା ପାଇଁ ୪ଟି ବିକଳ୍ପ ପାଇବେ।

ପ୍ରଥମ ବିକଳ୍ପ: କେବଳ ସ୍ଥାୟୀ କ୍ୟାଡର୍‌ରେ ନିଯୁକ୍ତି ପାଇଁ ସହମତି ଜଣାଇବା।

ଦ୍ୱିତୀୟ ବିକଳ୍ପ: ସ୍ଥାୟୀ କ୍ୟାଡର୍ ପାଇଁ ସହମତି ଜଣାଇବା। ଯଦି ୨୫% ସ୍ଥାୟୀ ନିଯୁକ୍ତି ପାଇବାକୁ ଥିବା ଯୁବକଙ୍କ ତାଲିକାରେ ଚୟନ ନହୁଏ, ତେବେ ୨ ବର୍ଷର ଏକ୍ସଟେନ୍‌ସନ ପାଇଁ ମଧ୍ୟ ସହମତି ଦେବା।

ତୃତୀୟ ବିକଳ୍ପ: ୪ ବର୍ଷର ସେବା ପରେ କେବଳ ୨ ବର୍ଷର ଏକ୍ସଟେନ୍‌ସନ ପାଇଁ ସହମତି ଜଣାଇବା।

ଚତୁର୍ଥ ବିକଳ୍ପ: ସେନାରେ ଆଉ ସେବା ଜାରି ରଖିବାକୁ ସମ୍ପୂର୍ଣ୍ଣ ଅସହମତି ଜଣାଇବା। ଅର୍ଥାତ୍ ଚାକିରି ଛାଡ଼ିବା। ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଏକ୍ସଟେନ୍‌ସନର ନିୟମ ଓ ସର୍ତ୍ତ ନିର୍ଦ୍ଧାରଣ କରିବାର ଦାୟିତ୍ୱ ଡିପାର୍ଟମେଣ୍ଟ ଅଫ ମିଲିଟାରୀ ଆଫେୟାର୍ସ ପକ୍ଷରୁ ତିନି ସେନାବାହିନୀ ଯଥା ସ୍ଥଳସେନା, ବାୟୁସେନା ଓ ନୌସେନା ଉପରେ ଛାଡ଼ି ଦିଆଯାଇଛି।

ବାୟୁସେନା: ପୂର୍ବରୁ ରହିଥିବା ମାର୍କିଂ ଓ ମୂଲ୍ୟାଙ୍କନ ପ୍ରକ୍ରିୟା ଆଧାରରେ ଅଗ୍ନିବୀରଙ୍କୁ ଏକ୍ସଟେନ୍‌ସନ ଦେବାକୁ ବିଚାର କରୁଛି।

ସ୍ଥଳସେନା: ଶୃଙ୍ଖଳିତ, ଉତ୍କୃଷ୍ଟ ପ୍ରଦର୍ଶନ କରୁଥିବା ଏବଂ ସମ୍ପୂର୍ଣ୍ଣ ଫିଟ ଥିବା ଅଗ୍ନିବୀରଙ୍କୁ ମୋଟ ୬ ବର୍ଷର ସେବା (୪ ବର୍ଷ କୁ ୨ ବର୍ଷ ଏକ୍ସଟେନ୍‌ସନ) ପରେ ସ୍ଥାୟୀ ନିଯୁକ୍ତି ଦେବାକୁ ଯୋଜନା କରୁଛି। କାରଣ ଏହି ପ୍ରକ୍ରିୟାରେ ପଦବୀ ସଂଖ୍ୟା ଉପରେ କୌଣସି ସୀମା ବା କ୍ୟାପିଂ ରହିବ ନାହିଁ।

ମାଇକ୍ରୋସଫ୍ଟ ସେବା ବ୍ୟାହତ ଯୋଗୁ ଭାରତରେ ବିମାନ ସେବା ପ୍ରଭାବିତ: ୩ଟି ବିମାନ ବାତିଲ

ନୂଆଦିଲ୍ଲୀ,୧୩।୧୧: ମାଇକ୍ରୋସଫ୍ଟ ସେବାରେ ବ୍ୟାଘାତ ଯୋଗୁ ଭାରତରେ ବିମାନ ସେବା ଉପରେ ଏହାର ପ୍ରଭାବ ପଡ଼ିଛି। ସ୍ପାଇସଜେଟ ଦିଲ୍ଲୀରୁ ଛାଡୁଥିବା ନିଜର ତିନୋଟି ବିମାନ ଉଡ଼ାଣକୁ ବାତିଲ କରିଦେଇଛି। ଅନ୍ୟ ବିମାନ କମ୍ପାନୀଗୁଡ଼ିକରେ ବର୍ତ୍ତମାନ ସୁଦ୍ଧା ଏଭଳି କୌଣସି ସମସ୍ୟା ଦେଖାଦେଇ ନଥିଲେ ମଧ୍ୟ, ସେମାନେ ଯାତ୍ରୀମାନଙ୍କୁ ନିଜ ବିମାନର ସ୍ଥିତି ଆଗୁଆ ଯାଞ୍ଚ କରିନେବାକୁ ପରାମର୍ଶ ଦେଇଛନ୍ତି।

ମାଇକ୍ରୋସଫ୍ଟରେ ଦେଖାଦେଇଥିବା ବୈଷୟିକ ତ୍ରୁଟି କାରଣରୁ, ସ୍ପାଇସଜେଟ ଶୁକ୍ରବାର ସକାଳେ ଦିଲ୍ଲୀରୁ ଛାଡୁଥିବା ତିନୋଟି ବିମାନ ଉଡ଼ାଣକୁ ବାତିଲ କରିଛି। ଏଥିମଧ୍ୟରେ ଦିଲ୍ଲୀରୁ ପୁଣେ, ଦିଲ୍ଲୀରୁ ଲେହ ଏବଂ ଦିଲ୍ଲୀରୁ ମୁମ୍ବାଇ ଯାଉଥିବା ବିମାନଗୁଡ଼ିକ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ, ସ୍ପାଇସଜେଟର ଅନ୍ୟ ଦୁଇଟି ବିମାନଦିଲ୍ଲୀରୁ ଦରଭଙ୍ଗା ଏବଂ ଦିଲ୍ଲୀରୁ ମୁମ୍ବାଇବିଳମ୍ବରେ ଚଳାଚଳ କରିଛି। ଏହି ସମୟରେ, ଏୟାର ଇଣ୍ଡିଆ କହିଛି ଯେ ଏହା ମାଇକ୍ରୋସଫ୍ଟ ବିଭ୍ରାଟ ଉପରେ କଡ଼ା ନଜର ରଖିଛି ଏବଂ ଏହାର ବିମାନ ଚଳାଚଳ ପ୍ରଭାବିତ ହୋଇନାହିଁ। ଏୟାରଲାଇନ୍ସ ଆହୁରି ଉଲ୍ଲେଖ କରିଛି ଯେ ଏହାର ଯୋଗାଯୋଗ ଚ୍ୟାନେଲଗୁଡ଼ିକ ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଛି। ଏୟାର ଇଣ୍ଡିଆ ବ୍ୟାଖ୍ୟା କରିଛି ଯେ ଯାତ୍ରୀଙ୍କ ଇମେଲ ଯେପରି କୌଣସି ବାଧା ବିନା ଗ୍ରହଣ କରାଯାଏ ତାହା ନିଶ୍ଚିତ କରିବା ପାଇଁ ଇମେଲ ଟ୍ରାଫିକକୁ ଅସ୍ଥାୟୀ ଭାବରେ ପୁନଃରୁଦ୍ଧାର କରାଯାଇଛି। ଏହା ସହିତ, କମ୍ପାନୀ କହିଛି ଯେ ଏହା ଏହାର ମାନକ ୨୪ ଘଣ୍ଟା ସମୟସୀମା ମଧ୍ୟରେ ଇମେଗୁଡ଼ିକର ଉତ୍ତର ଦେଉଛି। ଏୟାରଲାଇନ୍ସ ଏବଂ ବିମାନବନ୍ଦର ଦ୍ୱାରା ଜାରି କରାଯାଇଥିବା ଅପଡେଟ ଅନୁଯାୟୀ, ଯାତ୍ରୀମାନଙ୍କୁ ବିମାନବନ୍ଦରକୁ ଯିବା ପୂର୍ବରୁ ସେମାନଙ୍କର ବିମାନ ସ୍ଥିତି ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ମାଇକ୍ରୋସଫ୍ଟ ବିଭ୍ରାଟକୁ ଦୃଷ୍ଟିରେ ରଖି, ଇଣ୍ଡିଗୋ ଏବଂ ଆକାସା ଏୟାର ମଧ୍ୟ ଯାତ୍ରୀମାନଙ୍କ ପାଇଁ ପରାମର୍ଶ ଜାରି କରିଛନ୍ତି, ସେମାନଙ୍କୁ ବିମାନ ସମ୍ପର୍କିତ ସୂଚନା ଏବଂ ଅପଡେଟ ଉପରେ କଡ଼ା ନଜର ରଖିବାକୁ ଅନୁରୋଧ କରିଛନ୍ତି। ଦିଲ୍ଲୀ ବିମାନବନ୍ଦର ମଧ୍ୟ ଯାତ୍ରୀମାନଙ୍କ ପାଇଁ ଏକ ପରାମର୍ଶ ଜାରି କରିଛି।



ରସଗୋଲା କହି ଖୁଆଇଦେଲା ବନ୍ଧୁ, ପାଟିରେ ଫୁଟିଲା ବୋମା ! ଚାଲିଗଲା ଜୀବନ

ନୂଆଦିଲ୍ଲୀ: ମଧ୍ୟପ୍ରଦେଶର ଡିଣ୍ଡୋରୀ ଅଂଚଳର ପଡ଼ରିଆ ଛାଣ୍ଟା ଗାଁରେ ଗତ ମଙ୍ଗଳବାର ଏକ ଲୋମହର୍ଷଣକାରୀ ଘଟଣା ସାମ୍ନାକୁ ଆସିଛି। ଏଠାକାର ଜଣେ ୩୫ ବର୍ଷୀୟ ବ୍ୟକ୍ତିଙ୍କୁ ତାଙ୍କର ଜଣେ ବନ୍ଧୁ ରସଗୋଲା କହି ଏକ ବାରୁଦ ବୋମା ଖାଇବାକୁ ଦେବାରୁ ବିସ୍ଫୋରଣରେ ତାଙ୍କର ମୃତ୍ୟୁ ଘଟିଛି। ଡିଣ୍ଡୋରୀ କୋତୱାଲି ଥାନା ଅଧିକାରୀ ଦୁର୍ଗା ପ୍ରସାଦ ନାଗପୁରେଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଏଠାକାର ଜଣେ ଯୁବକ ରାଜେନ୍ଦ୍ର ପରିବାର ସହ ରାତ୍ରିଭୋଜନ କରିଥିଲେ। ଏହାପରେ ସେ ଶୀତରୁ ରକ୍ଷା ପାଇବାକୁ ଘର ଅଗଣାରେ ନିଆଁ ପାଖରେ ବସିଥିଲେ। ଏହି ସମୟରେ ସେହି ଗାଁରେ ରହୁଥିବା ତାଙ୍କର ଜଣେ ବନ୍ଧୁ ରାମଭଗତ ବରୌଠିଆ ସେଠାକୁ ଆସି ତାଙ୍କ ପାଖରେ ବସିଥିଲେ। ଶୀତୁଆ ସନ୍ଧ୍ୟାରେ ଦୁଇ ବନ୍ଧୁ ଗପସପରେ ମାତି ଯାଇଥିଲେ। ଏହି ସମୟରେ ରାମଭଗତ ରାଜେନ୍ଦ୍ରଙ୍କୁ ଏକ ସୁଆରମାର ବୋମା ଦେଇ ତାହାକୁ ରସଗୋଲା ବୋଲି କହିଥିଲେ। ଅନ୍ଧାର ଯୋଗୁ କିଛି ସ୍ପଷ୍ଟ ଦିଶୁ ନ ଥିଲା । ତବେ ବନ୍ଧୁ କଥାକୁ ବିଶ୍ୱାସ କରି ମିଠା ଭାବି ରାଜେନ୍ଦ୍ର ତୁରନ୍ତ ଏହାକୁ ପାଟିରେ ପକାଇ ଦେଇଥିଲେ। କିନ୍ତୁ ଚୋବାଇବା ମାତ୍ରେ ଏଥିରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଫଳରେ ତାଙ୍କ ମୁହଁ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ବିସ୍ଫୋରଣ ପରେ ପରିବାର ଲୋକେ ତୁରନ୍ତ ରାଜେନ୍ଦ୍ରଙ୍କୁ ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୁଲିସ ରାମଭଗତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୧୦୫ ଏବଂ ବିସ୍ଫୋରକ ଆଇନର ଧାରା ୩ ଓ ୪ ଅନୁଯାୟୀ ମାମଲା ରୁଜୁ କରିଛି। ଘଟଣା ଜଣାପଡ଼ିବା ପରେ ଗାଁ ଲୋକେ ସ୍ତବ୍ଧ ହୋଇଯାଇଛନ୍ତି। ଅନ୍ୟପଟେ ବୋମା କେଉଁଠାରୁ ଆସିଲା ଏବଂ ରାମଭଗତ ତାଙ୍କୁ ରସଗୋଲା କହି ବୋମା କାହିଁକି ଖାଇବାକୁ ଦେଲେ, ସେନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣାର ସମସ୍ତ ଦିଗକୁ ନେଇ ପୁଲିସ ଖୋଳତାଡ଼ କରୁଛି। ସୂଚନାଯୋଗ୍ୟ, ରସଗୋଲା ଭାବି ରାଜେନ୍ଦ୍ର ଖାଇଥିବା ବୋମା ସୁଆରମାର ବୋମା ଭାବେ ପରିଚିତ । ବାରୁଦ ଓ ପୋଟାସ୍ ବ୍ୟବହାର କରି ଏହା ପ୍ରସ୍ତୁତ କରାଯାଏ। ଜଙ୍ଗଲୀ ବାରହାଙ୍କୁ ମାରିବା ପାଇଁ ଏହାକୁ ବ୍ୟବହାର କରାଯାଏ। ସାମାନ୍ୟ ଚାପ ପଡ଼ିଲେ ମଧ୍ୟ ଏଥିରେ ବିସ୍ଫୋରଣ ଘଟିପାରେ। ଶିକାରୀମାନେ ଜଙ୍ଗଲରେ ଛୋଟ ଜୀବଜନ୍ତୁଙ୍କ ଶିକାର ପାଇଁ ମଧ୍ୟ ଏଭଳି ବୋମା ବ୍ୟବହାର କରିଥାନ୍ତି।

ମୋ ଫୋନ ଟ୍ୟାପ କରାଯାଉଛି: ରାହୁଲ



ନୂଆଦିଲ୍ଲୀ,୧୩।୧୧: ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ନିଜ ଫୋନ ଟ୍ୟାପିଂ ହେଉଥିବା ନେଇ ଅଭିଯୋଗ କରିଛନ୍ତି। ସୋସିଆଲ ମିଡିଆରେ ସେ ଦାବି କରିଛନ୍ତି, ତାଙ୍କ ଅଭିଯୋଗ ସମ୍ପର୍କିତ ସମସ୍ତ ପ୍ରମାଣ ତାଙ୍କ ଫୋନ୍‌ରେ ରହିଛି ଏବଂ ପ୍ରଧାନମନ୍ତ୍ରୀ ଏହାକୁ ଟ୍ୟାପ କରାଉଛନ୍ତି। ଏହା ସହିତ ପ୍ରଧାନମନ୍ତ୍ରୀଙ୍କୁ ସାମ୍ନାସାମ୍ନି ବିତର୍କ ପାଇଁ ପୁଣି ଆହ୍ୱାନ କରିଛନ୍ତି ରାହୁଲ। ତାଙ୍କ ଏହି ଅଭିଯୋଗ ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ରାହୁଲ ଗାନ୍ଧୀ ସୋସିଆଲ ମିଡିଆରେ କହିଛନ୍ତି, ସେ ଯେଉଁସବୁ ଅଭିଯୋଗ କରୁଛନ୍ତି, ସେଗୁଡ଼ିକର ପ୍ରମାଣ ତାଙ୍କ ଫୋନରେ ରହିଛି। ପ୍ରଧାନମନ୍ତ୍ରୀଙ୍କ ସହ ସାମ୍ନାସାମ୍ନି ବିତର୍କ ହେଲେ କିଏ ବିଦେଶୀ ଶକ୍ତିଙ୍କ ଇଙ୍ଗିତରେ କାମ କରୁଛି, କିଏ ଦେଶବିରୋଧୀ ଏବଂ କେବେଠାରୁ ଏଭଳି କାର୍ଯ୍ୟରେ ଜଡ଼ିତ ରହିଛି, ତାହା ସ୍ପଷ୍ଟ ହୋଇଯିବ। ଏହା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ତାଙ୍କ ପାଖରେ ଥିବା ମଧ୍ୟ ସେ ଦାବି କରିଛନ୍ତି।

ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ, ସଂସଦରେ ତାଙ୍କ ମାଇକ ଅନେକଥର ବନ୍ଦ କରିଦିଆଯାଉଛି। କୃଷି ଆଇନ, ଭୋଟ ଚୋରି, ଏସଆଇଆର୍, ଚୀନ, ନରୱାଣେଙ୍କ ପୁସ୍ତକ ଏବଂ ଏପଷ୍ଟିନ ଭଳି ପ୍ରସଙ୍ଗରେ ସେ ସଂସଦରେ କହିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ସୁଯୋଗ ମିଳି ନ ଥିବା ସେ କହିଛନ୍ତି। ଏହି କାରଣରୁ ସେ ପ୍ରଧାନମନ୍ତ୍ରୀଙ୍କ ସହ ଏକ ସାର୍ବଜନୀନ ମଞ୍ଚରେ ଖୋଲା ବିତର୍କ ଚାହୁଁଛନ୍ତି। ଗତ ୧୨ ମାସ ମଧ୍ୟରେ ରାହୁଲ ଗାନ୍ଧୀ ଲଗାତାର ସପ୍ତମ ଥର ପାଇଁ ମୋଦିଙ୍କୁ ବିତର୍କ ପାଇଁ ଅହ୍ୱାନ କରିଥିବା ଉଲ୍ଲେଖ କରାଯାଇଛି। ଫୋନ ଟ୍ୟାପିଂ ନେଇ ରାହୁଲ ଗାନ୍ଧୀ ପୂର୍ବରୁ ମଧ୍ୟ ଅଭିଯୋଗ ଆଣିଥିଲେ। ୧୯ ସେପ୍ଟେମ୍ବର ୨୦୨୬ରେ ଇନ୍ଦୋରରେ ଆୟୋଜିତ 'ଛାତ୍ରଙ୍କ ଗୁଞ୍ଜ' କାର୍ଯ୍ୟକ୍ରମରେ ସେ ଏହି ପ୍ରସଙ୍ଗ ଉଠାଇଥିଲେ।

କେନ୍ଦ୍ରମନ୍ତ୍ରୀଙ୍କ ବଡ଼ ଚ୍ୟାଲେଞ୍ଜ, ୨୦୨୯ରେ କଂଗ୍ରେସ ଜିତିଲେ ରାହୁଲଙ୍କ ସହ ହାତ ମିଶାଇବେ ରାମଦାସ

ନୂଆଦିଲ୍ଲୀ: ବାରମ୍ବାର ସରକାରଙ୍କ ଉପରେ ଭୋଟ୍ ଚୋରିର ଅଭିଯୋଗ ଆଣୁଥିବା କଂଗ୍ରେସକୁ କେନ୍ଦ୍ର ମନ୍ତ୍ରୀ ରାମଦାସ ଆଠୱଲେ ବଡ଼ ଚ୍ୟାଲେଞ୍ଜ ଦେଇଛନ୍ତି । ଯଦି ୨୦୨୯ ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଆସେ ତେବେ ସେ ଏନଡିଏ ଛାଡ଼ି ରାହୁଲ ଗାନ୍ଧୀଙ୍କ ସହିତ ହାତ ମିଶାଇବେ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ । ଗୁରୁବାର ରାମଦାସ ଆଠୱଲେ କହିଛନ୍ତି ଯେ ଜନତା ଯାହାକୁ ଚାହାଁନ୍ତି ସିଏ କ୍ଷମତାକୁ ଆସେ । ଭୋଟ୍ ଚୋରି ଅଭିଯୋଗ ଆଣିବା ଠିକ୍ ନୁହେଁ । ଗଣତନ୍ତ୍ର ଯାହାକୁ ପସନ୍ଦ କରେ ତାର ଅଧିକାର । ରାମଦାସ ଓଡ଼ିଶାର ବିଜୁ ଜନତା ଦଳର ଉଦାହରଣ ଦେଇଛନ୍ତି । ବିଜେଡ଼ି ଅନେକ ବର୍ଷ କ୍ଷମତାରେ ରହିଛି, କିନ୍ତୁ ବିଜେପି କେବେବି ଭୋଟ୍ ଚୋରିର ଅଭିଯୋଗ ଆଣି ନାହିଁ । ଯାହାକୁ ସେଠାରେ ଲୋକ ପସନ୍ଦ କରନ୍ତି ସେଠାରେ ସିଏ ସରକାରକୁ ଆସେ । ସେହିପରି ରାମଦାସ ରାହୁଲ ଗାନ୍ଧୀଙ୍କୁ ବଡ଼ ଚ୍ୟାଲେଞ୍ଜ ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ରାହୁଲ ଗାନ୍ଧୀଙ୍କ କ୍ରୋଧ ହେଉଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି । କାରଣ ନେହେରୁଙ୍କ ଠାରୁ ମୋଦୀ ଅଧିକ ସମୟ ପ୍ରଧାନମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ରାମଦାସ ଦୃଢ଼ ଦାବି କରିଛନ୍ତି ୧୫ ବର୍ଷ ନୁହେଁ ତାଠାରୁ ଅଧିକ ସମୟ ମୋଦୀ ପ୍ରଧାନମନ୍ତ୍ରୀ ରହିବେ। ୨୦୨୯ରେ ମଧ୍ୟ ନିର୍ବାଚନ ଲଢ଼ିବାକୁ ବିଜେପି ପ୍ରସ୍ତୁତ ଅଛି। ଯଦି ଲୋକେ କଂଗ୍ରେସ ଏବଂ ବିରୋଧୀଙ୍କ ବହୁମତ ଦେବେ ତେବେ ସେ ରାହୁଲ ଗାନ୍ଧୀଙ୍କ ସହିତ ହାତ ମିଶାଇବେ କିନ୍ତୁ ତାଙ୍କ ସହିତ ଯିବେ ନାହିଁ। ଯଦି ମୋଦୀ ପୁଣି ଥରେ କ୍ଷମତାକୁ ଆସନ୍ତି, ତେବେ ଏହାକୁ ରାହୁଲ ଗାନ୍ଧୀଙ୍କୁ ସ୍ୱୀକାର କରିବାକୁ ପଡ଼ିବ।

ପ୍ରେମ ସମ୍ପର୍କରୁ ଗୁଇନ୍ଦା ବିବାଦ, ଆମେରିକା ସଂସଦରେ ହାଜର ହେବେ ହୁଆଙ୍ଗ୍



ୱାଶିଂଟନ ଡିସି : ଆମେରିକାର ବହୁଦେଶୀୟ ପ୍ରଯୁକ୍ତି କମ୍ପାନି ଏନ୍‌ଭିଡିଆର ପୂର୍ବତନ ସିଇଓ ଜେନସେନ୍ ହୁଆଙ୍ଗ୍ ଆମେରିକୀୟ କଂଗ୍ରେସ (ସଂସଦ) ସମ୍ମୁଖରେ ହାଜର ହୋଇ ବୟାନ ଦେବାକୁ ରାଜି ହୋଇଛନ୍ତି । ବରିଷ୍ଠ ସାଂସଦମାନେ ତାଙ୍କୁ ସମନ ଜାରି କରିବାକୁ ଧମକ ଦେବା ପରେ ହୁଆଙ୍ଗ୍ ଏଥିରେ ରାଜି ହୋଇଥିବା ନେଇ ହାଉସ୍ ଫରେନ୍ ଆଫେୟାର୍ସ କମିଟିର ଅଧ୍ୟକ୍ଷ ବ୍ରାଏନ୍ ମାଷ୍ଟ ସ୍ପଷ୍ଟ କରିଛନ୍ତି। ଜଣେ ମହିଳାଙ୍କ ସହ ହୁଆଙ୍ଗ୍ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ରଖିବା ଖବର ସାମ୍ନାକୁ ଆସିବା ପରେ ଏହି ବିବାଦ ଉପୁଜିଛି। ମହିଳା ଜଣକ ଚୀନ୍ ପାଇଁ ଗୁଇନ୍ଦାଗିରି କରିଥିବା ରିପୋର୍ଟ ପ୍ରକାଶ ପାଇଛି।

ଚୀନ୍ ଯଦିଓ ଏହି ଖବରକୁ ଖଣ୍ଡନ କରିଛି, ଆମେରିକା କିନ୍ତୁ ଏହାକୁ ଅତି ଗୁରୁତ୍ୱର ସହ ଗ୍ରହଣ କରିଛି। ସଂସଦରେ ହୁଆଙ୍ଗ୍‌ଙ୍କୁ ହାଜର କରାଇ ଘେରିବାକୁ ସାଂସଦମାନେ ନିଷ୍ପତ୍ତି ନେଇଛନ୍ତି । ତାଙ୍କୁ ବିଭିନ୍ନ ଦିଗରୁ ଜୋରଦାର ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିବ।

ଆମେରିକା କ୍ୟାପିଟଲରେ ସାମ୍ବାଦିକଙ୍କୁ ସୂଚନା ଦେଇ ବ୍ରାଏନ ମାଷ୍ଟ କହିଛନ୍ତି, ଆପଣମାନଙ୍କ ମଧ୍ୟରୁ ଅନେକ ପୂର୍ବରୁ ଜାଣିଥିବେ ଯେ ରପ୍ତାନି ନିୟନ୍ତ୍ରଣ ପ୍ରସଙ୍ଗରେ ମୋ ସହିତ ଜେନସେନ ହୁଆଙ୍ଗ୍‌ଙ୍କର ମତଭେଦ ରହିଆସିଛି । କିନ୍ତୁ ଆମେରିକା ପାଇଁ ଏନ୍‌ଭିଡିଆ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କମ୍ପାନି। ମୁଁ ଏନ୍‌ଭିଡିଆର କୌଣସି କ୍ଷତି ହେଉ ବୋଲି ଚାହେଁନାହିଁ । ହୁଆଙ୍ଗ୍‌ଙ୍କ ଅନେକ କଠିନ ପ୍ରଶ୍ନର ଜବାବ ଦେବାକୁ ପଡ଼ିବ।

ଅଭିଷେକ ବାନାର୍ଜୀଙ୍କ ସୁରକ୍ଷା ବ୍ୟବସ୍ଥା 'ଜେଡ୍' ପ୍ଲସ୍‌ରୁ 'ଏକ୍ସ'କୁ ହ୍ରାସ

କୋଲକାତା: ପଶ୍ଚିମବଙ୍ଗର ବିରୋଧୀ ଦଳ ତୃଣମୂଳ କଂଗ୍ରେସ (ମମତା ଗୋଷ୍ଠୀ)ର ସାଂସଦ ତଥା ମହାସଚିବ ଅଭିଷେକ ବାନାର୍ଜୀ ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ସୁରକ୍ଷା ବ୍ୟବସ୍ଥା 'ଜେଡ୍ ପ୍ଲସ' ବର୍ଗରୁ ହ୍ରାସ କରି 'ଏକ୍ସ' ବର୍ଗକୁ ନେବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବିରୋଧରେ ହାଇକୋର୍ଟରେ ମାମଲା ଦାଏର କରିଛନ୍ତି।

ଅଭିଷେକଙ୍କ ପକ୍ଷରୁ କୋର୍ଟରେ ଉପସ୍ଥିତ ତାଙ୍କ ଓକିଲ ଶୋଏବ ଆଲମ କୋର୍ଟରେ ଯୁକ୍ତି ଉପସ୍ଥାପନ କରି କହିଥିଲେ, ''କେବଳ ରାଜନୈତିକ ପ୍ରତିଶୋଧ ପରାୟଣତା ଯୋଗୁଁ ଜଣେ ବର୍ତ୍ତମାନର ସାଂସଦଙ୍କ ସୁରକ୍ଷା ପ୍ରତ୍ୟାହାର କରାଯାଇଛି । ଅଭିଷେକଙ୍କ ଜୀବନ ପ୍ରତି ବିପଦ ଆଶଙ୍କାକୁ ଦୃଷ୍ଟିରେ ରଖି ୨୦୧୩ ମସିହାରୁ ତାଙ୍କୁ ଜେଡ ପ୍ଲସ ସୁରକ୍ଷା ଯୋଗାଇ ଦିଆଯାଉଥିଲା। କିନ୍ତୁ ଗତ ମେ' ୯ ତାରିଖରେ ରାଜ୍ୟରେ ନୂଆ ସରକାର ଶପଥ ଗ୍ରହଣ କରିବାର ମାତ୍ର ୩ ଦିନ ପରେ, ମେ' ୧୨ ତାରିଖରେ ତାଙ୍କ ସୁରକ୍ଷାକୁ ହ୍ରାସ କରି 'ଏକ୍ସ' ବର୍ଗକୁ ନିଆଯାଇଥିଲା। ସୁରକ୍ଷା ସମୀକ୍ଷା କମିଟିର କୌଣସି ଆଲୋଚନା କିମ୍ବା

ମୁରବି ବିହୀନ ହରିଚନ୍ଦନପୁର ଶିକ୍ଷା ବିଭାଗ

ବିଇଓ ପଦବି ଖାଲି, ଜଣେ ମାତ୍ର ଏବିଇଓଙ୍କ ଭରସାରେ କାର୍ଯ୍ୟାଳୟ

ହରିଚନ୍ଦନପୁର, ୧୩/୧୧ (ଶୂନ୍ୟରଞ୍ଜନ ଘଣା): କେନ୍ଦୁଝର ଜିଲ୍ଲାର ଏକ ଆଦିବାସୀ ବହୁଳ ବ୍ଲକ୍ ହେଉଛି ହରିଚନ୍ଦନପୁର। ଏହି ବ୍ଲକ୍‌ର ଅନେକ ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ବିଦ୍ୟାଳୟ ରହିଥିବା ବେଳେ ସେଠାରେ ଶିକ୍ଷକ ଅଭାବ ସାଙ୍ଗକୁ ଗମନାଗମନର ମଧ୍ୟ ଉପଯୁକ୍ତ ସୁବିଧା ନାହିଁ। ବ୍ଲକ୍‌ର ୯ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ମାତ୍ର ଜଣେ ଲେଖାଏଁ ଶିକ୍ଷକ ରହିଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଶିକ୍ଷାଦାନ କିପରି ସାଭାବିକ ହେବ, ତାହାକୁ ନେଇ ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ବିଦ୍ୟାଳୟ ପରିଚାଳନା ପାଇଁ ସର୍ବନିମ୍ନ ଦୁଇଜଣ ଶିକ୍ଷକ ଆବଶ୍ୟକ ବୋଲି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ଅବଗତ କରାଯାଇଛି। ଏକକ ଶିକ୍ଷକ ଥିବା ବିଦ୍ୟାଳୟଗୁଡ଼ିକରେ ଅନ୍ୟ ବିଦ୍ୟାଳୟରୁ ଶିକ୍ଷକଙ୍କୁ ଡେପୁଟେସନ୍‌ରେ ପଠାଇବା ସହ ଟ୍ୟାଗ୍ କ୍ଲାସ୍ ମାଧ୍ୟମରେ ପାଠପଢ଼ାଇବାକୁ ନିର୍ଦ୍ଦେଶ ରହିଛି। ହେଲେ ବିଏଲ୍‌ଓ, ଏସ୍‌ଆଇଆର୍ ଭଳି ବିଭିନ୍ନ ସରକାରୀ କାର୍ଯ୍ୟରେ ଶିକ୍ଷକମାନଙ୍କୁ ନିୟୋଜିତ କରାଯାଉଥିବାରୁ ନିୟମିତ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏଥିସହ କାଗଜପତ୍ର କାମ ଓ ମଧ୍ୟାହ୍ନଭୋଜନ ପରିଚାଳନାରେ ଶିକ୍ଷକଙ୍କ ଅଧିକ ସମୟ ବିତୁଥିବାରୁ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେଉଛି।

ଅନ୍ୟପକ୍ଷରେ ପ୍ରାୟ ଦେଢ଼ ମାସ ହେଲା ହରିଚନ୍ଦନପୁର ବ୍ଲକ୍ ଶିକ୍ଷା ବିଭାଗ ମୁରବି ବିହୀନ ହୋଇପଡ଼ିଛି। ଏଠାରେ କାର୍ଯ୍ୟରତ ବ୍ଲକ୍ ଶିକ୍ଷାଧିକାରୀ ଚିନ୍ମୟ କୁମାର ରାଉତଙ୍କୁ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍କୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ ବିଇଓ ନିଯୁକ୍ତି ହୋଇନାହାନ୍ତି। ଏହା ବଦଳରେ ଘଟଗାଁ ବ୍ଲକ୍‌ର ବିଇଓ ହରେକୃଷ୍ଣ ନାଏକଙ୍କୁ ହରିଚନ୍ଦନପୁର ବ୍ଲକ୍‌ର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଫଳରେ ସ୍କୁଲ୍ ମନିଟରିଂଠାରୁ ଆରମ୍ଭ କରି ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟକ୍ରମର ତଦାରଖ ଠିକ୍ ଭାବେ ହୋଇପାରୁନଥିବା ଅଭିଯୋଗ ହେଉଛି। ସେହିପରି ବ୍ଲକ୍‌ରେ ତିନିଜଣ ଏବିଇଓଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ଜଣେ ଏବିଇଓ କାର୍ଯ୍ୟରତ ଅଛନ୍ତି। ଏହାଦ୍ୱାରା ବିଦ୍ୟାଳୟଗୁଡ଼ିକର ନିୟମିତ ତଦାରଖ ମଧ୍ୟ ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପଚାରିବାରୁ ପ୍ରଥମେ ନିଜ ବିଭାଗର ବିଦ୍ୟାଳୟଗୁଡ଼ିକୁ ଏବିଇଓ ତଦାରଖ କରିବେ ଏବଂ ଆବଶ୍ୟକ ପଡ଼ିଲେ ଏସ୍‌ଟି ଓ ଏସ୍‌ସି ବିଭାଗର ବିଦ୍ୟାଳୟକୁ ଯାଇପାରିବେ ବୋଲି କହିଥିଲେ।

କେବଳ ସେତିକି ନୁହେଁ, ସମଗ୍ର ଶିକ୍ଷା ନିୟମ ଅନୁଯାୟୀ ବିଇଓ କାର୍ଯ୍ୟାଳୟରେ ଜଣେ ଏମ୍‌ଆଇଏସ୍ କୋ-ଅର୍ଡିନେଟର, ତିନିଜଣ ଆକାଉଣ୍ଟାଣ୍ଟ ଓ ଦୁଇଜଣ ବିଆର୍‌ଟି ରହିବା କଥା। କିନ୍ତୁ ଏଠାରେ ମାତ୍ର ଜଣେ ଆକାଉଣ୍ଟାଣ୍ଟ ରହିଛନ୍ତି। ସେହି ଜଣେ କର୍ମଚାରୀ ଦୀର୍ଘ ବର୍ଷ ଧରି ଏମ୍‌ଆଇଏସ୍ କୋ-ଅର୍ଡିନେଟରଙ୍କ କାମ ସହ ଆକାଉଣ୍ଟାଣ୍ଟଙ୍କ ଦାୟିତ୍ୱ ମଧ୍ୟ ତୁଲାଇ ଆସୁଛନ୍ତି। ଫଳରେ ଆବଶ୍ୟକ କର୍ମଚାରୀ ଅଭାବରୁ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନାନା ସମସ୍ୟା ମଧ୍ୟରେ ଚାଲିଛି। ହରିଚନ୍ଦନପୁର ବ୍ଲକ୍‌ର ଶିକ୍ଷା ବ୍ୟବସ୍ଥାର ଏଭଳି ଦୁରବସ୍ଥାକୁ ଦୃଷ୍ଟିରେ ରଖି ତୁରନ୍ତ ଜଣେ ସ୍ଥାୟୀ ବିଇଓ, ଦୁଇଜଣ ଅତିରିକ୍ତ ବିଇଓଙ୍କ ସମେତ ଆବଶ୍ୟକ ଅନ୍ୟାନ୍ୟ କର୍ମଚାରୀ ପଦବି ପୂରଣ କରିବାକୁ ଦାବି ହୋଇଛି। ଏଥିସହ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ ଦୂର କରି ପାଠପଢ଼ାର ସାଭାବିକ ପରିବେଶ ଫେରାଇ ଆଣିବାକୁ ଅଭିଭାବକ ମହଲରେ ଦାବି ଜୋର ଧରିଛି।

ଜାତୀୟସ୍ତରରେ ଶ୍ରେଷ୍ଠ ୫ ଏକଲବ୍ୟ ବିଦ୍ୟାଳୟ ମଧ୍ୟରେ କେନ୍ଦୁଝରର ରାଙ୍କି ଇଏମଆରଏସ

ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଲେ ଜିଲ୍ଲାପାଳ ବିଶାଲ ସିଂହ



କେନ୍ଦୁଝର, ୧୩/୧୧ (ଦିଲ୍ଲୀପ କୁମାର ସାହୁ): ଜନଜାତି ଶିକ୍ଷା କ୍ଷେତ୍ରରେ ଜାତୀୟସ୍ତରରେ ଗୌରବ ଅର୍ଜନ କରିଛି କେନ୍ଦୁଝର ଜିଲ୍ଲା। ଦେଶର ଶ୍ରେଷ୍ଠ ୫ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମଆରଏସ) ମଧ୍ୟରେ ସ୍ଥାନ ପାଇଛି କେନ୍ଦୁଝରର ରାଙ୍କିସ୍ଥିତ ଏକଲବ୍ୟ ବିଦ୍ୟାଳୟ। ଏହି ଉଲ୍ଲେଖନୀୟ ସଫଳତା ପାଇଁ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ସତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଜନଜାତୀୟ ଗୌରବ ପକ୍ଷ-୨୦୨୬ ଅନ୍ତର୍ଗତ ନଭେମ୍ବର ୧୨ ତାରିଖରେ ଏହି ସତନ୍ତ୍ର କାର୍ଯ୍ୟକ୍ରମ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଆଦର୍ଶ ଜନଜାତି ଶିକ୍ଷା ସମିତିର ସଚିବ ସୁରେନ୍ଦ୍ର କୁମାର ମୀନା ଏବଂ ରାଙ୍କି ଏକଲବ୍ୟ ବିଦ୍ୟାଳୟର ଅଧ୍ୟକ୍ଷ ରବିଶଙ୍କର ଚୌଧୁରୀ ଉପସ୍ଥିତ ଥିଲେ। ଏହି ଅବସରରେ ରାଷ୍ଟ୍ରପତି ଦେଶର ବିଭିନ୍ନ ଏକଲବ୍ୟ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀ ଓ ପୂର୍ବତନ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ।

ଜନଜାତି ବହୁଳ କେନ୍ଦୁଝର ଜିଲ୍ଲାରେ ଶିକ୍ଷାର ପ୍ରସାର ଓ ଗୁଣାତ୍ମକ ଶିକ୍ଷାଦାନ ଦିଗରେ ଏକଲବ୍ୟ ବିଦ୍ୟାଳୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବର୍ତ୍ତମାନ ଜିଲ୍ଲାରେ ୮ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ଷମ ରହିଛି। ଏହାବ୍ୟତୀତ ଯୋଡ଼ା ଓ ଝୁମ୍ପୁରା ବ୍ଲକରେ ଆଉ ଦୁଇଟି ନୂତନ ଏକଲବ୍ୟ ବିଦ୍ୟାଳୟ ସ୍ଥାପନ ପାଇଁ ପ୍ରଶାସନିକ ଅନୁମୋଦନ ମିଳିଛି। ଏହି ଦୁଇଟି ବିଦ୍ୟାଳୟ କାର୍ଯ୍ୟକ୍ଷମ ହେଲେ ଜିଲ୍ଲାରେ ଏକଲବ୍ୟ ବିଦ୍ୟାଳୟ ସଂଖ୍ୟା ୧୦କୁ ବୃଦ୍ଧି ପାଇବ। ରାଙ୍କି ଏକଲବ୍ୟ ବିଦ୍ୟାଳୟର ଏହି ଜାତୀୟସ୍ତରୀୟ ସଫଳତା କେବଳ କେନ୍ଦୁଝର ଜିଲ୍ଲା ପାଇଁ ଗୌରବର ବିଷୟ ନୁହେଁ, ବରଂ ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଉତ୍କର୍ଷତା ଓ ସମ୍ଭାବନାର ଏକ ଉଜ୍ଜ୍ୱଳ ନିଦର୍ଶନ। ଏହାଦ୍ୱାରା ଜିଲ୍ଲାରେ ଜନଜାତି ଶିକ୍ଷାର ମାନ ବୃଦ୍ଧି ସହ ଆଗାମୀ ପିଢ଼ି ପାଇଁ ଉନ୍ନତ ଶିକ୍ଷାର ନୂତନ ଦିଗ ଉନ୍ମୁକ୍ତ ହେବାର ଆଶା ସୃଷ୍ଟି ହୋଇଛି।

ରୋଗ ଛଡ଼ାଇ ନେଇଛି ରୋଜଗାରର ସାମର୍ଥ୍ୟ



ଅସହାୟ ୩୦ ବର୍ଷୀୟ ସୁଶୀଲ

ସ୍ତ୍ରୀ ଓ ଦୁଇ ଶିଶୁଙ୍କ ମୁହଁରେ ଆହାର ଯୋଗାଇବାକୁ ସହାୟତା ଭିକ୍ଷା

ହରିଚନ୍ଦନପୁର, ୧୩/୧୧ (ଶୂନ୍ୟରଞ୍ଜନ ଘଣା): ଅଳ୍ପ ବୟସରେ ଦୁରାରୋଗ୍ୟ ଶାରୀରିକ ସମସ୍ୟାରେ ପୀଡ଼ିତ ହୋଇ ଅସହାୟ ଅବସ୍ଥାରେ ଜୀବନ ବିତାଉଛନ୍ତି ୩୦ ବର୍ଷୀୟ ସୁଶୀଲ ନାୟକ। ରୋଗ ତାଙ୍କଠାରୁ ରୋଜଗାର କରିବାର ସାମର୍ଥ୍ୟ ଛଡ଼ାଇ ନେଇଥିବା ବେଳେ ନିଜ ଚିକିତ୍ସା ସହ ପରିବାରର ଭରଣପୋଷଣ ଏବେ ତାଙ୍କ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି। ବୃଦ୍ଧ ବାପା, ସ୍ତ୍ରୀ ଓ ଦୁଇ ଛୋଟ ଛୁଆଙ୍କୁ ନେଇ ପାଞ୍ଚ ପ୍ରାଣୀ କୁଟୁମ୍ବ ଏବେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି।

ସୁଶୀଲଙ୍କ ଘର କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ତେନ୍ତେଳାପଶି ଗ୍ରାମ ପଞ୍ଚାୟତର ଦଧିବାମନପୁର ଗ୍ରାମରେ। ତାଙ୍କ କହିବା ଅନୁଯାୟୀ, ୨୦୨୨ ଅକ୍ଟୋବର ମାସରେ ଏକ ସଡ଼କ ଦୁର୍ଘଟଣାରେ ସେ ଆହତ ହୋଇଥିଲେ। ପରେ କଟକରେ ଚିକିତ୍ସିତ ହେବା ସହ ବେକର ଏମ୍‌ଆର୍‌ଆଇ ପରୀକ୍ଷା କରାଇଥିଲେ। ପରୀକ୍ଷା ରିପୋର୍ଟରେ ବେକର ସି-୫ ଓ ସି-୬ ମେରୁହାଡ଼ ମଧ୍ୟରେ ଥିବା ଡିସ୍କରେ ସମସ୍ୟା ସହ ସି-୩-ସି-୪, ସି-୪-ସି-୫ ଓ ସି-୬-ସି-୭ ସ୍ଥାନରେ ଡିସ୍କ ବାହାରକୁ ବାହାରି ସ୍ପାଇନାଲ୍ କର୍ଡ ଓ ସ୍ନାୟୁ ଉପରେ ଚାପ ପକାଉଥିବା ଜଣାପଡ଼ିଥିଲା। ଫଳରେ ତାଙ୍କ ଶାରୀରିକ ଅବସ୍ଥା ଗୁରୁତର ହୋଇପଡ଼ିଛି। ଏଭଳି ସ୍ଥିତିରେ ସେ ନିଜେ କୌଣସି କାମଧନ୍ଦା କରି ପରିବାର ଚଳାଇବାକୁ ଅସମର୍ଥ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ମିଳୁଥିବା ଭତ୍ତା ମଧ୍ୟ ଗତ ଦୁଇ ମାସ ହେଲା ମିଳିନଥିବା ସେ ଅଭିଯୋଗ କରିଛନ୍ତି। ପାଞ୍ଚ ପ୍ରାଣୀ କୁଟୁମ୍ବ ପାଇଁ ମାସକୁ ମାତ୍ର ୧୦ କିଲୋ ଚାଉଳ ମିଳୁଥିବା ବେଳେ ସ୍ତ୍ରୀ ଓ ଦୁଇ ଶିଶୁଙ୍କ ନାମରେ ରାସନ ଚାଉଳ ମିଳୁନଥିବା ସେ କହିଛନ୍ତି। ନିଜର ଅସହାୟତା ଓ ପରିବାରର ଦୁରବସ୍ଥା ତାଙ୍କୁ ମାନସିକ ଭାବେ ଭାଙ୍ଗି ଦେଇଛି। ତଥାପି ପରିବାର ପାଇଁ ନୂଆ ଆଶା ନେଇ ସେ ସହାୟତା ଅପେକ୍ଷାରେ ରହିଛନ୍ତି। ସୁଶୀଲଙ୍କୁ ଚିକିତ୍ସା ସହାୟତା ଯୋଗାଇଦେବା ସହ ପରିବାରର ଭରଣପୋଷଣ ପାଇଁ ସହଯୋଗ କରିବାକୁ ସମାଜର ସହୃଦୟ ବ୍ୟକ୍ତି, ସେଚ୍ଛାସେବୀ ସଂଗଠନ, ଜନପ୍ରତିନିଧି ଓ ସରକାରୀ ପ୍ରଶାସନଙ୍କ ନିକଟରେ ସେ ଆକୁଳ ନିବେଦନ କରିଛନ୍ତି।

୧୧୦ ବର୍ଷ ବୟସରେ ବର୍ଷୀୟାନ କଂଗ୍ରେସ ନେତାଙ୍କ ପରଲୋକ



ହରିଚନ୍ଦନପୁର, ୧୩/୧୧ (ଶୂନ୍ୟରଞ୍ଜନ ଘଣା): ସମାଜସେବା ସହ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହ ଜଡ଼ିତ ରହି ଅଞ୍ଚଳର ବିକାଶମୂଳକ କାର୍ଯ୍ୟରେ ନିଜକୁ ସାମିଲ କରି ଦୀର୍ଘ ଦଶନ୍ଧି ଧରି ଚର୍ଚ୍ଚାରେ ରହିଥିବା ବର୍ଷୀୟାନ କଂଗ୍ରେସ ନେତା ନାରଣ କିଶାନଙ୍କର ୧୧୦ ବର୍ଷ ବୟସରେ ପରଲୋକ ଘଟିଛି। ହରିଚନ୍ଦନପୁର ବ୍ଲକ ଜଙ୍ଘିରା ଜିଲ୍ଲା ପରିଷଦ ଜୋନ୍ ଅନ୍ତର୍ଗତ ତେନ୍ତଳାପଶି ପଞ୍ଚାୟତର ମଶିଣାବିଲ୍ଲା ଗ୍ରାମସ୍ଥିତ ନିଜ ବାସଭବନରେ ମଙ୍ଗଳବାର ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସ୍ୱର୍ଗତ କିଶାନ ଜଣେ ମେଳାପୀ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। କୌଣସି କାର୍ଯ୍ୟରେ ସେ କେବେ ପଛଘୁଞ୍ଚା ଦେଉନଥିଲେ। ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ନିଜର ଉଦ୍ୟମ ଜାରି ରଖୁଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବ୍ଲକ୍ କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳର ନେତାମାନେ ତାଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି।

ହାଟଡିହି ବ୍ଲକରେ ନୂତନ ଭତ୍ତା ପ୍ରଦାନ କଲେ ବିଧାୟକ



ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ିବା ଯୁଗଶେଷ

ହାଟଡିହି:୧୩/୧୧ (ଅମୀୟ ବରାଳ) - ହାଟଡିହି ବ୍ଲକ ସଭା ଗୃହ ରେ ଆଜି ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଚଂଜନ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ, ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଉପସ୍ଥିତ ସମସ୍ତ ବିଧବା, ବାର୍ଦ୍ଧକ୍ୟ ହିତାଧିକାରୀଙ୍କ ହାତରେ ଭତ୍ତା ପ୍ରଦାନର ଶୁଭାରମ୍ଭ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତସିଂହାର,ଏବିଡ଼ିଓ ରଶ୍ମି ରେଖା ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ସରକାରଙ୍କ ଏଭଳି ନୀତି ନିୟମକୁ ପ୍ରଶାସନିକ ପଦ୍ଧତିକୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଆଉ ଭତ୍ତା ପାଇବାକୁ ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବାକୁ ପଡିବ ନାହିଁ,ସେ ଯୁଗ ଶେଷ ହେଇଛି ବୋଲି ବିଧାୟକ ଶ୍ରୀ ସେଠୀ କହିଥିଲେ। ଅନ୍ୟପକ୍ଷରେ ହିତାଧିକାରୀଙ୍କ ମୃତ ହେଲେ ଭତ୍ତା ଅଟକି ଯିବ ବୋଲି ବିଡ଼ିଓ ଚଂଜନ କୁମାର ପରିଡ଼ା କହିଛନ୍ତି।ଏଥିରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୨୬୧୨ଜଣ ନୂଆ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପିଓ ଶରତ ବେଜ, ଅମୂଲ୍ୟ କୁମାର ପହି,ରମେଶ ମାଝୀ,ସିପି ସୁବ୍ରତ କୁମାର ନାୟକ,ପ୍ରଶାନ୍ତ ସେଠୀ, ମଧୁସ୍ମିତା ମହାନ୍ତି,,ସୁଦର୍ଶନ ବାରିକ ପ୍ରମୁଖ ପରିଚାଳନା କରିଥିଲେ।


ମାଲିକଙ୍କ ବିୟୋଗରେ ମାଙ୍କଡ଼ର ନିରବ ଶୋକ



କେନ୍ଦୁଝର, ୧୩/୧୧ (ଦିଲ୍ଲୀପ କୁମାର ସାହୁ): ମଣିଷ ଓ ପଶୁ ମଧ୍ୟରେ ଥିବା ସ୍ନେହ, ଭଲପାଇବା ଓ ଆତ୍ମୀୟତାର ସମ୍ପର୍କ କେତେ ଗଭୀର ହୋଇପାରେ, ତାହାର ଏକ ହୃଦୟସ୍ପର୍ଶୀ ଦୃଶ୍ୟ ପୁଣିଥରେ ସାମ୍ନାକୁ ଆସିଛି। ନିଜ ମାଲିକଙ୍କ ମୃତ୍ୟୁକୁ ସତେ ଯେମିତି ସହଜରେ ଗ୍ରହଣ କରିପାରୁନି ଭାଇରାଲ ମାଙ୍କଡ଼ଟି। ମାଲିକଙ୍କ ବିୟୋଗ ପରେ ତା'ର ନିରବ ଆଚରଣ ସ୍ଥାନୀୟ ଲୋକଙ୍କୁ ଭାବବିହ୍ୱଳ କରିଦେଇଛି। ଦୁଇ ଦିନ ତଳେ ମାଲିକଙ୍କ ମୃତ୍ୟୁ ପରେ ଆମ୍ବୁଲାନ୍ସ ପଛେ ପଛେ ଯାଇ ଆନନ୍ଦପୁର ମେଡିକାଲରେ ପହଞ୍ଚିବା ସହ ମୃତଦେହ ନିକଟରେ ବସି ରହିଥିବା ଏହି ମାଙ୍କଡ଼ଟି ନିଜର ଭିନ୍ନ ଆଚରଣ ପାଇଁ ଚର୍ଚ୍ଚାକୁ ଆସିଥିଲା। ଏବେ ପୁଣିଥରେ ତା'ର ଏଭଳି ଆଚରଣ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। କେନ୍ଦୁଝର ଜିଲ୍ଲା ଘସିପୁରା ଗେଟ୍ ଛକସ୍ଥିତ 'GenZ Collection' ଡ୍ରେସ୍ ଦୋକାନରେ ମାଙ୍କଡ଼ଟି ଦୀର୍ଘ ୫ ଘଣ୍ଟା ଧରି ନିରବରେ ବସି ରହିଥିବା ଦେଖିବାକୁ ମିଳିଛି। ମାଲିକଙ୍କ ସହ ଜଡ଼ିତ ସ୍ଥାନରେ ଏଭଳି ନିରବରେ ବସି ରହିବା ଘଟଣା ସ୍ଥାନୀୟ ଲୋକଙ୍କ ମନରେ ଗଭୀର ଭାବାବେଗ ସୃଷ୍ଟି କରିଛି। ପଶୁମାନେ ମଧ୍ୟ ମଣିଷର ସ୍ନେହ ଓ ସାନ୍ନିଧ୍ୟ ସହ ଗଭୀର ଭାବେ ଜଡ଼ିତ ହୋଇପାରନ୍ତି। ଏହି ମାଙ୍କଡ଼ଟିର ଆଚରଣ ସେହି ସମ୍ପର୍କର ଏକ ଭାବପ୍ରବଣ ଦୃଶ୍ୟ ଭାବେ ଲୋକଙ୍କ ମନକୁ ଛୁଇଁଛି। ମାଲିକଙ୍କୁ ହରାଇବା ପରେ ତା'ର ଏହି ନିରବ ଉପସ୍ଥିତି ଏବେ ଘସିପୁରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ନିର୍ଦ୍ଧାରିତ ଗନ୍ତବ୍ୟସ୍ଥଳ ବଦଳାଇ ଝାଡ଼ଖଣ୍ଡ ଯାଉଥିଲେ ଲୁହାପଥର ବୋଝେଇ ଟ୍ରକ୍

ଖଣି ବିଭାଗର ରାତି ଅଧିଆ ଚଢ଼ାଉ, ୪ଟି ଟ୍ରକ୍ ଜବତ



ପରିବହନ ପାସ୍‌ର ଦୁରୁପଯୋଗ ଅଭିଯୋଗ, ଅନିୟମିତତା ପଛରେ କିଏ ?

କେନ୍ଦୁଝର, ୧୩/୧୧ (ଦିଲ୍ଲୀପ କୁମାର ସାହୁ): ଖଣିଜ ସମ୍ପଦର ବେଆଇନ ଓ ଅନଧିକୃତ ପରିବହନ ଉପରେ ରୋକ୍ ଲଗାଇବାକୁ ଖଣି ବିଭାଗ ପକ୍ଷରୁ ଧରପଗଡ଼ ଅଭିଯାନକୁ ଜୋରଦାର କରାଯାଇଛି। ପରିବହନ ନିୟମ ଉଲ୍ଲଂଘନ ଅଭିଯୋଗରେ ପୂର୍ବରୁ ୩ଟି ଗାଡ଼ି ବିରୋଧରେ ପଦକ୍ଷେପ ନିଆଯାଇଥିବା ବେଳେ ପୁଣି ନାଲଦା ସୀମାନ୍ତ ଅଞ୍ଚଳରୁ ୪ଟି ଲୁହାପଥର ବୋଝେଇ ଟ୍ରକ୍ ଜବତ ହୋଇଛି। ପରିବହନ ପାସ୍‌ରେ ଉଲ୍ଲେଖିତ ଗନ୍ତବ୍ୟସ୍ଥଳକୁ ନଯାଇ ଝାଡ଼ଖଣ୍ଡ ଅଭିମୁଖେ ଯାଉଥିବା ଯାଞ୍ଚରୁ ଜଣାପଡ଼ିବା ପରେ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ନାଲଦା ସୀମାନ୍ତ ଅଞ୍ଚଳରେ ଖଣି ବିଭାଗର ଏକ ସତନ୍ତ୍ର ଟିମ୍ ପାଟ୍ରୋଲିଂ ସହ ଯାଞ୍ଚ ଅଭିଯାନ ଚଳାଇଥିଲା। ଏହି ସମୟରେ ସନ୍ଦେହଜନକ ଭାବେ ଯାତାୟାତ କରୁଥିବା ୪ଟି ଲୁହାପଥର ବୋଝେଇ ଟ୍ରକ୍କୁ ଅଟକାଇ କାଗଜପତ୍ର, ପରିବହନ ପାସ୍ ଓ ଗନ୍ତବ୍ୟସ୍ଥଳ ସମ୍ପର୍କରେ ଯାଞ୍ଚ କରାଯାଇଥିଲା। ଯାଞ୍ଚରେ ପରିବହନ ମାର୍ଗ ଓ ଅନୁମତି ସମ୍ପର୍କିତ ତଥ୍ୟରେ ଅନିୟମିତତା ଥିବା ଜଣାପଡ଼ିଥିଲା। ବିଭାଗୀୟ ସୂଚନା ଅନୁସାରେ, ଜେଏଚ୍୦୬ୟୁ ୮୦୯୯, ଜେଏଚ୍୦୬ଡବ୍ଲୁ ୬୭୧୬ ଓ ଓଡ଼ି୦୯ଏଏଫ୍ ୧୦୧୭ ନମ୍ବର ବିଶିଷ୍ଟ ତିନୋଟି ଟ୍ରକ୍ ସୁନ୍ଦରଗଡ଼ରୁ ପରିବହନ ପାସ୍ ନେଇଥିଲେ। ମାତ୍ର ପାସ୍‌ରେ ଉଲ୍ଲେଖିତ ନିର୍ଦ୍ଧାରିତ ଗନ୍ତବ୍ୟସ୍ଥଳକୁ ନଯାଇ ନାଲଦା ଦେଇ ଝାଡ଼ଖଣ୍ଡ ଅଭିମୁଖେ ଯାଉଥିବା ଅଭିଯୋଗ ହୋଇଛି। ଫଳରେ ଉକ୍ତ ତିନୋଟି ଟ୍ରକ୍କୁ ବିଭାଗୀୟ ଟିମ୍ ଜବତ କରିଥିଲା।

ସେହିପରି ଓଡ଼ି୦୯ଜେଡ୍ ୭୩୭୬ ନମ୍ବର ବିଶିଷ୍ଟ ଅନ୍ୟ ଏକ ଟ୍ରକ୍କୁ ଉଲିବୁରୁସ୍ଥିତ ଜଗନ୍ନାଥ ପ୍ଲାଣ୍ଟକୁ ଲୁହାପଥର ପରିବହନ

ଶନିବାର ୧୪।୧୧।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ନୂତନ ଭାବେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କଲେ ବିଧାୟକ



ଆଠଗଡ଼,୧୩/୧୧(ଅକ୍ଷର ଓଡ଼ିଶା) ସମାଜର ବୟୋଜ୍ୟେଷ୍ଠ, ଦିବ୍ୟାଙ୍ଗ ଓ ଅସହାୟ ବ୍ୟକ୍ତିବିଶେଷଙ୍କ ମୁହଁରେ ହସ ଫୁଟାଇବା ହିଁ ପ୍ରକୃତ ଜନସେବା ।ବଡ଼ମ୍ବା ବ୍ଲକ ପରିସରରେ ରାଜ୍ୟ ସରକାରଙ୍କ ତରଫରୁ ଆୟୋଜିତ 'ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ'ରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ ବିଧାୟକ ବିଜୟ କୁମାର ଦଳବେହେରା । ଏହି ଅବସରରେ 'ମଧୁବାବୁ ପେନସନ ଯୋଜନା'ରେ ନୂତନ ଭାବେ ସାମିଲ ହୋଇଥିବା ହିତାଧିକାରୀ ମାନଙ୍କୁ ଭେଟି ଭତ୍ତା ପ୍ରଦାନ କରିଥିଲେ । ସରକାରଙ୍କ ଏହି ଜନକଲ୍ୟାଣକାରୀ ପଦକ୍ଷେପ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କୁ ଆର୍ଥିକ ସୁରକ୍ଷା ସହ ସମ୍ମାନର ସହ ବଞ୍ଚିବାର ସାହସ ଯୋଗାଇବ ବୋଲି ଦୃଢ଼ ବିଶ୍ୱାସ ରଖିଛନ୍ତି ବିଧାୟକ ।ଏହି କାର୍ଯ୍ୟକ୍ରମରେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, 'ଆଡ୍ଡା' ଅଧ୍ୟକ୍ଷ ମହେନ୍ଦ୍ର ପଢ଼ିହାରୀ, କୋଲେଶ୍ୱର ସରପଞ୍ଚ ଶ୍ରୀମତୀ ସନ୍ଧ୍ୟାରାଣୀ ହୋତା, ପ୍ରଶାସନିକ ଅଧିକାରୀବୃନ୍ଦ ଏବଂ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ ।

ବୃଦ୍ଧା ମହିଳାଙ୍କୁ ଉଦ୍ଧାର କରି ବୃଦ୍ଧାଶ୍ରମରେ ଥଇଥାନ କଲେ ସମାଜସେବୀ ଜସ୍ମିନ୍ ଶେଖ



ପାରଳାଖେମୁଣ୍ଡି୧୩/୧୧ (ତାରିଣୀ ପ୍ରସାଦ ପଣ୍ଡା): ପାରଳାଖେମୁଣ୍ଡି ପୌର ପରିଷଦର ୧ ନମ୍ବର ୱାର୍ଡ ଅନ୍ତର୍ଗତ ରାମନଗର ସାହିରୁ ଜଣେ ଅସହାୟ ବୃଦ୍ଧା ମହିଳାଙ୍କୁ ଉଦ୍ଧାର କରି ମାନବିକତାର ପରିଚୟ ଦେଇଛନ୍ତି ସମାଜସେବୀ ଜସ୍ମିନ୍ ଶେଖ । ସୂଚନା ଅନୁଯାୟୀ, ଉକ୍ତ ବୃଦ୍ଧା ମହିଳାଙ୍କ ନାମ ବି. କମଳାମ୍ମା । ତାଙ୍କର ମାନସିକ ସ୍ଥିତି ଭଲ ନଥିବାରୁ ସେ ନିଜ ଘର, ପରିବାର ଏବଂ ଠିକଣା ସମ୍ପର୍କରେ ସ୍ପଷ୍ଟ ଭାବେ କିଛି କହିପାରୁ ନାହାନ୍ତି । ତାଙ୍କୁ ଘରୁ ବାହାର କରିଦିଆଯାଇଥିବା କଥା ସେ କହିଥିବା ଜଣାପଡ଼ିଛି । ଫଳରେ ସେ ଅସହାୟ ଅବସ୍ଥାରେ ରହୁଥିଲେ । ଏହି ଖବର ପାଇବା ପରେ ସମାଜସେବୀ ଜସ୍ମିନ୍ ଶେଖ ତାଙ୍କୁ ଉଦ୍ଧାର କରି ଏକ ବୃଦ୍ଧାଶ୍ରମରେ ନେଇ ରଖିବାର ବ୍ୟବସ୍ଥା କରିଛନ୍ତି ।

ବାଲିପଦରରେ ସର୍ବଧର୍ମ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବୁଗୁଡ଼ା : ୧୩/୧୧(ଅକ୍ଷର ଓଡିଶା) : ବୁଗୁଡ଼ା ବ୍ଲକର ବାଲିପଦର ଗ୍ରାମସ୍ଥ ମକରପଡିଆଠାରେ ଧର୍ମ ଜାଗରଣ ସମିତି ପକ୍ଷରୁ ସର୍ବଧର୍ମ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଧର୍ମ ସମ୍ମିଳନୀରେ ସନାତନ ଧର୍ମର ଗୋବିନ୍ଦ ନାହାକ ,ଓଁଶାନ୍ତିର ବ୍ରହ୍ମା କୁମାରୀ ଗାୟତ୍ରୀ , ଠାକୁର ଅନୁକୂଳଚନ୍ଦ୍ରର ନିରଞ୍ଜନ ଦେ , ଆର୍ଯ୍ୟ ସମାଜର ବିପିନ ବିହାରି ପଟ୍ଟନାୟକ , ଗାୟତ୍ରୀ ପରିବାର ପକ୍ଷରୁ ସନାତନ ଜେନା ପ୍ରମୁଖ ପ୍ରବଚକ ଭାବେ ଯୋଗ ଦେଇ ସ୍ୱ ସ୍ୱ ସଂସ୍ଥାର ଧାର୍ମିକ ମାର୍ଗଦର୍ଶନ କରି ଶ୍ରୋତାମଣ୍ଡଳୀଙ୍କ ମଧ୍ୟରେ ଏକ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ କାଦପଡା ତନ୍ତୁବାୟ ସହଯୋଗ ସମିତି ସଭାଗୃହଠାରୁ ସମସ୍ତ ପ୍ରବଚକ, ଶ୍ରଦ୍ଧାଳୁ ଏବଂ କର୍ମକର୍ତ୍ତାଗଣ ଏକ ଶୋଭାଯାତ୍ରାରେ ବାହାରି ମକରପଡିଆଠାରେ ପହଞ୍ଚିଥିଲେ । ସେଠାରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ବିଶ୍ୱନାଥ ରଣାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଧର୍ମ ଜାଗରଣ ସମିତିର କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ରଥଙ୍କ ପରିଚାଳନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଦ୍ୱିତୀକୃଷ୍ଣ ବିଶ୍ୱାଳ ସଂଯୋଜନା , ବିଜୟ ଚନ୍ଦ୍ର ମହାରଣା ସ୍ୱାଗତ ସମ୍ଭାଷଣ ଓ ସମ୍ପାଦକ ବିବରଣୀ ପଠନ ଏବଂ ପରିଶେଷରେ ରାଜେନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

ରାଇଘରରେ ଆୟୋଜିତ ହେଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ରାଇଘର, ୧୩/୧୧ (ଭୁବନେଶ୍ୱର ସୁନାନୀ): ଚାଷୀଙ୍କ ଆୟ ବୃଦ୍ଧି ସହ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ରାଇଘର ବ୍ଲକର ଗଙ୍ଗାପାରାସ୍ଥିତ ଲାଲମାଟି ପ୍ରାଥମିକ ବିଦ୍ୟାଳୟ ପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି ।ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୌଭାଗ୍ୟ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧକ୍ଷା ଲିପିକା ବାରୋଇ,ଗୁପ୍ତ ପ୍ରସାଦ ଝାଙ୍କର,ପଞ୍ଚାୟତ ସମିତି ଉପାଧକ୍ଷା ଦିନେଶ୍ୱରୀ ଗଣ୍ଡ, ଜିଲ୍ଲା ପରିଷଦ ସଭ୍ୟ ଜ୍ୟୋତିନ୍ଦ୍ରନାଥ ଗଣ୍ଡ, ଖଗେଶ୍ୱର ହରିଜନ, ନାନାରା ଖରାଙ୍କ ସମେତ ଅନ୍ୟ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ ।ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ଚାଷୀଙ୍କୁ ଆର୍ଥିକ ପ୍ରୋତ୍ସାହନ ସହ ହିତାଧିକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଚାଷୀଙ୍କୁ ଆଧୁନିକ ପଦ୍ଧତି ଓ ନୂତନ ଜ୍ଞାନକୌଶଳ ସମ୍ପର୍କରେ ସଚେତନ କରିବା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ୍ ଖୋଲାଯାଇଥିଲା । ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଷ୍ଟଲ୍ ଯୋଗଦେଇଥିଲେ ।

ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ପ୍ରତିଯୋଗିତା ଅନୁଷ୍ଠିତ

୩୫ରୁ ଊର୍ଦ୍ଧ୍ୱ ଯୁବକ ଯୁବତୀଙ୍କ ଅଂଶଗ୍ରହଣ

ଦେବଗଡ଼,୧୩/୧୧(ଅକ୍ଷର ଓଡ଼ିଶା): ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପ୍ରେକ୍ଷାଳୟଠାରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଜିଲ୍ଲା କ୍ରୀଡ଼ା ଅଧିକାରୀ କଳିଙ୍ଗ ଆଶିଷ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବକୁ ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇଙ୍କ ସମେତ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ ୧୫ରୁ ୨୯ ବର୍ଷ ବୟସର ୩୫ରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ । ଲୋକନୃତ୍ୟ, ଲୋକସଙ୍ଗୀତ, ଚିତ୍ରାଙ୍କନ, କବିତା ଲିଖନ ଓ ନାଟକ ଆଦି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିଲା । ଯୁବପିଢ଼ିଙ୍କ ମଧ୍ୟରେ ଲୁକ୍କାୟିତ କଳା, ସଂସ୍କୃତି ଓ ପ୍ରତିଭାର ବିକାଶ ସହ ଏହାକୁ ଲୋକଲୋଚନକୁ ଆଣିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅର୍ଥରାଶି ଓ ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

ଗଞ୍ଜେଇ ଚାଷ ଛାଡ଼ି ଅନ୍ୟ ଚାଷକୁ ଆପଣାଅ, ନିଶା ମୁକ୍ତ ଓଡ଼ିଶା ଅଭିଯାନ



ଫିରିଙ୍ଗିଆ -୧୩/୦୨୬(ମନୋଜ ସାହୁ) କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର କାଶିନିପଦର ପଞ୍ଚାୟତର ଖେଳ ପଡିଆ ଠାରେ ନିଶାମୁକ୍ତ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ । ଫିରିଙ୍ଗିଆ ଥାନା ପକ୍ଷରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ନିଶା ସେବନ, ଗଞ୍ଜେଇ ଚାଷ ଓ ବେଆଇନ ମଦ ବିକ୍ରିର କୁପରିଣାମ ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା । ପଞ୍ଚାୟତର ସରପଞ୍ଚ ପ୍ରତିମା କହଁର ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ, ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା,ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀଧର ସାହୁ, ଅତିରିକ୍ତ ଥାନା ଅଧିକାରୀ ଅଜୟ କୁମାର ସାହୁ,ଏସ ଆଇ ସମ୍ବିତ କୁମାର ବେହେରା ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ପ୍ରଦୋଷ କୁମାର ମହାରଣା, ତହସିଲଦାର ଜ୍ୟୋତି ପ୍ରକାଶ ସେଠୀ,ଓ ଫରେଷ୍ଟରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ଗଞ୍ଜେଇ ଚାଷର ମୋହରେ ନଷ୍ଟ ହେଉଛି ଚାଷ ଓ ଭବିଷ୍ୟତ ଫିରିଙ୍ଗିଆ ଅଞ୍ଚଳରେ ନିଶା ସମସ୍ୟା ଓ ଗଞ୍ଜେଇ ଚାଷକୁ ନେଇ ଚିନ୍ତା ବଢୁଥିବା ପରିପ୍ରେକ୍ଷୀରେ ଏହି ସଚେତନତା କାର୍ଯ୍ୟକ୍ରମର ଗୁରୁତ୍ୱ ଅଧିକ ରହିଛି । ଅଧିକ ଆୟର ଆଶାରେ ଗଞ୍ଜେଇ ଚାଷ ପ୍ରତି ଆକର୍ଷିତ ହେବା ପରିବର୍ତ୍ତେ ଚାଷୀମାନେ ଯଦି ପାରମ୍ପରିକ ଓ ଲାଭଜନକ ବିକଳ୍ପ ଚାଷକୁ ଆପଣାନ୍ତେ, ତେବେ ନିଜ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ କରିବା ସହ ଅଞ୍ଚଳର ସ୍ଥାୟୀ ବିକାଶରେ ମଧ୍ୟ ସହଯୋଗ କରିପାରିବେ ।ଗଞ୍ଜେଇ ଚାଷରେ ଜଡ଼ିତ ହେବା ଦ୍ୱାରା ଆଇନଗତ ଜଟିଳତା, ଆର୍ଥିକ ଅନିଶ୍ଚିତତା ଓ ପରିବାରର ଭବିଷ୍ୟତ ପ୍ରତି ବିପଦ ସୃଷ୍ଟି ହୋଇପାରେ । ଅନ୍ୟପଟେ ନିଶା ସେବନ ଯୁବପିଢ଼ିର ଶାରୀରିକ ଓ ମାନସିକ ସୁସ୍ଥତା, ରୋଜଗାର ଏବଂ ପାରିବାରିକ ଶାନ୍ତିକୁ ପ୍ରଭାବିତ କରେ । ମଦ୍ୟପାନ ଯୋଗୁଁ ଦୁର୍ଘଟଣା, ପାରିବାରିକ କଳହ ଓ ହିଂସା ଭଳି ସମସ୍ୟା ଦେଖାଦେଉଥିବା ନେଇ ଅଞ୍ଚଳବାସୀ ମଧ୍ୟ ଚିନ୍ତା ପ୍ରକାଶ କରିଥିଲେ । ଗଞ୍ଜେଇ ବଦଳରେ ଷ୍ଟ୍ରବେରୀ, ଡ୍ରାଗନ୍ ଫ୍ରୁଟ୍, ହଳଦୀ ଓ ମାଣ୍ଡିଆ ଚାଷ ଉପରେ ଗୁରୁତ୍ୱ ଦେବା ପାଇଁ କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦ ଗଞ୍ଜେଇ ଚାଷରୁ ଦୂରେଇ ବିଭିନ୍ନ ଉଦ୍ୟାନଭିତ୍ତିକ ଚାଷ ଆପଣାଇବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । କୃଷି ଓ ଉଦ୍ୟାନ ବିଭାଗ ମାଧ୍ୟମରେ ଉପଲବ୍ଧ ସରକାରୀ ସହାୟତା, ସବସିଡି ଓ ବିଭିନ୍ନ ଯୋଜନାର ସୁଯୋଗ ନେଇ ଚାଷୀମାନେ ବିକଳ୍ପ ଜୀବିକା ଗଢ଼ିପାରିବେ ବୋଲି ସେ ସଚେତନ କରିବା ସହ ଚାଷୀଙ୍କୁ ବିଭିନ୍ନ ପ୍ରକାରର ବୃକ୍ଷ ବଣ୍ଟନ,ମଞ୍ଜି ବଣ୍ଟନ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଅର୍ଥରାଶି ଚେକ୍ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଯୋଗାଣ ସହାୟକ ଭୋଳାନାଥ ପ୍ରଧାନ ପରିଚାଳନା କରିଥିଲେ ।

ଗଜପତି ଜିଲ୍ଲା କିଷାନ କଂଗ୍ରେସର ଅଧ୍ୟକ୍ଷ ଭାବେ ରାଧାକାନ୍ତ ରଥ ମନୋନୀତ



ପାରଳାଖେମୁଣ୍ଡି, ୧୩/୧୧ (ତାରିଣୀ ପ୍ରସାଦ ପଣ୍ଡା): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅଧୀନସ୍ଥ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଗଜପତି ଜିଲ୍ଲା କିଷାନ କଂଗ୍ରେସର ଅଧ୍ୟକ୍ଷ ଭାବେ ରାଧାକାନ୍ତ ରଥଙ୍କୁ ମନୋନୀତ କରାଯାଇଥିବା ସୂଚନା ମିଳିଛି । ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ଅଧ୍ୟକ୍ଷ ଅଭୟ ସାହୁଙ୍କ ଅନୁମୋଦନ କ୍ରମେ ତାଙ୍କର ଏହି ନିଯୁକ୍ତିକୁ ତତ୍କାଳ କାର୍ଯ୍ୟକାରୀ କରାଯାଇଛି । ଏହି ନୂତନ ନିଯୁକ୍ତିକୁ ନେଇ ଗଜପତି ଜିଲ୍ଲା କଂଗ୍ରେସ ପକ୍ଷରୁ ରାଧାକାନ୍ତ ରଥଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି । ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସମ୍ପାଦିକା ଜସ୍ମିନ ଶେଖ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଗଜପତି ଜିଲ୍ଲାରେ କିଷାନ କଂଗ୍ରେସ ସଂଗଠନକୁ ଆହୁରି ସୁଦୃଢ଼ ଓ ସକ୍ରିୟ କରିବା ଦିଗରେ ବିସ୍ତୃତ ଆଲୋଚନା କରିଛନ୍ତି ।

ଆରଟିଆଇ କର୍ମୀ ଓ ସାମ୍ବାଦିକ ସୁରଥ ବେହେରାଙ୍କୁ ଆକ୍ରମଣ ଘଟଣା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି



ବଲାଙ୍ଗିର୧୩/୧୧ (ଦେବେନ୍ଦ୍ର ପୋଡ଼): ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଭୁର୍ଷାଗୁଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ସମାଜସେବୀ, ସୂଚନା ଅଧିକାର କର୍ମୀ ତଥା ସାମ୍ବାଦିକ ସୁରଥ ବେହେରାଙ୍କ ଉପରେ ହୋଇଥିବା ନିର୍ମମ ଆକ୍ରମଣ ଘଟଣାକୁ ପୂର୍ବତନ ରାଜ୍ୟସଭା ସାଂସଦ ଡ. ନିରଞ୍ଜନ ବିଶି ତୀବ୍ର ନିନ୍ଦା କରିଛନ୍ତି । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଅବିଳମ୍ବେ ଗିରଫ କରିବା ସହ ନିରପେକ୍ଷ ତଦନ୍ତ ଓ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ବଲାଙ୍ଗିର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ପତ୍ର ଲେଖି ଦାବି କରିଛନ୍ତି । ଆକ୍ରମଣର ଶିକାର ହୋଇଥିବା ସୁରଥ ବେହେରା କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ରୁ ରାୟପୁର କୁ ଉନ୍ନତ ଚିକିତ୍ସା ପାଇଁ ଯାଇଛନ୍ତି । ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ଆବଶ୍ୟକ ଚିକିତ୍ସା ସୁବିଧା ଓ ସୁରକ୍ଷା ସୁନିଶ୍ଚିତ କରିବାକୁ ଡ. ବିଶି ଅନୁରୋଧ କରିଛନ୍ତି ।ଡ. ବିଶି ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଜନସାର୍ଥ, ସଚ୍ଛତା, ଉତ୍ତରଦାୟିତ୍ୱ ଓ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ଜଣେ ସାମାଜିକ କର୍ମୀ ଓ ସାମ୍ବାଦିକଙ୍କ ଉପରେ ଏଭଳି ଆକ୍ରମଣ ଗଣତାନ୍ତ୍ରିକ ମୂଲ୍ୟବୋଧ, ସୂଚନା ଅଧିକାର, ଗଣମାଧ୍ୟମର ସ୍ୱାଧୀନତା ଓ ଆଇନର ଶାସନ ପ୍ରତି ଗୁରୁତର ଆଘାତ ।ଏହି ଘଟଣାରେ ତୁରନ୍ତ ଅଭିଯୋଗ ଓ ଉପଲବ୍ଧ ପ୍ରମାଣ ଆଧାରରେ ମାମଲା ରୁଜୁ କରିବା, ଆକ୍ରମଣରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା, ନିରପେକ୍ଷ ଓ ସମୟସୀମା ମଧ୍ୟରେ ତଦନ୍ତ ସମ୍ପନ୍ନ କରିବା ସହ ଆକ୍ରମଣର ଶିକାର ଶ୍ରୀ ବେହେରାଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଡ. ବିଶି ଦାବି କରିଛନ୍ତି । ଆମ ଆଦମୀ ପାର୍ଟି ର ଆଶୀଷ ପାଣ୍ଡେ ମଧ୍ୟ ଏସପି ଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ।


ମାଗଣା କୁକୁଡ଼ା ମାଗିବା ଭିଡିଓ ଭାଇରାଲ୍, କଂସର ଫାଣ୍ଡି ଅଧିକାରୀ ହଟହଟା

ଦେବଗଡ଼,୧୩/୧୧(ଅକ୍ଷର ଓଡ଼ିଶା): ମାଗଣାରେ ବ୍ରଏଲର କୁକୁଡ଼ା ମାଗିବା ଜଣେ ପୁଲିସ ଅଧିକାରୀଙ୍କୁ ମହଙ୍gା ପଡ଼ିଛି । କୁକୁଡ଼ା ବୋଝେଇ ଗାଡ଼ିରୁ ଦୁଇଟି କୁକୁଡ଼ା ମାଗିବା ଏବଂ ଚାଳକ ମନା କରିବାରୁ ତାଙ୍କୁ ଫାଇନ୍ କରିବାକୁ ଧମକ ଦେବା ଘଟଣାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି । ଭାଇରାଲ୍ ଭିଡିଓଟି ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅନ୍ତର୍ଗତ କଂସର ଫାଣ୍ଡି ଅଞ୍ଚଳର ବୋଲି ଜଣାପଡ଼ିଛି । ଭିଡିଓରେ ଥିବା ବ୍ୟକ୍ତି ଜଣକ କଂସର ଫାଣ୍ଡି ଅଧିକାରୀ ବୋଲି ଅଭିଯୋଗ ହୋଇଛି ।ସୂଚନା ଅନୁଯାୟୀ, କିଛି ଦିନ ତଳେ ଝାରସୁଗୁଡ଼ା ଆରଟିଓରେ ପଞ୍ଜିକୃତ ଏକ ପିକ୍‌ଅପ୍ ଗାଡ଼ିରେ ବ୍ରଏଲର କୁକୁଡ଼ା ଯାଉଥିଲା । କଂସର ନିକଟରେ ଫାଣ୍ଡି ଅଧିକାରୀ ଗାଡ଼ିଟିକୁ ଅଟକାଇ ଯାଞ୍ଚ କରିବା ସହ ଦୁଇଟି କୁକୁଡ଼ା ଦେବାକୁ କହିଥିଲେ । ମାତ୍ର ଗାଡ଼ି ଚାଳକ ଏଥିରେ ରାଜି ହୋଇନଥିଲେ । କୁକୁଡ଼ା କମ୍ ହେଲେ ବେପାରୀଙ୍କ ନିକଟରେ ଜବାବ ଦେବାକୁ ପଡ଼ିବ ବୋଲି ସେ ମନା କରିଦେଇଥିଲେ ।ଏହାପରେ ଫାଣ୍ଡି ଅଧିକାରୀ ଉତ୍ତ୍ୟକ୍ତ ହୋଇ ଚାଳକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଏସ୍‌ଆଇଙ୍କୁ ଫୋନ୍ କରି ୨୦ ହଜାର ଟଙ୍କା ଜରିମାନା କରାଇବାକୁ ଧମକ ଦେଇଥିବା ଭିଡିଓରେ ଦେଖିବାକୁ ମିଳୁଛି । ଅନ୍ୟପକ୍ଷରେ ଗାଡ଼ି ଚାଳକ ଏହି ସମସ୍ତ ଘଟଣାକୁ ନିଜ ମୋବାଇଲ୍‌ରେ ରେକର୍ଡ କରି ରଖିଥିଲେ ।ଭିଡିଓଟି ଭାଇରାଲ୍ ହେବା ପରେ ପୁଲିସ ବିଭାଗର କାର୍ଯ୍ୟଶୈଳୀକୁ ନେଇ ସାଧାରଣରେ ତୀବ୍ର ଆଲୋଚନା ଆରମ୍ଭ ହୋଇଛି ।

ଗଞ୍ଜାମ ଯୁବୋତ୍ସବରେ ଚମକିଲେ କ୍ଷତ୍ରିୟବରପୁରର ସୌରଭ



ବେଲଗୁଣ୍ଠା ୧୩/୧୧ (ଅକ୍ଷର ଓଡିଶା),ଗଞ୍ଜାମ ଜିଲ୍ଲାସ୍ତରୀୟ ଯୁବୋତ୍ସବରେ କବିତା ଲିଖନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରି ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁରର ସୌରଭ କାନ୍



ଶନିବାର ୧୪ ।୧୧ ।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କଲେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ

ବନ୍ତଳା ୧୩/୧୧ (ଅକ୍ଷର ଓଡ଼ିଶା) : ଅନୁଗୋଳ ଜିଲ୍ଲାରେ ନୂତନ ଭାବେ ୨୬୫୫ ଜଣ ହିତାଧିକାରୀ ଭତ୍ତା ପାଇଛନ୍ତି । ଏହି ଅବସରରେ ଆୟୋଜିତ ବ୍ଲକ ସ୍ତରୀୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ । ଏହି ଅବସରରେ 'ମଧୁବାବୁ ପେନସନ ଯୋଜନା'ରେ ନୂତନ ଭାବେ ସାମିଲ ହୋଇଥିବା ହିତାଧିକାରୀ ମାନଙ୍କୁ ଭେଟି ଭତ୍ତା ପ୍ରଦାନ କରିଥିଲେ । ସରକାରଙ୍କ ଏହି ଜନକଲ୍ୟାଣକାରୀ ପଦକ୍ଷେପ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କୁ ଆର୍ଥିକ ସୁରକ୍ଷା ସହ ସମ୍ମାନର ସହ ବଞ୍ଚିବାର ସାହସ ଯୋଗାଇବ ବୋଲି ଦୃଢ଼ ବିଶ୍ୱାସ ରଖିଛନ୍ତି ବିଧାୟକ ।ଏହି କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ପ୍ରଶାସନିକ ଅଧିକାରୀବୃନ୍ଦ ଏବଂ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ ।

ସହକାରୀ ପ୍ରାଧାପକ ହେଲେ ହୃଷୀକେଶ ପୂଜାରୀ



ରାଇଘର,୧୩/୧୧ (ଭୁବନେଶ୍ୱର ସୁନାନୀ) : ନବରଙ୍ଗପୁର ଜିଲ୍ଲାର ଆଦିବାସୀ ଅଧୁଷିତ ରାଇଘର ବ୍ଲକ ଅନ୍ତର୍ଗତ ଚିତ୍ରକୋଟ ଗାଁର ଯୁବକ ହୃଷୀକେଶ ପୂଜାରୀ ଓପିଏସ୍‌ସି (OPSC) ମାଧ୍ୟମରେ ସମାଜଶାସ୍ତ୍ର ବିଷୟରେ ସହକାରୀ ପ୍ରାଧାପକ (Assistant Professor) ଭାବେ ନିଯୁକ୍ତି ପାଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ସେ ଦୀନବନ୍ଧୁ ପୂଜାରୀଙ୍କ ସୁପୁତ୍ର ।ଆଦିବାସୀ ଅଧୁଷିତ ଅଞ୍ଚଳରୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଏଭଳି ସଫଳତା ହାସଲ କରିବା ନିଶ୍ଚିତ ଭାବେ ଗର୍ବର ବିଷୟ।ହୃଷୀକେଶଙ୍କ ଏହି ସଫଳତା ପଛରେ ରହିଛି ଦୀର୍ଘଦିନର ଅଧ୍ୟବସାୟ, ନିଷ୍ଠା ଓ ନିରନ୍ତର ପରିଶ୍ରମ । ତାଙ୍କର ଏହି କୃତିତ୍ୱ କେବଳ ପରିବାର ପାଇଁ ନୁହେଁ, ବରଂ ଚିତ୍ରକୋଟ ଗାଁ ସମେତ ସମଗ୍ର ରାଇଘର ଅଞ୍ଚଳ ପାଇଁ ଏକ ଗୌରବମୟ ।ବିଶେଷକରି ଆଦିବାସୀ ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ହୃଷୀକେଶଙ୍କ ସଫଳତା ଏକ ପ୍ରେରଣାଦାୟକ ଉଦାହରଣ ହୋଇ ରହିବ । ଦୃଢ଼ ଇଚ୍ଛାଶକ୍ତି ଓ ନିଷ୍ଠାପର ଉଦ୍ୟମ ଥିଲେ ସୀମିତ ସୁଯୋଗ ମଧ୍ୟରେ ମଧ୍ୟ ସଫଳତାର ଶିଖର ଛୁଇଁହୁଏ ବୋଲି ସେ ପ୍ରମାଣ କରିଛନ୍ତି ।ତାଙ୍କର ଏହି ସଫଳତାରେ ଚିତ୍ରକୋଟ ଗାଁ ସମେତ ରାଇଘର ଅଞ୍ଚଳରେ ଆନନ୍ଦର ମାହୋଲ ଦେଖାଦେଇଛି । ବିଭିନ୍ନ ମହଲରୁ ହୃଷୀକେଶ ପୂଜାରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି ।

ଶରଦ ରାସର ବାଲୁଙ୍କା ପୂଜାଶେଷ, ଶନିବାର ବସ୍ତ୍ରହରଣ ପର୍ବ ଅନୁଷ୍ଠିତ

କଣ୍ଟିଲୋ ୧୩/୧୧(ଅକ୍ଷର ଓଡ଼ିଶା) ଚଳିତ ବର୍ଷ ଆଦି ପୀଠ ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କ କ୍ଷେତ୍ରରେ ଚାଲିଥିବା ପବିତ୍ର ଶରଦ ରାସ ଉତ୍ସବ ପାଇଁ ଗତ ଅକ୍ଟୋବର ୧୫ ତାରିଖରୁ ପ୍ରାୟ ଏକ ମାସ ପର୍ଯ୍ୟନ୍ତ ଭଗବାନ ଶ୍ରୀକୃଷ୍ଣ ଙ୍କୁ ପାଇବା ପାଇଁ ଶ୍ରୀ ରାଧା ଓ ଗୋପୀ ମାନଙ୍କର ଚାଲିଥିବା ଯମୁନା ନଦୀ କୂଳରେ ପବିତ୍ର ବାଲୁଙ୍କା ପୂଜା ଉତ୍ସବ ଆଜି ଶୁକ୍ରବାର ପୂର୍ବାହ୍ନ ରେ ଶେଷ ହୋଇଛି ।ଆସନ୍ତା କାଲି ଶନିବାର ୧୪/୧୧ ରେ ଏହି ରାସ ର ବସ୍ତ୍ର ହରଣ ପର୍ବ ମେଡିକାଲ ଛକ ନିକଟ ପୂର୍ବ ଦ୍ୱାର ପାର୍କିଙ୍ଗ ଠାରେ ଅନୁଷ୍ଠିତ ହେବ । ଶତାଧିକ ମହିଳା ଓ ପୁରୁଷ ଭକ୍ତ ମାନେ କଣ୍ଟିଲୋ ହାଟମୁଣ୍ଡ ପାଟଣା ନିକଟସ୍ଥ ଗଙ୍ଗା ଦେବୀ କୂଳରେ ଶ୍ରୀ ରାଧା ଓ ଗୋପୀ ମାନଙ୍କର ଏହି ପବିତ୍ର ବାଲୁଙ୍କା ପୂଜା ଦର୍ଶନ କରିବାକୁ ଭିଡ଼ ଜମାଇ ଥିବା ଦେଖିବାକୁ ମିଳିଛି ।

ବଡ ଚେରଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମାସ ମାସ ଧରି ଅନୁପସ୍ଥିତ

କଳାହାଣ୍ଡି, ୧୩/୧୧/(ରାମ କୁମାର ସେନାପତି)ଜଣେ ଈଖଡ ଶିକ୍ଷକଙ୍କ ପାଇଁ ଚାଲି ଥିଲା ଶିକ୍ଷା ଦାନ, ଜଣେ ଶିକ୍ଷକ ଛୁଟିରେ ଥିବା ବେଳେ, ଶିଶୁ ସେବିକା ଆସି ଥିଲେ, ହେଲେ ପ୍ରଧାନଶିକ୍ଷୟିତ୍ରୀ ବିନା ସିଏଲ୍ ରେ ମାସ ମାସ ଧରି ଅନୁପସ୍ଥିତ ରହିବା ଖବର ଚର୍ଚ୍ଚା ହେଉଛି,ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଙ୍କ ଅଧିନରେ ଥିବା ବଡ ଚେର ଗାଁ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ୮୧ଜଣ ଛାତ୍ରଛାତ୍ରୀଙ୍କ ଶିକ୍ଷା ଦାନରେ ଘୋର ଅସୁବିଧା ଦେଖା ଦେଇଛି ବୋଲି ସ୍ଥାନିୟ ଅଭିଭାବକ ମହଲରେ କ୍ଷୋଭ ପ୍ରକାଶ ପାଇଛି, ଏହି ବିଦ୍ୟାଳୟରେ ତିନି ଜଣ ଶିକ୍ଷକ ସମେତ ଜଣେ ଶିଶୁ ସେବିକା, ପ୍ରଧାନ ଶିକ୍ଷୟିତ୍ରୀ ରାଜ ଲକ୍ଷ୍ମୀ ମହାନ୍ତି ଥିବା ବେଳେ ସହ ଶିକ୍ଷକ ଭଗବାନ ନାଗ, ସୌରଭ କୁମାର ଓ ଶିଶୁ ସେବିକା କୌଶଲ୍ୟା କୁମାର ରହୁ ଥିବା ସୂଚନା ମିଳିଛି, ହେଲେ ଗତ କାଲି ଗୁରୁବାର ଦିନ ଜଣେ ଶିକ୍ଷକ ଭଗବାନ ନାଗ କାର୍ଯ୍ୟରତ ଥିବା ବେଳେ ସୌରଭ କୁମାର ଛୁଟିରେ, ଶିଶୁ ସେବିକା ଆସିଥିଲେ, ହେଲେ ପ୍ରଧାନ ଶିକ୍ଷୟିତ୍ରୀ ରାଜ ଲକ୍ଷ୍ମୀ ମହାନ୍ତି ବହୁ ଦିନ ଧରି ଅନୁପସ୍ଥିତ ଥିବାରୁ ଛାତ୍ରଛାତ୍ରୀଙ୍କ ଠାରୁ ପରାମର୍ଶ କରିବାରୁ ଜଣା ପଡିଛି ଯେ ବହୁ ଦିନ ଧରି ବିଦ୍ୟାଳୟକୁ ଆସୁ ନାହାନ୍ତି ବୋଲି କହିଥିଲେ, ଏହି ଅବସରରେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ବୈବ ସୂତ ଡାଣ୍ଡିଙ୍କୁ ଫୋନ ଯୋଗେ ପଚାରିବାରୁ ସେ ମଧ୍ୟ କହିଲେ ବାରମ୍ବାର ଅନୁପସ୍ଥିତ ରହୁଛନ୍ତି ବୋଲି, ଏହି ପରିପ୍ରେକ୍ଷୀରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ କୁମାର ନାଏକ ଙ୍କୁ ଫୋନରେ ଯୋଗାଯୋଗ କରିବାରୁ ଏହାର ଉପଯୁକ୍ତ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ଉଲୁଣ୍ଡା ପୋଲିସର ବଡ଼ ସଫଳତା

୧୭୧ କେଜି ୯୯୦ ଗ୍ରାମ ଗଞ୍ଜେଇ ଜବତ, ୬ ଅଭିଯୁକ୍ତ ଗିରଫ

ସୁବର୍ଣ୍ଣପୁର, ୧୩/୧୧(ପବିତ୍ର ସିଂ ବରିହା)ସୁବର୍ଣ୍ଣପୁର ଜିଲ୍ଲାରେ ଗଞ୍ଜେଇ ଚାଲାଣ ବିରୋଧରେ ଉଲୁଣ୍ଡା ପୋଲିସକୁ ବଡ଼ ସଫଳତା ମିଳିଛି । ପୋଲିସ ଚଢ଼ାଉ କରି ୧ କୁଇଣ୍ଟାଲ ୭୧ କେଜି ୯୯୦ ଗ୍ରାମ ନିଷିଦ୍ଧ ଗଞ୍ଜେଇ ଜବତ କରିବା ସହ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏଥିସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଦୁଇଟି ଧଳା ରଙ୍ଗର କାରକୁ ମଧ୍ୟ ଜବତ କରାଯାଇଛି ।ସୂଚନା ଅନୁସାରେ, ଗତ ୧୨ ତାରିଖ ସନ୍ଧ୍ୟାରେ ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚାଲାଣ ସମ୍ପର୍କରେ ଖବର ପାଇ ସୁବର୍ଣ୍ଣପୁର ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ଉଲୁଣ୍ଡା ଥାନା ସମ୍ମୁଖରେ ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ ସହ ନାକାବନ୍ଦୀ କରାଯାଇଥିଲା । ଏହି ସମୟରେ ବୌଦ୍ଧ ପଟୁ ସମ୍ବଲପୁର ଅଭିମୁଖେ ଯାଉଥିବା ଦୁଇଟି ଧଳା ରଙ୍ଗର କାରକୁ ପୋଲିସ ସନ୍ଦେହ କରିଥିଲା । ସନ୍ଧ୍ୟା ପ୍ରାୟ ୬ଟା ୩୦ ମିନିଟ୍ ସମୟରେ ପିପିଲିକାନି ନିକଟ ଜେଆରପି କ୍ୟାମ୍ପ ସମ୍ମୁଖରେ ଗଞ୍ଜେଇ ବୋଝେଇ ଧଳା ରଙ୍ଗର ହୁଣ୍ଡାଇ କ୍ରେଟା କାରକୁ ପୋଲିସ ଅଟକାଇଥିଲା । ଗାଡ଼ିରେ ଦୁଇ ଜଣ ଥିବାବେଳେ ଅନ୍ୟ ଏକ ମାରୁତି ଏର୍ଟିଗା କାର ମଧ୍ୟ ଗଞ୍ଜେଇ ବୋଝେଇ କାରକୁ ଏସକର୍ଟ କରି ନେଉଥିବା ଜଣାପଡ଼ିଥିଲା । ଦୀର୍ଘ ସମୟ ଧରି ପିଛା କରିବା ପରେ ପୋଲିସ ଏର୍ଟିଗା କାରକୁ ମଧ୍ୟ ଅଟକାଇଥିଲା ।ପରେ ହୁଣ୍ଡାଇ କ୍ରେଟା କାର ଯାଞ୍ଚ ସମୟରେ ସେଥିରୁ ୧୭୧ କେଜି ୯୯୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା । ଜବତ ଗାଡ଼ି ଦୁଇଟିର ପଞ୍ଜୀକରଣ ନମ୍ବର ହେଉଛି OD-02-B-7916 ଓ OD-15-Y-9958 ।ଏହି ଘଟଣାରେ ଝାଡ଼ଖଣ୍ଡ ଓ ବୌଦ୍ଧ ଜିଲ୍ଲାର ୬ ଜଣ ଅଭିଯୁକ୍ତ ଲଳିତ କୁମାର (୨୯), ସୁମିତ କୁମାର (୩୫), ସନାତନ କୁମାର ସେଠୀ (୪୩), ସନ୍ତୋଷ ପଧାନ (୩୨), କୈଳାସ ମେଣ୍ଡେଲି (୩୧) ଓ ଶ୍ରବଣ ଯାଦବ (୨୮)ଙ୍କୁ ଗିରଫ କରାଯାଇଛି ।

ସିସି କ୍ୟାମେରା ନଜରରେ ରହିବ ନାରାୟଣପାଟଣା ସହର

ନାରାୟଣପାଟଣା:୧୩/୧୧ (ଗିରଧର ଖରା) ସହରର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଅପରାଧ ନିୟନ୍ତ୍ରଣ ଏବଂ ଆଇନଶୃଙ୍ଖଳା ରକ୍ଷା ଦିଗରେ ଏକ ପଦକ୍ଷେପ ନିଆଯାଇଛି । କୋରାପୁଟ ଜିଲ୍ଲା ନାରାୟଣପାଟଣା ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ୨୪ଟି ସିସି କ୍ୟାମେରା ସ୍ଥାପନ କରାଯାଇଛି । ଏଣିକି



ସହରର ପ୍ରମୁଖ ଛକ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକ ରହିବ ପୁଲିସର କ୍ୟାମେରା ନଜରରେ । ବିଧାୟକ ପାଣ୍ଠିରୁ ଅର୍ଥ ବ୍ୟୟରେ ଏହି କ୍ୟାମେରାଗୁଡ଼ିକ ସ୍ଥାପନ କରାଯାଇଛି । ଏହାଦ୍ୱାରା ସହରର ବିଭିନ୍ନ ଗତିବିଧି ଉପରେ ନଜର ରଖିବା ସହ କୌଣସି ଅପରାଧିକ ଘଟଣା ଘଟିଲେ ତାହାର ତଦନ୍ତରେ ପୁଲିସକୁ ସହାୟତା ମିଳିପାରିବ । ଏଥିସହ ଅସାମାଜିକ କାର୍ଯ୍ୟକଳାପ ରୋକିବା ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁରକ୍ଷା ଭାବନା ବୃଦ୍ଧି କରିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି । ଏହି ଅବସରରେ ବିଧାୟକ ପବିତ୍ର ସାଉନ୍ତା, ନାରାୟଣପାଟଣା ଥାନା ଅଧିକାରୀ ମମତା ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ୨୪ଟି କ୍ୟାମେରା ସହରର ସୁରକ୍ଷା ଓ ଅପରାଧ ନିୟନ୍ତ୍ରଣରେ କେତେ ସଫଳ ହେଉଛି, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ।

ଆଇଏନଏସ ଚିଲିକାରେ ୨୦୨୬ ସଂସ୍କରଣ ଦ୍ୱିତୀୟ ବ୍ୟାଚ ଅଗ୍ନିବୀର ପାସିଂ ଆଉଟ



ବାଲୁଗାଁ:୧୩/୧୧ (ଅକ୍ଷର ଓଡିଶା)-ଶୁକ୍ରବାର ଅପରାହ୍ନରେ ଆଇଏନଏସ ଚିଲିକା ପ୍ୟାରେଡ଼ ଗ୍ରାଉଣ୍ଡ ଠାରେ ୨୦୨୬ ସଂସ୍କରଣ ଦ୍ୱିତୀୟ ବ୍ୟାଚ ଅଗ୍ନିବୀର ପାସିଙ୍ଗ ଆଉଟ୍ ପ୍ୟାରେଡ ଅନୁଷ୍ଠିତ ହୋଇଯାଇଛି ।ଏହି ବ୍ୟାଚରେ ୩୩୫୮ ଜଣ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ୨୬୫୬ ଜଣ ଅଗ୍ନିବୀର (୧୪୨ ଜଣ ମହିଳା ଅଗ୍ନିବୀର) ରହିଥିବା ବେଳେ ୨୮୬ ଜଣ ନୌସେନା ଡାକ୍ତରୀ ସହାୟକ ଓ ୩୧୬ ଜଣ ତଟରକ୍ଷି ନାବିକ ଦୀର୍ଘ ୧୬ ସପ୍ତାହ ଧରି ସଫଳତାର ସହ ଶାରୀରିକ ଓ ମାନସିକ ପ୍ରଶିକ୍ଷଣ ନେଇ ଭାରତୀୟ ନୌସେନାରେ ବୀର ଯୋଦ୍ଧା ଭାବେ ଯୋଗ ଦେଇଛନ୍ତି ।ଉକ୍ତ ପ୍ୟାରେଡରେ ମୁଖ୍ୟ ଅତିଥି ଭାବେ ନାଭାଲ ମୁଖ୍ୟ ଆଡମିରାଲ କ୍ରିଷ୍ଣା ସ୍ୱାମୀନାଥନ ପିଭିଏସଏମ, ଏଭିଏସଏମ, ଭିଏସଏମ ନିରୀକ୍ଷଣ କରିଥିବା ବେଳେ ଭାଇସ ଆଡମିରାଲ ସମୀର ସକସେନା ଏଭିଏସଏମ, ଏନଏମ, ଫ୍ଲାଗ ଅଫିସର କମାଣ୍ଡିଙ୍ଗ ଇନ୍ ଚିଫ ଦକ୍ଷିଣ ନୌସେନା ଅଧିକାରୀ ପରିଚାଳନା କରିଥିଲେ ।ଅନୁଷ୍ଠିତ ପାସିଙ୍ଗ ଆଉଟ୍ ସମାରୋହରେ ସମସ୍ତ ତାଲିମପ୍ରାପ୍ତ ଅଗ୍ନିବୀର ପ୍ୟାରେଡ଼ ଗ୍ରାଉଣ୍ଡରେ ଚିତ୍ତାକର୍ଷକ ପ୍ରଦର୍ଶନ କରିଥିଲେ ।ଉକ୍ତ ସମାରୋହରେ ଉଚ୍ଚ ପଦସ୍ଥ ନୌସେନା ଅଧିକାରୀ, ପୂର୍ବତନ ନୌସେନା ଅଧିକାରୀ, ଅଗ୍ନିବୀରଙ୍କ ଅଭିଭାବକ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।ଶକ୍ତି ଏବଂ ସଂଜ୍ଞାନ ସହିତ ଦେଶ ସେବା କରୁଥିବା ବେଳେ ନୌସେନାର ମୂଳ ମୂଲ୍ୟବୋଧ, କାର୍ଯ୍ୟ ଦକ୍ଷତା, ଏବଂ ସାହାସକୁ ଅଗ୍ନିବୀର ମାନେ ସମର୍ଥନ କରିବାକୁ ପରାମର୍ଶ ଦେଇଥିଲେ ।

୧୧୨୪ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ




ଖଣ୍ଡପଡ଼ା,୧୩/୧୧ (ଅକ୍ଷର ଓଡ଼ିଶା) ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମଧୁବାବୁ ପେନସନ ଯୋଜନାରେ ସାମିଲ ହୋଇଥିବା ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଙ୍କ.ଦୁଷ୍ମନ୍ତ କୁମାର ସାଇଁ ଓ ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ଖଣ୍ଡପଡ଼ା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ,ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ,ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଝାଡେଶ୍ୱର ଦାସ, ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଅନିତ କୁମାର ବଡ଼ସେଙ୍ଗ ,ଅରୁଣ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଥିଲେ ।ଏ ଅବସରରେ ମଧୁବାବୁ ପେନସନ ଯୋଜନା ରେ ନୂତନ ଭାବେ ସାମିଲ ହୋଇଥିବା ବିଭିନ୍ନ ପଞ୍ଚାୟତର ୧୧୨୪ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକରେ କାର୍ଯ୍ୟରତ ରାଜଶ୍ରୀ ପଣ୍ଡା ,ମିତାଲି ମିଶ୍ର ଙ୍କ ସମେତ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ । ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ଗୋଟି ପଞ୍ଚାୟତର ଜନପ୍ରତିନିଧିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ନେଟବଲ ପ୍ରତିଯୋଗିତା ଉଦଘାଟନୀ ସମାରୋହ

ରଣପୁର ୧୩ /୧୧(ଅକ୍ଷର ଓଡିଶା) ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ଏବଂ ନୟାଗଡ଼ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନର ମିଳିତ ଆନୁକୂଲ୍ୟରେ ଗୁରୁବାରଦିନ ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ(୧୭ ବର୍ଷରୁ କମ୍ ବାଳକ ଓ ବାଳିକା)୭୦ତମ ଓଡିଶା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ନେଟ୍ ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି ।ଏହି କ୍ରୀଡା ପ୍ରତିଯୋଗୀତା ୧୨ତାରିଖଠାରୁ ୧୪ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ମହାଆଡମ୍ବର ସହକାରେ ପାଳିତ ହେବ । ଏହି ଉଦ୍‌ଘାଟନୀ ସମାରୋହ କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ସଂପାଦକ ତଥା ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଓ ସମ୍ମାନିତ ଅତିଥିଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସନ୍ୟାସୀ ପ୍ରଧାନ,ଖୋର୍ଦ୍ଧା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶଙ୍କରର୍ଷଣ ପ୍ରଧାନ, ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ସଂପାଦକ ତଥା ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ଓ ପ୍ରାକ୍ତନ ଶାରୀରିକ ଶିକ୍ଷା ଅଧିକାରୀ ତ୍ରିନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ପ୍ରତି ମୃତ୍ତିରେ ଫୁଲ, ଚନ୍ଦନ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ । ପ୍ରତିଯୋଗୀମାନଙ୍କ ସମାବେଶ, କ୍ରୀଡାବିତ୍ତମାନଙ୍କ ଦ୍ୱାରା ସମବେତ ପଦ ସଞ୍ଚାଳନ ଓ ଅତିଥିମାନଙ୍କ ଦ୍ୱାରା ରାଜ୍ୟ ଏବଂ ଜିଲ୍ଲା କ୍ରୀଡା ପତାକା ଉତ୍ତୋଳନ ହୋଇଥିଲା । ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଶ କରାଯାଇଥିଲା ।ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ସଂପାଦକ ତଥା ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ଅତିଥିମାନଙ୍କର ପରିଚୟ ପ୍ରଧାନ କରିଥିବାବେଳେ ସାମ୍ବାଦିକ ଜୟେନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ ।

ରାଷ୍ଟ୍ରୀୟ ହିନ୍ଦୁ ପରିଷଦପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ଭଦ୍ରକ ୧୩/୧୧ (ଅକ୍ଷର ଓଡିଶା)ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓଡ଼ିଶା ସଂଗଠନର ଭଦ୍ରକ ଜିଲ୍ଲା ତରଫରୁ ସ୍ଥାନୀୟ ହୋଟେଲ କଲ୍ୟାଣୀ, ଡାହାଣିଗଡ଼ିଆ (ଚରମ୍ପା)ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବର୍ତ୍ତମାନ ସାରା ରାଜ୍ୟ ତଥା ଭଦ୍ରକ ଜିଲ୍ଲାରେ ଗୋମାତା ସମ୍ପୂର୍ଣ୍ଣ ରୂପେ ଅସୁରକ୍ଷିତ । ଦୁଃଖ ଏବଂ ବିଡ଼ମ୍ବନାର ବିଷୟ ବର୍ତ୍ତମାନ ର ସରକାର ନିର୍ବାଚନ ପୂର୍ବରୁ ରାଜ୍ୟରେ ଗୋମାତା ଙ୍କୁ ସୁରକ୍ଷା ଦେବା ସହ ବେଆଇନ ଗୋଚାଲାଣକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ପୂର୍ଣ୍ଣ ପ୍ରତିଶ୍ରୁତି ଦେଇଥିଲେ ଏମିତିକି ବର୍ତ୍ତମାନ ଭଦ୍ରକ ଜିଲ୍ଲା ବେଆଇନ ଗୋଚାଲାଣକାରୀ ମାନଙ୍କ ପେଣ୍ଠସ୍ଥଳୀ ପାଲଟିଛି । ସବୁଠାରୁ ଦୁଃଖର ବିଷୟ ଭଦ୍ରକ ଜିଲ୍ଲାରେ ଶାସକ ଦଳର ଚାଣୁଆ ଏବ



ଶନିବାର ୧୪।୧୧।୨୦୨୬
ଅକ୍ଷର
AKHYARA ODISHA ଓଡିଶା

ଇଂଲଣ୍ଡକୁ ୭ ୱିକେଟ୍‌ରେ ହରାଇଲା ଅଷ୍ଟ୍ରେଲିଆ



ପର୍ଥ, ୧୩/୧୧ : ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ଯୁବ ଦ୍ରୁତ ବୋଲର ମାହଲି ବିୟର୍ଡମାନ୍ ଚମତ୍କାର ପଦାର୍ପଣ ବଳରେ ଅଷ୍ଟ୍ରେଲିଆ ୭ ୱିକେଟ୍ ବିଜୟୀ ହୋଇଛି। ୨୧ ବର୍ଷୀୟ ବିୟର୍ଡମାନ୍‌ଙ୍କ ୭.୪-୧-୨୪-୬ ବୋଲିଂ ସଫଳତା ପଦାର୍ପଣରେ ଅଷ୍ଟ୍ରେଲିଆ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ। ତାଙ୍କର ଏହି ଘାତକ ବୋଲିଂରେ ଭ୍ରମଣକାରୀ ଇଂଲଣ୍ଡ ୩୩.୪ ଓଭରରେ ୧୩୧ ରନ୍‌ରେ ଅଲ୍‌ଆଉଟ୍ ହୋଇ ଯାଇଥିଲା। ଦ୍ୱାଦଶ ଓଭରରେ ବୋଲିଂକୁ ଆସିଥିବା ବିୟର୍ଡମାନ୍ ନିଜର ପ୍ରଥମ ସ୍ପେଲ୍‌ରେ ଅଧିନାୟକ ହ୍ୟାରି ବ୍ରୁକ୍ ଓ ୨୦୦ତମ ଦିନିକିଆ ଖେଳୁଥିବା ଜୋ ରୁଟ୍‌ଙ୍କ ସହ ଜୋର୍ଡାନ କକ୍ସ, ସାମ କରନ୍, ଲିୟମ ଡସନ୍‌ଙ୍କୁ ଆଉଟ କରି ଦେବାରୁ ଇଂଲଣ୍ଡ ୧୭.୪ ଓଭରରେ ୬୦/୭ରେ ସଂଘର୍ଷ କରିଥିଲା। ତେବେ ନବମ ୱିକେଟ୍‌ରେ ୱିଲ୍ ଜାକ୍ସ (୨୫)ଙ୍କ ସହ ୩୭ ଏବଂ ଦଶମ ୱିକେଟ୍‌ରେ ଜୋଫ୍ରା ଆର୍ଚରଙ୍କ ସହ ଗସ୍ ଆଟ୍‌କିନସନ୍ (୨୯ଅ) ୨୯ ରନ୍ ଯୋଡ଼ିବାରୁ ଦଳ ୧୩୧ ରନ୍ କରି ପାରିଥିଲା। ଜବାବରେ ଅଷ୍ଟ୍ରେଲିଆ ମିଚେଲ ମାର୍ସ (୫୦)ଙ୍କ ଅର୍ଦ୍ଧଶତକ, କୁପର କନୋଲି ୨୭, ମ୍ୟାଟ୍ ରେନ୍‌ସ ୨୬ଅ ଓ ଜୋସ୍ ଇଂଲିସ୍ ୨୩ଅ ରନ୍ ବଳରେ ୨୩.୩ ଓଭରରେ ୩ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ବିୟର୍ଡମାନ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

ଡବ୍ଲ୍ୟୁଟିଏ ଫାଇନାଲ୍‌ସ: ସେମିରେ ପେଗୁଲା



ଇଣ୍ଡିଆନ୍ ୱେଲ୍‌ସ, ୧୩/୧୧ : ଚଳିତ ବର୍ଷର ଶେଷ ଟେନିସ ପ୍ରତିଯୋଗିତା ଡବ୍ଲ୍ୟୁଟିଏ ଫାଇନାଲ୍‌ସ ସେମିଫାଇନାଲ୍‌ରେ ଆମେରିକାର ଜେସିକା ପେଗୁଲା ପ୍ରବେଶ କରିଥିଲା କୋକୋ ଗଫ୍ ନକ୍‌ଆଉଟ୍ ହୋଇଛନ୍ତ। ଗୁରୁବାର ଗ୍ରୁପ୍-୧ର ଏକ ମୁକାବିଲାରେ ପଞ୍ଚମ ମାନ୍ୟତାପ୍ରାପ୍ତ ପେଗୁଲା ୭-୬, ୪-୬, ୭-୫ ସେଟ୍‌ରେ ଚେକ୍ ଗଣରାଜ୍ୟର ଲିଣ୍ଡା ନୋସ୍କୋଭାଙ୍କୁ ପରାସ୍ତ କରିଛନ୍ତି। ପୂର୍ବରୁ ୱିମ୍ବଲଡନ୍ ବିଜୟିନୀ ୧୯ ବର୍ଷୀୟା ନୋସ୍କୋଭା ୨ରୁ ୨ ବିଜୟ ସହ ସେମିଫାଇନାଲ୍ ପହଞ୍ଚି ସାରିଥିବାରୁ ଏହି ପରାଜୟ ତାଙ୍କ ଉପରେ କିଛି ପ୍ରଭାବ ପକାଇନି। ଏହି ଗ୍ରୁପ୍‌ର ଅନ୍ୟଏକ ମ୍ୟାଚ୍‌ରେ ଗଫ୍ ୬-୪, ୭-୫ ସେଟ୍‌ରେ ୟୁକ୍ରେନ୍‌ର ମାର୍ତା କୋଷ୍ଟ୍ୟୁକଙ୍କୁ ହରାଇବା ସତ୍ତ୍ୱେ ବିଦାୟ ନେଇଛନ୍ତି।

୨୪୪ ରନ୍‌ର ବ୍ୟବଧାନରେ ଧରାଶାୟୀ ଟିମ୍ ଇଣ୍ଡିଆ

ମାଉଣ୍ଟ ମାଉଙ୍ଗାନୁଇ, ୧୩/୧୧ : ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଦିନିକିଆରେ ଟିମ୍ ଇଣ୍ଡିଆର ଲଜ୍ଜାଜନକ ପରାଜୟ। ଏହି ମ୍ୟାଚ୍‌ରେ ଘରୋଇ ଦଳ ନ୍ୟୁଜିଲାଣ୍ଡ ୨୪୪ ରନ୍‌ର ବୃହତ୍ ବ୍ୟବଧାନରେ ଭାରତକୁ ପରାସ୍ତ କରିଛି। ଏହା

ଭାରତ-ନ୍ୟୁଜିଲାଣ୍ଡ ଚତୁର୍ଥ ଦିନିକିଆ



ଭାରତର ୫୨ ବର୍ଷର ଦିନିକିଆ କ୍ରିକେଟ୍ ଇତିହାସରେ ଦ୍ୱିତୀୟ ସର୍ବବୃହତ୍ ପରାଜୟ। ନ୍ୟୁଜିଲାଣ୍ଡର ୩୩୩ ରନ୍‌ର ଜବାବରେ ଭାରତୀୟ ଦଳ ମାତ୍ର ୮୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଓପନର ୱିଲ୍ ୟଙ୍ଗ୍‌ଙ୍କ ଶତକୀୟ ଇନିଂସ ବଳରେ ୩୩୩ ରନ୍‌ର ମଜଭୁତ ସ୍କୋର ଛିଡ଼ା କରିଥିଲା। ୟଙ୍ଗ୍ ୧୦୮ ବଲ୍‌ରୁ ୧୨୫ ରନ୍ ସଂଗ୍ରହ କରିଥିଲେ। ତାଙ୍କ ଇନିଂସରେ ୧୪ଟି ଚୌକା ଓ ୪ଟି ଛକା ସାମିଲ ଥିଲା। ଏହାସହ ଟିମ୍ ସେଫର୍ଟ ୫୮ ଏବଂ ଫିନ୍ ଆଲେନ୍ ୪୧ ରନ୍ କରି ଦଳର ସ୍କୋରକୁ ଆଗକୁ ବଢ଼ାଇଥିଲେ।୩୩୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତର ଆରମ୍ଭ ଅତ୍ୟନ୍ତ ନିରାଶାଜନକ ଥିଲା। ନ୍ୟୁଜିଲାଣ୍ଡର ଦ୍ରୁତ ବୋଲର ମ୍ୟାଟ୍ ହେନ୍‌ରୀ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍‌କୁ ଦୋହଲାଇ ଦେଇଥିଲେ। ଇନିଂସର ପ୍ରଥମ ଓଭରର ପ୍ରଥମ ବଲ୍‌ରେ ରୋହିତ ଶର୍ମା, ପଞ୍ଚମ ବଲ୍‌ରେ ବିରାଟ କୋହଲି ଏବଂ ଷଷ୍ଠ ବଲ୍‌ରେ ଅଧିନାୟକ ଶ୍ରେୟସ ଆୟର ଆଉଟ୍ ହୋଇଥିଲେ। ଗୋଟିଏ ଓଭରରେ ତିନି ଜଣ ପ୍ରମୁଖ ବ୍ୟାଟରଙ୍କୁ ପ୍ୟାଭିଲିୟନ ପଠାଇ ହେନ୍‌ରୀ ଭାରତକୁ ବଡ଼ ଝଟ୍‌କା ଦେଇଥିଲେ। ଏହାପରେ ଋତୁରାଜ ଗାଏକୱାଡ୍ ମାତ୍ର ୫ ରନ୍ କରି ଆଉଟ୍ ହେବାରୁ ଭାରତର ସ୍ଥିତି ଆହୁରି ସଙ୍ଗିନ ହୋଇପଡ଼ିଥିଲା। ଦଳୀୟ ସ୍କୋର ୯ ରନ୍‌ରେ ୪ ୱିକେଟ୍ ହରାଇଥିଲା। ଇଶାନ କିଶନ ଓ ଅକ୍ଷର ପଟେଲ କିଛି ସମୟ ଧରି ଲଢ଼େଇ କରିଥିଲେ। ଉଭୟଙ୍କ ମଧ୍ୟରେ ୪୪ ରନ୍‌ର ଭାଗୀଦାରି ହୋଇଥିଲେ ମଧ୍ୟ ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିପାରିନଥିଲା। ଅକ୍ଷର ୨୧ ରନ୍ କରିଥିବା ବେଳେ ଇଶାନ ୫୩ ବଲ୍‌ରୁ ୨୭ ରନ୍ କରିଥିଲେ। ଅନ୍ୟ ବ୍ୟାଟରମାନେ ମଧ୍ୟ ନିରାଶ କରିଥିଲେ। ମ୍ୟାଟ୍ ହେନ୍‌ରୀ ୫ଟି ୱିକେଟ୍ ନେଇ ଭାରତୀୟ ବ୍ୟାଟିଂକୁ ଧ୍ୱସ୍ତ କରିଦେଇଥିଲେ। ନମନ ଧୀର ଓ ଅନ୍ୟ ବ୍ୟାଟରମାନେ ମଧ୍ୟ ବଡ଼ ଇନିଂସ ଖେଳିବାରେ ବିଫଳ ହୋଇଥିଲେ। ଶେଷରେ ଭାରତ ୨୬.୪ ଓଭରରେ ମାତ୍ର ୮୯ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା।ଏହି ପରାଜୟ ଭାରତୀୟ ଦଳ ପାଇଁ ଏକ ବଡ଼ ଝଟ୍‌କା ହୋଇଥିବା ବେଳେ ସିରିଜ୍‌ରେ ଦଳର ସ୍ଥିତି ଓ ଆଗାମୀ ମ୍ୟାଚ୍‌କୁ ନେଇ ଚିନ୍ତା ବଢ଼ାଇଛି।

ଯୁବ ଅଲିମ୍ପିକ୍ସ : ଭାରତକୁ ୨ ସ୍ୱର୍ଣ୍ଣ ସହ ୧୦ ପଦକ

ଡାକାର, ୧୩/୧୧ : ସେନେଗାଲର ଡାକାରରେ ଶେଷ ହୋଇଥିବା ଯୁବ ଅଲିମ୍ପିକ୍ସରେ ଭାରତୀୟ ଖେଳାଳିମାନେ ଐତିହାସିକ ସଫଳତା ହାସଲ କରିଛନ୍ତି। ମାତ୍ର ୧୭ ଜଣିଆ ଭାରତୀୟ ଦଳରୁ ୯ ଜଣ ଖେଳାଳି ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ କାଂସ୍ୟ ସହ ମୋଟ ୧୦ ପଦକ ଜିତି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହା ଯୁବ ଅଲିମ୍ପିକ୍ସରେ ଭାରତର ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନ। ୨୦୧୮ରେ ଭାରତ ୪୬ ଜଣିଆ ଦଳ ପଠାଇଥିଲା ବେଳେ ୧୩ ପଦକ ମିଳିଥିଲା। ଏଥର ଛୋଟ ଦଳ ନେଇ ଭାରତ ୧୦ ପଦକ ଜିତିଛି। ଏହି ସଂସ୍କରଣରେ ଅନେକ କ୍ରୀ ?ାରେ ଭାରତକୁ ପ୍ରଥମ ପଦକ ମିଳିଥିଲା। ଏଥର ମୁଷ୍ଟିଯୁଦ୍ଧରେ ଭାରତକୁ ପ୍ରଥମ ଥର ୨ ସ୍ୱର୍ଣ୍ଣ ପଦକ ମିଳିଛି। ଏହି ଦୁଇ ସ୍ୱର୍ଣ୍ଣ ଗୁଞ୍ଜନ (ବାଳିକା ୪୮ କେଜି) ଓ ଆମ୍ଭେକର ମିତେଇ (ବାଳକ ୫୦ କେଜି) ଜିତିଥିଲେ। ସନ୍ତରଣରେ ଧୀନିଧି ଦେସିଙ୍ଗୁ (୧୦୦, ୨୦୦ ମିଟର ଫ୍ରିଷ୍ଟାଇଲ୍) ୨ କାଂସ୍ୟ ଜିତି ଗୋଟିଏ ସଂସ୍କରଣରେ ଯୁଗଳ ପଦକ ପାଇବାରେ ପ୍ରଥମ ଭାରତୀୟ ହୋଇଥିଲେ। ଓଡ଼ିଆ ଝିଅ ତନ୍ୱୀ ପତ୍ରୀ ମଧ୍ୟ ପ୍ରଥମ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଏକକରେ ରୌପ୍ୟ ଜିତିଥିଲେ। ବିର୍ କୁଷ୍ଟିରେ ଭାରତ ପାଇଁ ପ୍ରଥମ ପଦକ ତାନିୟା (ରୌପ୍ୟ) ଜିତିଥିଲେ। ଦୌଡ଼ କୁଦରେ ଶୌର୍ଯ୍ୟା ଅୟୁରେ ମହିଳା ୧୦୦ ମିଟର ବାଧାଦୌଡ଼ରେ କାଂସ୍ୟ



ଜିତିବାରେ ପ୍ରଥମ ହୋଇଥିଲେ। ଏହି ପ୍ରତିଯୋଗିତାରେ ୨୦୭ ଦେଶରୁ ୧୫୫୨ ୧୮ ବର୍ଷ ବୟସର ୨୭୦୦ରୁଉର୍ଦ୍ଧ୍ୱଗିତ ଖେଳାଳି ୨୫ କ୍ରୀଡ଼ା, ଶୃଙ୍ଖଳାରେ ଅଂଶଗ୍ରହଣ କରିଥିଲେ। ପଦକ ବିଜେତା ଭାରତୀୟ: ଆମ୍ଭେକର ମିତେଇ, ଗୁଞ୍ଜନ (ସ୍ୱର୍ଣ୍ଣ), ଖୁସବୁ ରଜାକଭାଇ ଦର୍ଜା।ଦା, ତନ୍ୱୀ ପତ୍ରୀ (ରୌପ୍ୟ), ଧୀନିଧି ଦେସିଂଘୁ (୨), ରାଜକୁମାର ଲଞ୍ଚେନ୍‌ବି ଚାନୁ, ତୀର୍ଥଙ୍କ ପେଗୁ, ତାନିୟା, ଶୌର୍ଯ୍ୟା ଅୟୁରେ (କାଂସ୍ୟ)।

ସରକାରଙ୍କ ପାରା କ୍ରୀଡ଼ା ନୀତିକୁ ପ୍ରମୋଦଙ୍କ ନାପସନ୍ଦ

ଭୁବନେଶ୍ୱର, ୧୩/୧୧ : ନିକଟରେ ପାରା ଏସୀୟ କ୍ରୀଡ଼ାରେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିବା ପ୍ରମୋଦ ଭଗତ ଗୁରୁବାର ଓଡ଼ିଶା ଫେରିବା ପରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ନୀତିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଇଚି-ନାଗୋୟାରେ ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିବା ଏହି ଟୋକିଓ ଅଲିମ୍ପିକ୍ସ ବିଜେତା ୧୫ ଦିନ ହେଲା ଦେଶରେ ପହଞ୍ଚିଥିଲେ ମଧ୍ୟ ଓଡ଼ିଶା ସରକାର ତାଙ୍କୁ ସମ୍ବର୍ଦ୍ଧିତ କରି ନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ଗୁରୁବାର ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ କ୍ରୀଡ଼ା ବିଭାଗ ପକ୍ଷରୁ କିଛି ବରିଷ୍ଠ ଅଧିକାରୀ ଅବଶ୍ୟ ତାଙ୍କୁ ସ୍ୱାଗତ କରିଥିଲେ। ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରମୋଦ କହିଛନ୍ତି ଯେ ମୋତେ ଲାଗୁଛି ଓଡ଼ିଶା ସରକାର ପାରା କ୍ରୀଡ଼ାବିତ୍‌ଙ୍କ ପ୍ରତି ଅବହେଳା ଓ ପକ୍ଷପାତିତା କରୁଛନ୍ତି। ସରକାର ପ୍ରତିଯୋଗିତା ଆୟୋଜନ ପାଇଁ ରାଜ୍ୟ ପାରା କ୍ରୀଡ଼ା ସଂଘକୁ ସହଯୋଗ କରୁଛନ୍ତି। କିନ୍ତୁ ସାଧାରଣ କ୍ରୀଡ଼ାବିତ୍‌ଙ୍କ ଭଳି ପାରା କ୍ରୀଡ଼ାବିତ୍‌ଙ୍କ ପାଇଁ ସେଭଳି କିଛି ନୀତି



ଥିବା ମୋତେ ଲାଗୁନି। ପାରା କ୍ରୀଡ଼ାରେ ତୃଣମୂଳ ସ୍ତରରୁ ପ୍ରତିଭା ଅନ୍ୱେଷଣ କରି ଆଗକୁ ବଢ଼ିବାରେ ସହଯୋଗ ଓଡ଼ିଶା ସରକାର କରୁନାହାନ୍ତି। ପ୍ରମୋଦ ପୁଣି କହିଛନ୍ତି ଯେ ମୁଁ ରାଜ୍ୟର ଏକମାତ୍ର ଖେଳରତ୍ନ ପୁରସ୍କାର ବିଜେତା। ହେଲେ ଦୁଇ ବର୍ଷ ହେବ ମୋତେ କୌଣସି ପ୍ରୋତ୍ସାହନ ରାଶି ମିଳିନି। ଆଇଚି-ନାଗୋୟା ପାରା ଏସୀୟ କ୍ରୀଡ଼ାର ଆମ ସମସ୍ତ ପଦକ ବିଜେତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବର୍ଦ୍ଧିତ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ କିନ୍ତୁ ସମ୍ମାନ ଟିକିଏ ମିଳିଲାନି। ପୂର୍ବରୁ ପଦକ ଜିତିକି ଆସୁ ଆସୁ ବିମାନବନ୍ଦରରେ ଆମକୁ ସ୍ୱାଗତ କରି ଷ୍ଟାଡିୟମ୍‌କୁ ଅଣାଯାଇ ସମ୍ବର୍ଦ୍ଧିତ କରାଯାଉଥିଲା। ହେଲେ ଏବେ ଏସବୁ ନାହିଁ। ଓଡ଼ିଶାର ଆମେ ୩ ଜଣ ଆଇଚି-ନାଗୋୟାରେ ପଦକ ଜିତିଥିଲୁ। କେବଳ ପାୟଲ ନାଗକୁ ପ୍ରୋତ୍ସାହନ ରାଶି ସହ ସମ୍ବର୍ଦ୍ଧିତ କରାଯାଇଛି। ସରକାର ଜଣେ କ୍ରୀଡ଼ାବିତ୍‌ଙ୍କୁ ଜୀବନକାଳ ଭିତରେ ଅତିବେଶୀରେ ୯ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ନେବାର ନିୟମ ଥିବାରୁ ମୋତେ ଆଉ କିଛି ମିଳୁନି।

ଦୀର୍ଘ ଦିନର ଅପେକ୍ଷାର ଅନ୍ତ, କୋକସରା ବ୍ଲକରେ ୧୨୪୦ ନୂତନ ଭତ୍ତା ମଞ୍ଜୁର

କୋକସରା,୧୩/୧୧(ମଙ୍ଗରାଜ ବେହେରା) ଦୀର୍ଘ ଦିନର ଅପେକ୍ଷାର ଅନ୍ତ ଘଟିଛି। ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ କୋକସରା ବ୍ଲକରେ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କୋକସରା ବ୍ଲକ ସଭାଗୃହରେ ବିଡିଓ ଡ. ହିମାଞ୍ଚଳ ମାଝୀଙ୍କ ତତ୍ତ୍ୱାବଧାନରେ ଏହି ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମଞ୍ଚାସୀନ ଥିଲେ।ସୂଚନା ଅନୁସାରେ, କୋକସରା ବ୍ଲକ ପାଇଁ ମୋଟ ୧୨୪୦ ଜଣଙ୍କ ନୂତନ ଭତ୍ତା ମଞ୍ଜୁର ହୋଇଛି। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୦୦ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏଥିସହ ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ୪ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି। ପ୍ରତ୍ୟେକ ହିତାଧିକାରୀଙ୍କୁ ଦୁଇ ମାସର ଭତ୍ତା ବାବଦକୁ ୨୦୦୦ ଟଙ୍କା ଓ ୮୦ ବର୍ଷୀୟା ଙ୍କୁ ୭୦୦୦ ଟଙ୍କା ଲେଖାଏଁ ଦିଆଯାଇଥିଲା। ଅନ୍ୟପକ୍ଷରେ, ବାକି ହିତାଧିକାରୀଙ୍କୁ



ଆସନ୍ତା ନଭେମ୍ବର ୨୫ ତାରିଖରେ ପଞ୍ଚାୟତ ସ୍ତରରେ ଭତ୍ତା ପ୍ରଦାନ କରାଯିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ଜିପିଡିଓ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଲୋକନାଥ ଭାଟି ପରିଚାଳନା କରିଥିଲେ। ନୂତନ ଭତ୍ତା ପ୍ରଦାନ ଦ୍ୱାରା ଦୀର୍ଘଦିନ ଧରି ଅପେକ୍ଷା କରିଥିବା ଅନେକ ଅସହାୟ ଓ ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କୁ ଆଶ୍ୱସ୍ତି ମିଳିଛି।

ମଡେଲ ଡିଗ୍ରୀ କଲେଜ, ଖଡ଼ିଆଳରେ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ

ନୂଆପଡା ,୧୩/୧୧(ଅକ୍ଷର ଓଡିଶା):ମଡେଲ ଡିଗ୍ରୀ କଲେଜ, ଖଡ଼ିଆଳର କ୍ୟାରିୟର କାଉନସେଲିଂ ଓ ପ୍ଲେସମେଣ୍ଟ ସେଲ୍ ପକ୍ଷରୁ ଏଚସିଏଲ ଗୁଭି ସହଯୋଗରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ କର୍ମଶାଳା ସହ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।କାର୍ଯ୍ୟକ୍ରମର ସଂଯୋଜକ ତଥା କ୍ୟାରିୟର କାଉନସେଲିଂ ଓ ପ୍ଲେସମେଣ୍ଟ ସେଲ୍ ସଂଯୋଜକ ଡଃ ଶିବ କୁମାରଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। କଲେଜର ଅଧ୍ୟକ୍ଷ ଡଃ ଅକ୍ଷୟ କୁମାର ସାହୁ ସଭାପତିତ୍ୱ କରି ନିଜ ବକ୍ତବ୍ୟରେ ଆଧୁନିକ ଯୁଗରେ ଡିଜିଟାଲ ଶିକ୍ଷା ଓ ବୈଷୟିକ ଦକ୍ଷତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ସ୍କିଲ୍ ଇଣ୍ଡିଆ ଅଭିଯାନରେ ସାମିଲ ହୋଇ ନିଜର ଦକ୍ଷତା ବିକାଶ କରିବା ସହ ଭବିଷ୍ୟତରେ ଉତ୍ତମ ନିଯୁକ୍ତି ସୁଯୋଗ ହାସଲ କରିବାକୁ ପ୍ରେରଣା ଦେଇଥିଲେ।ଏହି କାର୍ଯ୍ୟକ୍ରମରେ କ୍ୟାରିୟର କାଉନସେଲିଂ ଓ ପ୍ଲେସମେଣ୍ଟ ସେଲ୍ ଗୁଭିର ବରିଷ୍ଠ କାର୍ଯ୍ୟନିର୍ବାହୀ ସତୀଶ ସାହୁ ଓ ଅଯୋଧ୍ୟାନାଥ ପାଣିଗ୍ରାହୀ ଉତ୍ସବର ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତା (AI), ଡାଟା ବ୍ୟାଖ୍ୟାନ, ଆଧୁନିକ ଡିଜିଟାଲ ଉପକରଣ ଏବଂ ଶିକ୍ଷାନୁଷ୍ଠାନରେ ଏହାର ବ୍ୟବହାର ସମ୍ପର୍କରେ ବିସ୍ତୃତ ଓ ବ୍ୟବହାରିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିସହ ଅନଲାଇନ୍ ଦକ୍ଷତା ବିକାଶ ଓ ପ୍ରମାଣପତ୍ର ଭିତ୍ତିକ ପାଠ୍ୟକ୍ରମ ସମ୍ପର୍କରେ ମଧ୍ୟ ଅବଗତ କରାଇଥିଲେ।କର୍ମଶାଳାରେ ଅଂଶଗ୍ରହଣ କରିଥିବା ଅନେକ ଛାତ୍ରଛାତ୍ରୀ କ୍ୟାରିୟର କାଉନସେଲିଂ ଓ ପ୍ଲେସମେଣ୍ଟ ସେଲ୍ ପ୍ଲାଟଫର୍ମରେ ନିଜ ନାମ ପଞ୍ଜୀକରଣ କରି ଇଓ ପ୍ରଶିକ୍ଷଣ ଓ ବିଭିନ୍ନ ଅନଲାଇନ୍ ପାଠ୍ୟକ୍ରମର ସୁଯୋଗ ଗ୍ରହଣ କରିଥିଲେ। ଶେଷରେ ଡଃ ଶିବ କୁମାର ଧନ୍ୟବାଦ ଅର୍ପଣ କରିବା ସହ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ଓ ଉତ୍ସାହକୁ ପ୍ରଶଂସା କରିଥିଲେ।

ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଜଳେଶ୍ୱର,୧୩/୧୧-(ଭୂପତି ପରିଡ଼ା):ଜଳେଶ୍ୱର ସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପକ୍ଷରୁ କୋଟସାହି ଗ୍ରାମ ପଞ୍ଚାୟତର ଏସଏଚଜି ମହିଳାଙ୍କୁ ନେଇ କୃଷି ପ୍ରସାରଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପିଏନବି ର ଚିଫ ମ୍ୟାନେଜର ମୃନାଲକାନ୍ତି ମହାନ୍ତି, ସେନିଅର ବ୍ରାଞ୍ଚ ହେଡ ସୁରେନ୍ଦ୍ର କୁମାର ପ୍ରଧାନ, ଯୁବିଆଇ ମ୍ୟାନେଜର ପଙ୍କଜ କୁମାର ସାହୁ, ବ୍ୟାଙ୍କ କୃଷି ଅଧିକାରୀ ହେନା ପ୍ରିଦ୍ୟୁସ, ବ୍ୟାଙ୍କ ମିତ୍ର ମିନତୀ ପାଳ ଓ ବ୍ୟାଙ୍କ କୋର୍ ବିନେଟର ସମ୍ଭୁନାଥ ଗୋଛାୟତ ପ୍ରମୁଖ ଉପସ୍ଥିତ ହୋଇ ବ୍ୟାଙ୍କରୁ ଋଣ ନେଇ ବିଭିନ୍ନ ଚାଷ ଓ ବ୍ୟବସାୟ କରି ନିଜେ ନିଜେ ସାବଲମ୍ବୀ ହୋଇପାରିବେ ସେବାବଦରେ ଆଲୋଚନା କରିଥିଲେ।ଋଣ ନେଇ ଠିକ ସମୟରେ ପରିଶୋଧ କଲେ ଋଣ ଛାଡ଼ ହୋଇପାରିବ ବୋଲି କହିଥିଲେ।ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଏସଏଚଜି ର ଶତାଧିକ ମହିଳା ଉପସ୍ଥିତ ଥିଲେ।

ସାପ କାମୁଡ଼ାରେ ପ୍ରାକ୍ତନ ସରପଞ୍ଚଙ୍କ ପତ୍ନୀ ମୃତ

ଖଲିକୋଟ, ୧୩/୧୧ (ନିଲୁ ପଣ୍ଡା)ଖଲ୍ଲିକୋଟ ବ୍ଲକ କନକା ପଞ୍ଚାୟତ ଅଧୀନସ୍ଥ କନକା ଗ୍ରାମର ପୂର୍ବତନ ସରପଞ୍ଚ ଗୋପାଳ ନାହାକଙ୍କ ସ୍ତ୍ରୀ ଭାଷୀ ନାହାକ ଜମିକୁ ଯାଇଥିବା ସମୟରେ ସେଠାରେ ତାହାଙ୍କୁ ଅଜଣା ସକ୍ଷପ କାମୁଡ଼ିଦେଇଥିଲା । ଗୁରୁତର ଆହତ ଅବସ୍ଥାରେ ତାହାଙ୍କୁ ଖଲ୍ଲିକୋଟ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା । ଡାକ୍ତର ସେହିଠାରେ ତାହାଙ୍କୁ ମୃତ ଘୋଷଣା